# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, July 4/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 219 | ମୂଲ୍ୟ ₹୭/-




## ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ

ରୁଷିଆର ସ୍ୱଳ୍ପ ବୟସ୍କା ମୀରା ଆନ୍ଦ୍ରିଭା ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୪

୧୦

## ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି

ଅଭିନେତା ଧନୁଷ୍ ଏବଂ ଅଭିନେତ୍ରୀ କ୍ରିତି ସାନୋନ୍‌ଙ୍କ ପରବର୍ତ୍ତୀ ଫିଲ୍ମ 'ତେରେ ଇଶ୍କ ମେଁ'ର ଶୁଟିଂ ଶେଷ ହୋଇଛି। ଏନେଇ କ୍ରିତି ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।



# ଗିଲ୍‌ଙ୍କ ଦ୍ୱିଶତକ

## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ

୨୬୯ ରନ୍

୩୦ ଚୌକା

୩ ଛକା



ବର୍ମିଂହାମ,୩।୭(ପି.ଟି.)

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଭାରତର ଅଧିନାୟକ ଶୁବମନ ଗିଲ୍ ଦ୍ୱିଶତକୀୟ (୨୬୯ ରନ୍) ମାରାଥନ ପାଳି ଖେଳିଛନ୍ତି। ଏହି ଇନିଂସ ଅବସରରେ ସେ ଭାରତୀୟ ବ୍ୟାଟର ଭାବେ ଇଂଲଣ୍ଡ ମାଟିରେ ସର୍ବାଧିକ ରନ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଭାରତର କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କରଙ୍କ ନାମରେ ଥିଲା। ସେ ୧୯୭୯ରେ ଦି ଓଭାଲଠାରେ ୨୨୧ ରନର ଇନିଂସ ଖେଳିଥିଲେ। ଇଂଲଣ୍ଡ ମାଟିରେ ଦ୍ୱିଶତକ କରିଥିବା ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍ ମଧ୍ୟ ରହିଛନ୍ତି। ସେ ୨୦୦୨ରେ ଦି ଓଭାଲଠାରେ ୨୧୭ ରନର ପାଳି ଖେଳିଥିଲେ। ତେବେ ଗିଲ୍ ପଞ୍ଚମ ଭାରତୀୟ ଅଧିନାୟକ ଭାବେ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି। ଏହି ତାଲିକାରେ ମାକ ପଟୌଦି, ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର ଓ ମହେନ୍ଦ୍ର ସିଂ ଧୋନୀ ରହିଛନ୍ତି।

ଏତଦ୍ ବ୍ୟତୀତ ଗିଲ୍ ପ୍ରଥମ ଭାରତ ତଥା ପ୍ରଥମ ଏସିଆନ ଅଧିନାୟକ ଭାବେ ଇଂଲଣ୍ଡ ମାଟିରେ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି। ଏଥିପୂର୍ବରୁ ଏସିଆନ ଅଧିନାୟକ ଭାବେ ଇଂଲଣ୍ଡରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ଶ୍ରୀଲଙ୍କାର ତିଲକରତ୍ନେ ଦିଲଶାନଙ୍କ ନାମରେ ଥିଲା। ସେ ୨୦୧୧ରେ ଲର୍ଡ୍ସଠାରେ ୧୯୩ ରନର ଇନିଂସ ଖେଳିଥିଲେ। ଭାରତୀୟ ଅଧିନାୟକଙ୍କ ମଧ୍ୟରେ ମହମ୍ମଦ ଆଝାରୁଦ୍ଦିନଙ୍କ ନାମରେ ସର୍ବାଧିକ ରନ କରିବାର ରେକର୍ଡ ଥିଲା। ସେ ୧୯୯୦ରେ ମାଞ୍ଚେଷ୍ଟର ୧୭୯ ରନର ଇନିଂସ ଖେଳିଥିଲେ।

# ଜେଲ ଗଲେ ଜଗନ୍ନାଥ

- ଆତ୍ମସମର୍ପଣ ପରେ ଗିରଫ
- କହିଲେ ଦଳ, ସରକାରଙ୍କୁ ବଦନାମ୍ ପାଇଁ ହୋଇଛି ଷଡ଼ଯନ୍ତ୍ର
- ଓଏଏସ୍ ସଂଘ ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର,୩।୭ (ରବିନାରାୟଣ ଜେନା/ ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭାଜପା ନେତା ଜଗନ୍ନାଥ ପ୍ରଧାନ ଗୁରୁବାର ରାତି ପ୍ରାୟ ୧୦ଟାରେ ଭୁବନେଶ୍ୱର ଡିସିପି ଅଫିସ୍‌ରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ପୋଲିସ ଗିରଫ ଦର୍ଶାଇ କ୍ୟାପିଟାଲ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇଥିଲା। ସ୍ୱାସ୍ଥ୍ୟପରୀକ୍ଷା ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଜଗନ୍ନାଥଙ୍କ ସମର୍ଥକମାନେ ରତ୍ନାକରଙ୍କ ଗିରଫ ଦାବିରେ ବାଣୀବିହାର ଛକରେ ଧାରଣା ଦେବା ସହ ଜାତୀୟ ରାଜପଥ ଅବରୋଧ କରିଥିଲେ। ଆତ୍ମସମର୍ପଣ ପୂର୍ବରୁ ଜଗନ୍ନାଥ ଡିସିପି ଜଗମୋହନ ମୀନାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ରତ୍ନାକରଙ୍କୁ ଆକ୍ରମଣ ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ଭାଜପା ଓ ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ ତାଙ୍କ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ହୋଇଛି। ଓଏଏସ୍ ସଂଘ ଏ ଷଡ଼ଯନ୍ତ୍ରର ଏକ ଅଂଶ ପାଲଟିଛି। ଓଏଏସ୍ ଅଧିକାରୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ବନ୍ୟା ଦୁର୍ଗତଙ୍କୁ ସହାୟତା ଦେବାରେ ବାଧା ଉପୁଜିଛି। ଯଦି ତାଙ୍କ ଗିରଫଦାରିରେ ସମାଧାନ ହୋଇପାରିବ, ତେବେ ସେ ସହଯୋଗ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ଜଗନ୍ନାଥଙ୍କୁ ମିଶାଇ ମୋଟ ୬ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟମାନେ ହେଲେ ଭୁବନେଶ୍ୱର ୨୯ ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତ, ରଶ୍ମି ମହାପାତ୍ର, ଦେବାଶିଷ ପ୍ରଧାନ, ସଞ୍ଜୀବ ମିଶ୍ର ଏବଂ ସଚ୍ଚିକାନ୍ତ ସ୍ୱାଇଁ। ଅନ୍ୟପକ୍ଷରେ ଜଗନ୍ନାଥଙ୍କୁ ଗିରଫ ଦାବିରେ ଅଟଳ ରହି ଓଏଏସ୍ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲା। ଜଗନ୍ନାଥ ଗିରଫ ହେବା ପରେ ଓଏଏସ୍ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ☞ପୃଷ୍ଠା-୪



ଜଗନ୍ନାଥ ପ୍ରଧାନ



ବିଏମ୍‌ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାରି ନେଇ ମାଡ଼ ମରାଯିବାର ଦୃଶ୍ୟ।

## ତଣ୍ଟିରେ ମାଛକଣ୍ଟା

ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)

ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଆକ୍ରମଣ କରିଥିବା ୫ ଜଣଙ୍କୁ ପୋଲିସ ପୂର୍ବରୁ ଗିରଫ କରିସାରିଥିବା ବେଳେ ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଓଏଏସ୍ ସଂଘ ଜୋର୍‌ଦାର ଆନ୍ଦୋଳନ କରିଥିଲା। ଶେଷରେ ଜଗନ୍ନାଥ ନିଜେ ଆତ୍ମସମର୍ପଣ କରିବାକୁ ବାଧ୍ୟହେଲେ। ଖାରବେଳନଗର ଥାନା ପୋଲିସ ତାଙ୍କୁ ଗିରଫ କରିଛି। ତେବେ ଏହି ଘଟଣା ପାଇଁ ଦଳ ଭିତରୁ ମଧ୍ୟ ଜଗନ୍ନାଥଙ୍କୁ ପ୍ରବଳ ବିରୋଧ ହେଉଥିଲା। ଏବେ ଜଗନ୍ନାଥଙ୍କ ବିରୋଧରେ ଦଳ ପକ୍ଷରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଉପରେ ସମସ୍ତଙ୍କ ନଜର। କାରଣ ଆକ୍ରମଣ କରିଥିବା ୫ ଜଣଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳରୁ ନିଲମ୍ବିତ କରିସାରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଜଗନ୍ନାଥଙ୍କ ବିଷୟରେ ମନମୋହନଙ୍କ ବେକରେ ମାଛକଣ୍ଟା ଭଳି ଲାଗିଯାଇଛି। ଜଗନ୍ନାଥଙ୍କୁ ମଧ୍ୟ ନିଲମ୍ବନକରି ଦଳ ଏବଂ ସରକାରଙ୍କ ଭାବମୂର୍ତ୍ତି ଠିକ୍ କରିବା ଲାଗି ଭାଜପାର ଅନେକ ନେତା ଭିତରେ ଚାପ ପକାଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଭାଜପାର ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଜଗନ୍ନାଥଙ୍କ ଇଙ୍ଗିତରେ ଏଭଳି ଘଟଣା ଘଟିବାପରେ ଯଦି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଉଛି, ତେବେ ରାଜ୍ୟର ଅନେକ ଦଳୀୟ ନେତା ସମାନ ରାସ୍ତା ଆପଣାଇପାରନ୍ତି। ଏଭଳି ହେଲେ ବର୍ଷକର ସରକାର ଆହୁରି ବଦନାମ୍ ହେବା ପାଇଁ ବାଟ ଫିଟିଯିବ। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। କାରଣ ତାଙ୍କର ଯେଉଁ ୫ ଜଣ ସମର୍ଥକ ଏହି ଘଟଣା ଘଟାଇଥିଲେ ସେମାନେ ଦଳରୁ ନିଲମ୍ବନ ହୋଇସାରିଛନ୍ତି।

# ସମୟ ପୂର୍ବରୁ ଜନ୍ମ ହେଉଛନ୍ତି ୧୩% ଶିଶୁ

**ଦେଶରେ ବାୟୁ ପ୍ରଦୂଷଣ ଯୋଗୁ ୧୩% ଶିଶୁ ସ୍ୱାଭାବିକ ସମୟ ପୂର୍ବରୁ ଜନ୍ମ ହେଉଥିବାବେଳେ ୧୭% ନବଜାତକଙ୍କ ଓଜନ କମ୍ ରହୁଛି। ବିଶେଷକରି ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଜନ୍ମିତ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ବାୟୁ ପ୍ରଦୂଷଣର ଏଭଳି ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି। ଏହି କ୍ଷେତ୍ରରେ ୩୯% ସହ ହିମାଚଳ ପ୍ରଦେଶ ସବା ଆଗରେ ଥିବାବେଳେ ଉତ୍ତରାଖଣ୍ଡର ୨୭ ପ୍ରତିଶତ ଶିଶୁ ଅପରିପକ୍ୱ ଅବସ୍ଥାରେ ଜନ୍ମ ଗ୍ରହଣ କରୁଛନ୍ତି। ସେହିପରି ରାଜସ୍ଥାନରେ ୧୮% ଓ ଦିଲ୍ଲୀରେ ୧୭% ପିଲାଙ୍କ ଜନ୍ମ ନିର୍ଦ୍ଧାରିତ ଅବଧି ପୂର୍ବରୁ ହେଉଛି ବୋଲି ଭାରତର ଭୌଗୋଳିକ ଜନସଂଖ୍ୟାଗତ ସ୍ୱାସ୍ଥ୍ୟ ସର୍ଭେ ୨୦୧୯-୨୧ରୁ ଜଣାପଡ଼ିଛି। ଗର୍ଭସ୍ଥ ଶିଶୁଙ୍କ ସ୍ୱାସ୍ଥ୍ୟ ଜଳବାୟୁ ପରିବର୍ତ୍ତନ ଓ ବାୟୁ ପ୍ରଦୂଷଣ ଯୋଗୁ କିପରି ବିପନ୍ନ ହେଉଛି ତାହା ଉକ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଛି।**

## ଭାରତରେ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ

## ୧୭% ନବଜାତକଙ୍କ ଓଜନ କମ୍

ନୂଆଦିଲ୍ଲୀ,୩।୭(ପି.ଟି./ଏଜେନ୍ସି)

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଦିଲ୍ଲୀ, ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପପୁଲେଶନ୍ ସାଇନ୍ସେସ୍, ମୁମ୍ବାଇ ଏବଂ ବ୍ରିଟେନ୍ ଓ ଆୟର୍ଲାଣ୍ଡର ବିଭିନ୍ନ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫କୁ ନେଇ ଅନୁଧାନ କରାଯାଇଥିଲା। ଗବେଷକମାନେ ରିମୋଟ୍ ସେନ୍ସିଂ ଡେଟାକୁ ମଧ୍ୟ ବିଶ୍ଳେଷଣରେ ବ୍ୟବହାର କରିଥିଲେ। ଗର୍ଭବତୀ ମହିଳାଙ୍କ ପିଲା ଜନ୍ମ ଉପରେ ବାୟୁ ପ୍ରଦୂଷଣର ପ୍ରଭାବକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଜାଣିବାକୁ ପାଇଛନ୍ତି ଯେ, ପ୍ରସୂତୀଙ୍କ ଗର୍ଭରେ ଥିବା ଶିଶୁଙ୍କ ଉପରେ ପାର୍ଟିକ୍ୟୁଲେଟ୍ ମ୍ୟାଟର (ପିଏମ୍)୨.୫ର ଅଧିକ ଖରାପ ପ୍ରଭାବ ରହୁଛି। ଏଥିଯୋଗୁ ଜନ୍ମ ସମୟରେ ୪୦% ଶିଶୁଙ୍କ ଓଜନ ହ୍ରାସ ପାଉଛି। ସେହିପରି ୭୦% ଶିଶୁ ଅବଧି ପୂର୍ବରୁ ଜନ୍ମ ହେଉଛନ୍ତି।

ରିପୋର୍ଟରୁ ଜଣାପଡ଼ିଛି, ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତ ଓ ତାପମାତ୍ରା ପ୍ରଭାବିତ ହେଉଥିବାରୁ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ବିପନ୍ନ ହେଉଛି। ପିଏଲ୍‌ଓଏସ୍ ଗ୍ଲୋବାଲ ପବ୍ଲିକ୍ ହେଲ୍‌ଥ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି, ଭାରତର ଉତ୍ତରାଞ୍ଚଳ ଜିଲାଗୁଡ଼ିକରେ ଜନ୍ମିତ ଶିଶୁଙ୍କ ଉପରେ ବାୟୁ ପ୍ରଦୂଷଣର ସବୁଠୁ ଅଧିକ ନକାରାତ୍ମକ ପ୍ରଭାବ ପଡୁଛି। ୨.୫ ମାଇକ୍ରନ୍ ପରିଧିରୁ କମ୍ ଫାଇନ୍ ☞ପୃଷ୍ଠା-୪

## ଦିଲ୍ଲୀରେ ପୁରୁଣା ଗାଡ଼ିକୁ ଇନ୍ଧନ ବନ୍ଦ ନିଷ୍ପତ୍ତି ସ୍ଥଗିତ

ନୂଆଦିଲ୍ଲୀ,୩।୭(ପି.ଟି.)

ଦିଲ୍ଲୀରେ ପୁରୁଣା ଗାଡ଼ିକୁ ଇନ୍ଧନ ବିକ୍ରି ବନ୍ଦ କରିବା ପାଇଁ ଜାରି ନିର୍ଦ୍ଦେଶନାମାକୁ ଦିଲ୍ଲୀ ସରକାର ଗୁରୁବାର ସ୍ଥଗିତ ରଖିଛନ୍ତି। ବାୟୁ ମାନ ପରିଚାଳନା ଆୟୋଗ (ସିଏକ୍ୟୁଏମ୍)କୁ ପତ୍ର ଲେଖି ଦିଲ୍ଲୀ ସରକାର କହିଛନ୍ତି, ପ୍ରଯୁକ୍ତିଗତ ଚ୍ୟାଲେଞ୍ଜ କାରଣରୁ ପୁରୁଣା ଗାଡ଼ିକୁ ଇନ୍ଧନ ବନ୍ଦ କରିବା ସମ୍ଭବ ନୁହେଁ। ତେଣୁ ପୂର୍ବ ନିଷ୍ପତ୍ତିକୁ ତୁରନ୍ତ ସ୍ଥଗିତ ରଖିବା ପାଇଁ କମିଶନଙ୍କୁ ନିବେଦନ କରାଯାଇଛି। ଜାତୀୟ ରାଜଧାନୀରେ ଗାଡ଼ି ଚଳାଚଳଜନିତ ପ୍ରଦୂଷଣ ରୋକିବା ପାଇଁ ୧୫ ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଯାନ ଏବଂ ୧୦ ବର୍ଷରୁ ପୁରୁଣା ଡିଜେଲ ଯାନକୁ ଇନ୍ଧନ ବନ୍ଦ କରିବା ପାଇଁ ଜୁଲାଇ ୧ରେ ସିଏକ୍ୟୁଏମ୍ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ☞ପୃଷ୍ଠା-୪

## ରତ୍ନଭଣ୍ଡାର ମରାମତି ପ୍ରାୟ ଶେଷ: ଗଜପତି

ପୁରୀ,୩।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପ୍ରାୟ ଶେଷ ହୋଇଛି ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ସମୀକ୍ଷା ପରେ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି। ସେହିପରି ଶ୍ରୀମନ୍ଦିରର ସଂରକ୍ଷଣ ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ଏଏସ୍‌ଆଇ ହାତକୁ ନେଇଛି। ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ଦୃଷ୍ଟିରୁ ଗତ ଏପ୍ରିଲ୍ ୨୯ରୁ ରତ୍ନଭଣ୍ଡାର ମରାମତି ସ୍ଥଗିତ ରହିଥିଲା। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ରଥଯାତ୍ରା ପରଦିନ ଅର୍ଥାତ ଜୁନ୍ ୨୮ ତାରିଖରୁ ପୁନଃ ଆରମ୍ଭ ହୋଇଥିଲା। ରଥଯାତ୍ରାରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦିକୁ ଯାଇଥିବାରୁ ଏହି ସମୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଏସ୍‌ଆଇ ଅଧିକାରୀ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭବିଷ୍ୟତର ଇରାନ

# ଡେଲିଭରି ବୟ୍ କହି ପଶିଲେ, ବଳାତ୍କାର ପରେ ସେଲ୍‌ଫି ନେଲେ

ପୁଣେ,୩।୭

କବାଟ ଠକ୍ ଠକ୍ ହେଲା। ଡେଲିଭରି ବୟ ଆସିଛନ୍ତି ଭାବି ୨୨ ବର୍ଷୀୟା ଯୁବତୀ ଜଣକ ଘରର କବାଟ ଖୋଲିଲେ। ହାତରେ ଏକ ବ୍ୟାଙ୍କ ଏନ୍‌ଭଲପ ଧରି ଭିତରକୁ ଧସେଇ ପଶିଲେ ଜଣେ ଅଚିହ୍ନା ଯୁବକ। କିଛି ସମୟ ଭିତରେ ଯୁବକ ତାଙ୍କୁ ବଳାତ୍କାର କରି ସେଠାରୁ ଫେରାର ହୋଇଗଲେ। ମହାରାଷ୍ଟ୍ରର ପୁଣେ ସହର କୋନ୍ଧୱା ଅଞ୍ଚଳରେ ଥିବା ଏକ ହାଉସିଂ ସୋସାଇଟିରେ ବୁଧବାର ରାତି ୭ଟା ୩୦ ମିନିଟ୍‌ରେ ଘଟିଛି ଏଭଳି ଘଟଣା, ଯାହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି।

ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ, ମହାରାଷ୍ଟ୍ରର ଅନ୍ୟ ଏକ ଜିଲାର ଏହି ଯୁବତୀ ଜଣକ ପୁଣେର ଏକ ଆଇଟି କମ୍ପାନୀରେ କାମ କରନ୍ତି। ସମ୍ପୃକ୍ତ ସୋସାଇଟିରେ ଯୁବତୀଙ୍କ ସହ ତାଙ୍କ ଭାଇ ରୁହନ୍ତି। ବୁଧବାର ସନ୍ଧ୍ୟାରେ ତାଙ୍କ ଭାଇ ବାହାରକୁ କୌଣସି କାମରେ ଯାଇଥିଲେ। ଅଭିଯୁକ୍ତ ଆସି କବାଟ ବାଡେଇଥିଲେ। କିଏ ବୋଲି ପଚାରିବାରୁ ସେ କହିଥିଲେ, କୋରିୟର ଡେଲିଭରି ପାଇଁ ଆସିଛନ୍ତି। କବାଟ ଖୋଲିବା ପରେ ଡେଲିଭରି ରିସିପ୍ଟରେ ଦସ୍ତଖତ କରିବାକୁ କହିବା ସହ ପିନ୍ ମାଗିଥିଲେ। ଯୁବତୀ ପିନ୍ ଦେଖିବା ପାଇଁ ଭିତରକୁ ଫୋନ୍ ଆଣିବାକୁ ଯିବାରୁ ଯୁବକ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ସେ ତାଙ୍କୁ ଏକୁଟିଆ ପାଇ ଯୁବତୀଙ୍କ ଦେହରେ ରାସାୟନିକ ସ୍ପ୍ରେ କରିଥିଲେ। ଯୁବତୀ ସଂଜ୍ଞାହୀନ ହୋଇଯିବାରୁ ସେ ତାଙ୍କୁ ବଳାତ୍କାର କରିଥିଲେ। ଫେରାର ହେବା ପୂର୍ବରୁ ପୀଡ଼ିତାଙ୍କ ଫୋନ୍‌ରେ ସେଲ୍ଫି ନେଇଥିଲେ। ମୋବାଇଲରେ ଏକ ମେସେଜ୍ ଛାଡ଼ିଯାଇଥିଲେ। ସେଥିରେ ସେ ଲେଖିଥିଲେ, ଘଟଣା ସମ୍ପର୍କରେ କାହାକୁ କିଛି କହିଲେ ସୋସିଆଲ ମିଡିଆରେ ଭାଇରାଲ କରିଦେବେ।

ଏନେଇ ଡେପୁଟି ପୋଲିସ କମିଶନର (ଜୋନ୍ ୫) ରାଜକୁମାର ଶିନ୍ଦେ କହିଛନ୍ତି, ରାତି ୮ଟା ୩୦ରେ ବଳାତ୍କାର ପୀଡ଼ିତାଙ୍କ ସଂଜ୍ଞା ଫେରିଥିଲା। ସେ ନିଜ ସମ୍ପର୍କୀୟମାନଙ୍କୁ ସବୁକଥା ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। କ୍ରାଇମ୍ ବ୍ରାଞ୍ଚର ୫ ଓ ଜୋନାଲ ପୋଲିସର ୫ ମୋଟ ୧୦ଟି ଟିମ୍‌କୁ ନେଇ ତଦନ୍ତ ଜାରି ରହିଛି। ବିଏନ୍‌ଏସ୍ ଦଫା ୬୪, ୭୭ ଓ ୩୫୧(୨) ବଳରେ କୋନ୍ଧୱା ଥାନାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ସେହିପରି ଯୁବକ ବ୍ୟବହାର କରିଥିବା ରାସାୟନିକ ପଦାର୍ଥ କ'ଣ ଥିଲା ତାହା ଜାଣିବା ପାଇଁ ଫୋରେନ୍‌ସିକ୍ ବିଶେଷଜ୍ଞଙ୍କ ସହାୟତା ନିଆଯାଉଛି। ଯୁବତୀଙ୍କ ଫୋନ୍‌ରୁ ଏକ ସେଲ୍‌ଫି ମିଳିଛି, ଯାହାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।



ସାଳନ୍ଦୀ ନଦୀରେ ବନ୍ୟା ଯୋଗୁ ଭଦ୍ରକ ଜିଲା ସଦର ବ୍ଲକର ବେନ୍ତାଳ ଗାଁ ପାଣିଘେରରେ ରହିଛି। **(ଫଟୋ: ସନାତନ ରାଉତ,ଭଦ୍ରକ)**

# ଡାଇରିଆ ମୁକାବିଲା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ସଜାଗ

■ ସ୍ୱତନ୍ତ୍ର ଟିମ୍‌ର ବିଭିନ୍ନ ଅଞ୍ଚଳ ପରିଦର୍ଶନ

■ ସତର୍କତା ଅବଲମ୍ବନ କରିବାକୁ ଜିଲାବାସୀଙ୍କୁ ଅନୁରୋଧ

ରାୟଗଡ଼ା,୩।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗର ମୁଖ୍ୟ ଯନ୍ତ୍ରୀ ନାରାୟଣ ପ୍ରସାଦ ଗାନ୍ଧୀ ଓ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ମମତା ସାହୁ ଗୁରୁବାର ବିଭିନ୍ନ ଅଞ୍ଚଳର ପରିଦର୍ଶନକରି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। କିଛି ଅଞ୍ଚଳରେ ନଳକୂପ ପାଣି ଏବଂ ଅନ୍ୟାନ୍ୟ ଉପାୟରେ ମିଳୁଥିବା ପାନୀୟ ଜଳକୁ ପରୀକ୍ଷା କରିଥିଲେ। ସମ୍ଭାବ୍ୟ ଡାଇରିଆର ମୁକାବିଲା କରିବା ପାଇଁ ରାୟଗଡା ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଏଥିସହ ଡାଇରିଆକୁ ନେଇ ଜିଲାବାସୀ କୌଣସି ଗୁଜବ କିମ୍ବା ସୋସିଆଲ ମିଡିଆରେ ଆସୁଥିବା ସୂଚନାରେ ଭୟଭୀତ କିମ୍ବା ଆତଙ୍କିତ ନ ହୋଇ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ ବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ବ୍ୟାପକ ସତର୍କତା ଅବଲମ୍ବନ ସହିତ ମାଛି ବସା, ପଚାସଡ଼ା ଓ ବାସିଖାଦ୍ୟ ନ ଖାଇବା, ଦୂଷିତପାଣି ନ ପିଇବା, ପାଣିକୁ ଫୁଟାଇ ପିଇବା, ୬ ମାସର କମ୍ ଶିଶୁଙ୍କୁ ମା' କ୍ଷୀର ବ୍ୟତୀତ ଅନ୍ୟ କୌଣସି ବାହାର ଖାଦ୍ୟ ନ ଦେବାକୁ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସାହୁ ଜିଲାବାସୀଙ୍କୁ ନିବେଦନ କରିଛନ୍ତି।

ଗତ ବର୍ଷ ଡାଇରିଆରେ ପ୍ରଭାବିତ ହୋଇଥିବା ଅଞ୍ଚଳଗୁଡ଼ିକ ସହିତ ଓ ଚଳିତ ବର୍ଷରେ ଚିହ୍ନଟ ହୋଇଥିବା ସମ୍ଭାବ୍ୟ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯାଉଛି। ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଓଆର୍‌ଏସ୍ କୋନ୍ ପ୍ରତିଷ୍ଠା କରାଯାଇଛି ଏବଂ ଏଠାରେ ଓଆର୍‌ଏସ୍ ବ୍ୟବହାର ଓ ସ୍ୱଚ୍ଛତା ସମ୍ବନ୍ଧୀୟ ସୂଚନା ଦିଆଯାଉଛି। ଏଥିପାଇଁ ପାଖାପାଖି ୨ ଲକ୍ଷ ୮୮ ହଜାର ୪୮୦ ପ୍ୟାକେଟ ଓଆର୍‌ଏସ୍ ଓ ୫ ଲକ୍ଷ ୭୩ ହଜାର ୧୨୦ ଜିଙ୍କ ଟାବ୍ଲେଟ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାଯାଇଛି। ନିୟମିତ ବ୍ୟବଧାନରେ ସମସ୍ତ କୂଅ ଓ ନଳକୂପଗୁଡ଼ିକୁ କ୍ଲୋରିନେସନ ବା ବିଶୁଦ୍ଧୀକରଣ କରାଯାଉଛି। ଜିଲାର ବିଭିନ୍ନ ଅଞ୍ଚଳରୁ ୧୧୨ ଟି ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି, ତେବେ ଏହି ଜଳ ନମୁନାରେ ଡାଇରିଆ କିମ୍ବା ହଇଜାର କୌଣସି ସଙ୍କେତ ମିଳିନାହିଁ। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେଉଥିବା ସମସ୍ତ ରୋଗୀଙ୍କ ଝାଡ଼ା ପରୀକ୍ଷା କରାଯାଉଛି। ତେବେ ଏଥିରେ ମଧ୍ୟ ହଇଜାର କୌଣସି ଲକ୍ଷଣ ମିଳି ନାହିଁ ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜିନୀ ଦେବୀ କହିଛନ୍ତି। ବିଭିନ୍ନ ଅଞ୍ଚଳ ପରିଦର୍ଶନ ସମୟରେ ଆୟୁଷ ଡାକ୍ତର ସୁନୀଲ କୁମାର ମହାପାତ୍ର, ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳର ଅଧୀକ୍ଷଣ ଯନ୍ତ୍ରୀ ଗୋପାଳ ନାୟକ, ଏସ୍‌ଡିଓ ମନୋଜ ନାୟକ ପ୍ରମୁଖ ସାମିଲ ଥିଲେ।


ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗର ମୁଖ୍ୟ ଯନ୍ତ୍ରୀ ଓ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପସ୍ଥିତିରେ ନଳକୂପ ପାଣି ପରୀକ୍ଷା ପାଇଁ ସଂଗ୍ରହ କରାଯାଉଛି।


ଗୁଣପୁର ସାନ ଗୁଣ୍ଡିଚା ମନ୍ଦିରରେ ଗୁରୁବାର ଶ୍ରୀ ଜଗନ୍ନାଥଙ୍କ ରାମ ଏବଂ ଶ୍ରୀ ବଳଭଦ୍ରଙ୍କ ବଳରାମ ଅବତାର ବେଶ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ଅଧିକାରୀଙ୍କ ଉପସ୍ଥିତିରେ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଉଛି।

ଗୁଡାରି, ୩।୭ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାରୁଲ ପଟୱାରିଙ୍କ ନିର୍ଦ୍ଦେଶକ୍ରମେ ଗୁଡାରି ବ୍ଲକ୍ ଓ ପୌରାଞ୍ଚଳର ଭିନ୍ନକ୍ଷମଙ୍କୁ ଚିହ୍ନଟ ଓ ସେମାନଙ୍କୁ ଚିକିତ୍ସା ଯୋଗାଇଦେବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲକରିବା ପାଇଁ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଭିନ୍ନକ୍ଷମଙ୍କୁ ଚିହ୍ନଟକରିବା ସହ ଚିକିତ୍ସା କରିଥିଲେ। ଏହି ଅବସରରେ ବ୍ଲକ୍‌ର ୩ ଜଣ ଭିନ୍ନକ୍ଷମଙ୍କୁ ହୁଇଲ୍‌ଚେୟାର ପ୍ରଦାନ କରାଯାଇଛି। ଦୃଷ୍ଟିବାଧିତ, ହାତ, ଗୋଡ଼, କାନ ଭଳି ବିଭିନ୍ନ ପ୍ରକାର ଭିନ୍ନକ୍ଷମ ଚିହ୍ନଟକରି ବିଭିନ୍ନ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା। ଗୁଣପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ଗୁଡାରି ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସଦାନନ୍ଦ ସାହୁ, ପଦ୍ମପୁର ସାମାଜିକ ସୁରକ୍ଷା ଅଧିକାରୀ ସ୍ନିଗ୍ଧାମୟୀ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ୍ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସ୍ଥାନୀୟ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ତେନ୍ତୁଳି ଗଛ ପଡ଼ି ୨ ଘର ଭାଙ୍ଗିଲା


ଅଗ୍ନିଶମ କର୍ମଚାରୀ ଗଛ କାଟୁଛନ୍ତି।

କଲ୍ୟାଣସିଂହପୁର, ୩।୭ (ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଗତ ୪ଦିନ ହେଲା ଲଗାଣ ବର୍ଷା ଯୋଗୁ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଥିବା ଡଣ୍ଡସେନା ସାହିରେ ପ୍ରାୟ ଶହେ ବର୍ଷ ପୁରୁଣା ବିରାଟକାୟ ତେନ୍ତୁଳି ଗଛ ବୁଧବାର ରାତିରେ ଉପୁଡ଼ିପଡ଼ିଛି। ଏହି ଗଛ ମୂଳରୁ ଉପୁଡି ନିକଟରେ ଥିବା ସାଣିକା ସୁଶାନ୍ତ, ଜଗନ୍ନାଥ ମାଣ୍ଡିକା ଘର ଉପରେ ପଡ଼ିଥିବାରୁ ସେମାନଙ୍କ ଘର ଆଜ୍‌ବେଷ୍ଟସ୍ ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ଘରେ ଥିବା ସମସ୍ତ ଜିନିଷପତ୍ର ନଷ୍ଟହୋଇଯାଇଛି। ଏଥିସହ ରହିଦାସ ଦଣ୍ଡସେନାଙ୍କ ବାଉଣ୍ଡରି ଉପରେ ପଡ଼ିବାରୁ ପାଚେରି ଭାଙ୍ଗିଯାଇଛି। ତେବେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି। ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ୨ ପରିବାର ଲୋକେ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ସକାଳୁ ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଝିପିଝିପି ବର୍ଷା ସତ୍ତ୍ୱେ ଗଛ କାଟି ସଫା କରୁଥିଲେ। ରାଜସ୍ୱ ନିରୀକ୍ଷକ ଗୌରୀ ଶଙ୍କର କଣ୍ଡାଗରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି। ଏହି ୨ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାର ଇନ୍ଦିରା ଆବାସ ଯୋଗାଇଦେବା ପାଇଁ ଦାବି ହୋଇଛି।

# ୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ହୋଇନି କ୍ରୀଡ଼ା ସଂସଦ ପୁନର୍ଗଠନ

ଜିଲାରେ ଅବହେଳିତ କ୍ରୀଡ଼ାବିତ୍, ବିଭିନ୍ନ ସୁଯୋଗରୁ ବଞ୍ଚିତ

ରାୟଗଡ଼ା,୩।୭(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ସରକାର ଯୁବ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ରାୟଗଡା ଜିଲା କ୍ରୀଡ଼ା ବିଭାଗର ଆନ୍ତରିକତା ଅଭାବରୁ ଆଜକୁ ୨୦ବର୍ଷରୁ ଊର୍ଦ୍ଧ୍ୱ ହେଲାଣି କ୍ରୀଡ଼ା ସଂସଦ ପୁନର୍ଗଠନ ହୋଇପାରିନାହିଁ। ନୂତନ କମିଟି ଗଠନ ହୋଇ ନ ଥିବାରୁ କେତେଜଣ ମୁଷ୍ଟିମେୟ ଲୋକଙ୍କ ହାତରେ ରହିଯାଇଛି କ୍ରୀଡ଼ା ସଂସଦ। ଫଳରେ ବହୁ ପ୍ରତିଭାଶାଳୀ କ୍ରୀଡ଼ାବିତ୍ ନିଜର ପ୍ରତିଭାକୁ ଉପଯୁକ୍ତ ଭାବେ ପ୍ରଦର୍ଶନ କରି ନ ପାରିବାରୁ ସେମାନଙ୍କ ପ୍ରତିଭା ଜିଲା ମଧ୍ୟରେ ସୀମିତ ରହିଯାଉଥିବା ଅଭିଯୋଗ ହେଉଛି। ଗତ ଦିନରେ କ୍ରୀଡ଼ାବିତ୍‌ଙ୍କ ଅସନ୍ତୋଷ ଯୋଗୁ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା। ତେବେ ଶୁକ୍ରବାର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାୟଗଡ଼ା ଗସ୍ତରେ ଆସୁଥିବାରୁ ଶୀଘ୍ର ଜିଲା କ୍ରୀଡ଼ା ସଂସଦ ଗଠନ ପାଇଁ ମନ୍ତ୍ରୀଙ୍କୁ ଭେଟି କ୍ରୀଡ଼ାବିତ ଅଭିଯୋଗ କରିବେ ବୋଲି ସୂଚନା ମିଳିଛି।

ସୂଚନା ଥାଉକି, ଦୀର୍ଘଦିନ ଧରି ସ୍ଥାଣୁ ପାଲଟିଥିବା ଜିଲା କ୍ରୀଡ଼ା ସଂସଦକୁ ଭାଙ୍ଗି ନୂତନ ସଂସଦ ଗଠନ କରିବାକୁ ତତ୍କାଳୀନ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ତତ୍କାଳୀନ ଅତିରିକ୍ତ ଜିଲାପାଳ ଏ ନେଇ ଜିଲାର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇବା ସହ ସଂସଦରେ ନିଜ ନାମ ପଞ୍ଜୀକରଣ ପାଇଁ ଆବେଦନ କରିବାକୁ କହିଥିଲେ। ହେଲେ ଏ ନେଇ କ୍ରୀଡ଼ା ବିଭାଗର ଆନ୍ତରିକତା ଅଭାବ ଦେଖାଦେବାରୁ କ୍ରୀଡ଼ାବିତ୍‌ମାନେ ପୁଣି ଜିଲାପାଳଙ୍କୁ ଫେରାଦ ହୋଇଥିଲେ। କ୍ରୀଡ଼ା ସଂସଦ ଗଠନ ବିଳମ୍ବ ଜାଣିବା ପରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଆଲିନୁରଙ୍କ ଉପରେ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ଶୀଘ୍ର ସଂସଦ ଗଠନ ପାଇଁ ପୁନର୍ବାର ନିର୍ଦ୍ଦେଶ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀଙ୍କୁ ବିଳମ୍ବର କାରଣ ପଚାରିବାରୁ ଅଳ୍ପ ଦିନ ମଧ୍ୟରେ କ୍ରୀଡ଼ା ସଂସଦ ଗଠନ ପାଇଁ ନିର୍ବାଚନ ପ୍ରକ୍ରିୟା ହେବ ବୋଲି କହିଛନ୍ତି। ଏଣେ ଜିଲା କ୍ରୀଡ଼ା ବିଭାଗର ସମସ୍ତ କାରନାମା ଶୁକ୍ରବାର ମନ୍ତ୍ରୀଙ୍କ ସମ୍ମୁଖରେ ଲିଖିତ ଆକାରରେ ଜଣାଯିବ ବୋଲି ସୂଚନା ମିଳିଛି।

# ଲଗାଣ ବର୍ଷାରେ କାନ୍ଥ ଭାଙ୍ଗିଲା

କ୍ଷତିଗ୍ରସ୍ତ ପରିବାରକୁ ଯୁବକଂଗ୍ରେସ ଜିଲା ସଭାପତିଙ୍କ ସହାୟତା

କାଶୀପୁର,୩।୭(ମୋହନ ନାଏକ)

ଲଗାଣ ବର୍ଷା ଯୋଗୁ ଗୁରୁବାର କାଶୀପୁର ବ୍ଲକ୍ ହାଡ଼ିଗୁଡା ପଞ୍ଚାୟତ ଅନ୍ତର୍ଗତ ଗୁଗୁପୁଟ ଗ୍ରାମର କତେ ମାଝୀଙ୍କ ଘର କାନ୍ଥ ଭାଙ୍ଗିଯାଇଛି। ଖବରପାଇ ଯୁବ କଂଗ୍ରେସ ରାୟଗଡା ଜିଲା ସଭାପତି ମୋହନ ନାଏକଙ୍କ ନେତୃତ୍ୱରେ କାଶୀପୁର ବ୍ଲକ୍ ଏମ୍‌ପି ପ୍ରତିନିଧି ସାନ୍ଧୁ ଚରଣ ମାଝୀ, କୁଚେଇପଦର ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ହଳଧର ନାଏକ, ହାଡ଼ିଗୁଡା ପଞ୍ଚାୟତ ସଭାପତି ରାଜୀବ ମାଝୀ, ରାୟଗଡ଼ା ଜିଲା ଏସ୍‌ସି ସେଲ ସଭାପତି ରାଜେନ୍ଦ୍ର ଦୁରିଆ, ଭୀମସେନ ମାଝୀ, ଶରତ କୁମାର ନାଏକ, କୋମଳ ଲୋଚନ ନାଏକ, ବୁଲୁ ସାହୁ, ପୁଲୁ ମାଝୀ, ରଘୁନାଥ ନାଏକ ଗୁଗୁପୁଟ ଗ୍ରାମକୁ ଯାଇ ସୱାମୀ ସ୍ୱର୍ଗତ ଶ୍ୟାମସୁନ୍ଦର ମାଝୀଙ୍କ ସ୍ତ୍ରୀ କତେଙ୍କୁ ଭେଟି ରାଶନ ସାମଗ୍ରୀ ସହିତ ଲୁଗା, ପଲିଥିନ ଆଦି ପ୍ରଦାନ କରିଥିଲେ।


କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ୍ ଏବଂ ଅନ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି।

# କାଠ କାଟିବାବେଳେ ମେଶିନରେ କଟିଲା ମହିଳାଙ୍କ ୨ ଆଙ୍ଗୁଠି

ପଦ୍ମପୁର, ୩।୭ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଲିକିଟିପଦର ପଞ୍ଚାୟତର ମୁକ୍ତି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ନୂଆ ଘର ନିର୍ମାଣ ପାଇଁ ସେଣ୍ଟ୍ରିଂ ଲାଗି ସ୍ୱାମୀ ଭାସ୍କର ନୃଣ୍ଡୁକା ମେଶିନ ଯୋଗେ କାଠ କାଟିବା ସମୟରେ ମେଶିନ ଖସିଯିବାରୁ ଲଳିତା ନୃଣ୍ଡୁକା (୩୩)ଙ୍କ ଡ଼ାହାଣ ହାତର ୨ଟି ଆଙ୍ଗୁଠି ସମ୍ପୂର୍ଣ୍ଣ ଭାବେ କଟିଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଡାକ୍ତର ଶାନ୍ତନୁ ଜେନା ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ପଦ୍ମପୁର ପୋଲିସ ଘଟଣାର ଅନୁସନ୍ଧାନ କରୁଛି।


ଆହତ ଲଳିତା ନୃଣ୍ଡୁକା।

# ମାଟିକଣା ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାୟଗଡ଼ା,୩।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ୍ ମାଟିକଣା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକ ମଙ୍ଗଳବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସ୍କୁଲ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ଗୁରୁବାର ପ୍ରଧାନ ଶିକ୍ଷକ ପଟ୍ଟନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭଜନଲାଲ ମାଝି ଯୋଗଦେଇ ତାଙ୍କର ଅବସରକାଳୀନ ଜୀବନ ସୁଖମୟ ହେବା ପାଇଁ କାମନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିସିଡି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରଧାନ, ଜିଷ୍ଟ କଲେଜ ନିର୍ଦ୍ଦେଶକ ଗୋବିନ୍ଦ ପ୍ରସାଦ ରଥ, ସେଞ୍ଚୁରିଅନ କଲେଜର ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ଓ ଆଇନଜୀବୀ ମନୋଜ ଗନ୍ତାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଅବସର ଗ୍ରହଣ କରିଥିବାରୁ ସହକାରୀ ଶିକ୍ଷକ ଚନ୍ଦନ କୁମାର ନାୟକ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଅଞ୍ଚଳରେ ନିଜର ଦାୟିତ୍ୱ ନିର୍ବାହ କରି ଗରିବ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ ବୋଲି ଶଶିଭୂଷଣ କହିଛନ୍ତି।


ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶିଭୂଷଣ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସପୁରି ପ୍ରକ୍ରିୟାକରଣ କେନ୍ଦ୍ରରେ ତାଲା, କ୍ଷତି ସହୁଛନ୍ତି ଡଙ୍ଗରିଆ

■ ଉନ୍ନତ ଜ୍ଞାନକୌଶଳ ଅଭାବ ଯୋଗୁ ଶୀଘ୍ର ନଷ୍ଟ ହେଉଛି ଜୁସ୍

■ ଡଙ୍ଗରିଆ ଚାଷୀ ଅଭାବୀ ବିକ୍ରିର ଶିକାର


ବିଷମ କଟକ,୩।୭ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ନିୟମଗିରି ପାଦଦେଶ ଏବଂ ପାହାଡ଼ ଉପରେ ବିରଳ ଜନଜାତି ଡଙ୍ଗରିଆ କନ୍ଧଙ୍କ ଦ୍ୱାରା ପ୍ରତିବର୍ଷ ବହୁଳ ପରିମାଣରେ ସପୁରି ଉତ୍ପାଦନ ହେଉଛି। ତେବେ ସପୁରି ବିକ୍ରି ପାଇଁ ବଜାର ସୁବିଧା ନ ଥିବାରୁ ଡଙ୍ଗରିଆ କନ୍ଧ ଅଭାବୀ ବିକ୍ରିର ଶିକାର ହେଉଥିଲେ। ଏଥିରେ ବ୍ରେକ୍ ଲଗାଇବା ପାଇଁ ବିଷମ କଟକ ବ୍ଲକ୍ ଅନ୍ତର୍ଗତ ଚାଟିକୋଣାଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ରାଜ୍ୟ ସରକାର ଏକ ସପୁରି ପ୍ରକ୍ରିୟାକରଣ କେନ୍ଦ୍ରର ସ୍ଥାପନ କରିଥିଲେ। ସପୁରି ରସ ପ୍ରସ୍ତୁତି କରିବା ନିମନ୍ତେ ଉନ୍ନତମାନର ମେଶିନାରି ଲଗାଯାଇଛି। ହେଲେ ଉନ୍ନତ ମାନର ମେଶିନ ସାଙ୍ଗକୁ ଉନ୍ନତ ଜ୍ଞାନକୌଶଳର ଅଭାବ ଯୋଗୁ ଏହି ପ୍ରକଳ୍ପରେ ପ୍ରସ୍ତୁତ ଜୁସ୍ କମ୍ ଦିନରେ ଖରାପ ହୋଇଯାଉଛି। ଫଳରେ ଏବେ ପ୍ରକଳ୍ପ ବନ୍ଦ ରହିଛି। ଗତ ବର୍ଷ ପୁରୀ ରଥଯାତ୍ରାରେ ଓଡ଼ିଶା ସରକାରଙ୍କ ଓର୍‌ମାସ୍ ବିଭାଗ ପକ୍ଷରୁ ଖୋଲାଯାଇଥିବା ଅନ୍ତର୍ଜାତୀୟ ମେଳାରେ ଏହି ସପୁରି ରସ ସ୍ଥାନ ପାଇଥିଲା। ରଥଯାତ୍ରା ନିମନ୍ତେ ୩ ହଜାର ବଟଲ ସପୁରି ରସ ପ୍ରସ୍ତୁତି କରି ପଠାଯାଇଥିଲା। ତା'ପରେ ଆଉ ପ୍ରସ୍ତୁତି ହୋଇପାରିଲା ନାହିଁ। ଯାତ୍ରାରେ ବିକ୍ରି ନ ହୋଇ ବଳିଥିବା ସପୁରି ରସ ବଟଲ ସବୁ ଅଳ୍ପ ଦିନ ମଧ୍ୟରେ ନଷ୍ଟ ହୋଇଯିବାରୁ ପ୍ରସ୍ତୁତକାରୀଙ୍କୁ କ୍ଷତି ସହିବାକୁ ପଡ଼ିଥିଲା। ଏହାପରଠାରୁ ପ୍ରକଳ୍ପ ବନ୍ଦ ରହିଥିବାବେଳେ ଚଳିତ ମାସ ୧୨ରୁ ୨୨ତାରିଖ ପର୍ଯ୍ୟନ୍ତ ରୟଗଡ଼ାରେ ଜିଲାସ୍ତରୀୟ ବିକାଶ ମେଳାର ଷ୍ଟଲ୍‌ରେ ଏହି ସପୁରି ଜୁସ୍‌କୁ ପ୍ରଦର୍ଶନ କରାଯାଇଥିଲା। ଏବେ ଉକ୍ତ ପ୍ରକଳ୍ପରେ ତାଲା ଝୁଲୁଛି।

ବିଷମ କଟକ ବ୍ଲକ୍‌ରେ ୧୨୦୦ ଏକର ଜଙ୍ଗଲ ଜମି ଓ ପାହାଡ଼ ଜମିରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ସପୁରି ଉତ୍ପାଦନ ହେଉଛି। ଏହାର ବଜାର ମୂଲ୍ୟ ସର୍ବନିମ୍ନ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ନିୟମଗିରି ପାହାଡ଼ ଉପରେ ଉତ୍ପାଦିତ ସପୁରି ବେଶ ସୁଆଦିଆ। କିନ୍ତୁ ଏହି ସପୁରି ବର୍ଷାଦିନେ ଉତ୍ପାଦନ ହେଉଥିବାରୁ ଏହା ଖୁବ୍‌ଶୀଘ୍ର ନଷ୍ଟ ହୋଇଯାଉଛି। ତେଣୁ ଚାଟିକୋଣାଠାରେ ଏକ ସପୁରି ପ୍ରକ୍ରିୟାକରଣ କେନ୍ଦ୍ର ନିର୍ମାଣ କରିବା ପାଇଁ କୁର୍ଲୀ ଗ୍ରାମ ପଞ୍ଚାୟତର ଡଙ୍ଗରିଆ କନ୍ଧମାନେ ଦୀର୍ଘଦିନରୁ ଦାବି କରିଆସୁଥିଲେ। ଗତ ବର୍ଷ ରାଜ୍ୟ ସରକାର ଚାଟିକୋଣାଠାରେ ଏକ ସପୁରି ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରିଥିଲେ। ଏହି କେନ୍ଦ୍ର ବିଭିନ୍ନ ଗ୍ରାମର ୨୦୦ ଡଙ୍ଗରିଆ ମହିଳାଙ୍କୁ ନେଇ ନିୟମଗିରି ପ୍ରଡ୍ୟୁସର ଏଣ୍ଟରପ୍ରାଇଜେସ୍ ଚାଟିକୋଣା ଦ୍ୱାରା ପରିଚାଳିତ ହେଉଛି। କିନ୍ତୁ ଏହି ପ୍ରକ୍ରିୟାକରଣ କେନ୍ଦ୍ରରେ ସପୁରି ରସ ପ୍ରସ୍ତୁତି ନିମନ୍ତେ ଏହି ମହିଳାମାନଙ୍କୁ ଠିକ୍ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇନାହିଁ। ଯଦିଓ ନିୟମଗିରି ପ୍ରଡ୍ୟୁସର ଏଣ୍ଟରପ୍ରାଇଜେସ୍ ଚାଟିକୋଣା ଦ୍ୱାରା ଏହି ସପୁରି ପ୍ରକ୍ରିୟାକରଣ କାର୍ଯ୍ୟ କରାଯାଉଥିବା କୁହାଯାଉଛି, ପ୍ରକୃତ ପକ୍ଷେ ଓର୍‌ମାସ୍ ଅଧୀନ ନିୟମଗିରି ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ତାଙ୍କ କର୍ମଚାରୀଙ୍କୁ ନେଇ ଏହି ସପୁରି ରସ ପ୍ରସ୍ତୁତି କରୁଥିଲେ। ଡଙ୍ଗରିଆଙ୍କ ନାମରେ ଏହି ସଂସ୍ଥା ବ୍ୟବସାୟ କରିବା ଉଦ୍ଦେଶ୍ୟ ରଖିଥିଲେ। ପ୍ରଥମ ବର୍ଷ ପ୍ରସ୍ତୁତ ସପୁରି ରସ ବିକ୍ରିରେ କ୍ଷତି ସହିବାରୁ ଚଳିତ ବର୍ଷ ଉକ୍ତ ପ୍ରକଳ୍ପରେ ତାଲା ଝୁଲୁଛି। ସପୁରି ପ୍ରକ୍ରିୟାକରଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇବା ଏବଂ ବ୍ୟବସାୟୀକରଣ କରିବା ଦିଗରେ ରାୟଗଡା ଜିଲା ଓର୍‌ମାସ୍ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ସପୁରି ଜୁସ୍ ଉତ୍ପାଦନ ବନ୍ଦ ରହିଥିବା ସଂକ୍ରାନ୍ତରେ ନିୟମଗିରି ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ସିଇଓ ଆଲୁ ହରିବାବୁଙ୍କ ସହ ଯୋଗାଯୋଗ କରିବାରୁ ସପୁରି ଜୁସ୍ ବହୁ ଅଳ୍ପଦିନରେ ଖରାପ ହୋଇଯାଉଛି। ପ୍ରସ୍ତୁତି ପ୍ରଣାଳୀରେ କେଉଁଠି ଗୋଟେ ଭୁଲ୍ ହେଉଛି, ଯାହାଦ୍ୱାରା ଅଳ୍ପ ସମୟ ମଧ୍ୟରେ ଜୁସ୍ ନଷ୍ଟ ହୋଇଯାଉଛି। ତେଣୁ ସପୁରି ଜୁସ୍ ଉତ୍ପାଦନ ବନ୍ଦ ରହିଛି। ଖାଲି ରାୟଗଡା ଜିଲାସ୍ତରୀୟ ବିକାଶ ମେଳାରେ ପ୍ରଦର୍ଶନୀ ପାଇଁ ମାତ୍ର ୫୦୦ ବଟଲ ପ୍ରସ୍ତୁତ କରାଯାଇଥିବା ସେ କହିଥିଲେ। ଅପରପକ୍ଷେ ରାୟଗଡା ଜିଲା ଓର୍‌ମାସ ସିଇଓ ମନୋଜ କୁମାର ପାତ୍ରଙ୍କୁ ପଚାରିବାରୁ ସାବିତ୍ରୀ ଅମାବାସ୍ୟାଠାରୁ ସପୁରି ରସ ପ୍ରସ୍ତୁତି ଚାଲିଛି ଏବଂ ଖୋଲା ବଜାରରେ ବିକ୍ରି ହେଉଛି। ଭୁବନେଶ୍ୱରରୁ ଅର୍ଡର ମୁତାବକ ଯୋଗାଣ କରାଯାଉଛି ବୋଲି ସିଇଓ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସପୁରି ଜୁସ୍ ପ୍ରସ୍ତୁତି ପ୍ରକଳ୍ପର ପରିଚାଳନା ଦାୟିତ୍ୱ ନେଇଥିବା ନିୟମଗିରି ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ସିଇଓ ହରିବାବୁ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବା କହୁଥିବାବେଳେ ଓର୍‌ମାସ ସିଇଓ ପାତ୍ର ପ୍ରକଳ୍ପ ଚାଲୁଛି ବୋଲି ତଥ୍ୟ ଦେଇଛନ୍ତି। ଫଳରେ ୨ ଅଧିକାରୀଙ୍କ ସୂଚନା ମଧ୍ୟରେ ତାଳମେଳ ରହୁ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଉତ୍ପାଦିତ ସପୁରିର ଉଚିତ ବଜାରୀକରଣ ଏବଂ ବାହାର ରାଜ୍ୟରେ ବ୍ୟବହୃତ ଉନ୍ନତ ଜ୍ଞାନକୌଶଳକୁ ଆପଣାଇ ସପୁରି ଜୁସ୍, ଜେଲି, ଜାମ୍ ଏବଂ ସ୍ଲାଇସ୍ ପ୍ରସ୍ତୁତ କରିବା ଦିଗରେ ଆଗଭର ହେଲେ ଅଞ୍ଚଳର ଡଙ୍ଗରିଆମାନେ ଲାଭବାନ ହେବା ସହ ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ହୋଇପାରିବ। ଏହାସହ ନିୟମଗିରି ଅଞ୍ଚଳରେ ସପୁରି ଅଭାବ ବିକ୍ରି ଦୂରହୋଇପାରିବ।


ବିକ୍ରି ପାଇଁ ରଖାଯାଇଥିବା ସପୁରି।


ତାଲା ପଡ଼ିଥିବା ସପୁରି ପ୍ରକ୍ରିୟାକରଣ କେନ୍ଦ୍ର।




## ୧ମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷାଫଳ ପ୍ରକାଶ

**କଟକ,୩।୭(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ୧ମ ଅର୍ଦ୍ଧବାର୍ଷିକ ଓଡ଼ିଆ ଭାଷା ପରୀକ୍ଷା (ଅଷ୍ଟମ ଷ୍ଟାଣ୍ଡାର୍ଡ) ଫଳ ପ୍ରକାଶିତ ହୋଇଛି। ଏଥିରେ ୭୯.୨୨% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏ ନେଇ ବୋର୍ଡ ପକ୍ଷରୁ ଗୁରୁବାର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାନୁସାରେ, ଗତ ମେ’ ୨୧ରେ ସମଗ୍ର ରାଜ୍ୟର ୮ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ମୋଟ ୧୫୨୫ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୦୮ଜଣ ପରୀକ୍ଷା ଦେଇଥିବା ବେଳେ ୭୮ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଏଥିସହ ୨୩୯ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ବୋର୍ଡ ୱେବ୍‌ସାଇଟ୍‌ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ ନଂ. ଓ ନାମ ପ୍ରଦାନ କରି ନିଜ ଫଳ ଜାଣିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ବୋର୍ଡ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।

## ବଜ୍ରପାତରେ ୨ ଯୁବକ ମୃତ

**ଝାରସୁଗୁଡ଼ା,୩।୭ (ଆଶିଷ ରଞ୍ଜନ ଦାଶ)**

ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ବଞ୍ଜାରୀ ଅଞ୍ଚଳର ଅଶୋକ ରୋହିଦାସ(୪୫) ଓ ଚୂଡ଼ାମଣି ରୋହିଦାସ(୨୯)। ଗୁରୁବାର ଭୋର ୪ଟାରେ କୁରେବଗାସ୍ଥିତ ପାଉଁଶ ପୋଖରୀରୁ ସେମାନେ କିଛି ପଦାର୍ଥ କାଢୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବଡ଼ମାଲ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।




# ଶବରୀ ଭବନ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

- **ଶବରୀ ସାଂସ୍କୃତିକ ଭବନର ଉନ୍ନତୀକରଣ ପାଇଁ ଖର୍ଚ୍ଚ ହେବ ୨ କୋଟି**
- **ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ: ମୋହନ**

**ଭୁବନେଶ୍ୱର,୩।୭ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥ ଆଇଆର୍‌ସି ଭିଲେଜଠାରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲା ନିମନ୍ତେ ଶବରୀ ସାଂସ୍କୃତିକ ଭବନ ଉଦ୍‌ଘାଟନ କରିବା ସହ ଏହି ସ୍ୱଳ୍ପ ରହଣି ସ୍ଥାନର ଉନ୍ନତୀକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସବୁ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ, ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ। ଆଦିବାସୀ ଭଉଣୀ, ଭାଇମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହ ଶିକ୍ଷା, କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଶବରୀ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନ ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭଉଣୀ, ଭାଇମାନେ ଯେତେବେଳେ ଆସିବେ ଏଠାରେ ନିଜ ଘର ପରି ଅନୁଭବ କରିବେ। ଆଦିବାସୀ ସଂସ୍କୃତି କେବଳ ନାଚ, ଗୀତରେ ସୀମାବଦ୍ଧ ନୁହେଁ, ଏହା ହେଉଛି ଏକ ଜୀବନଶୈଳୀ,



ଏକ ଆତ୍ମା। ଏହାକୁ ସୁରକ୍ଷା କରିବା ଏବଂ ପ୍ରଚାରକରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ରାଜ୍ୟର ୨୪% ଜନଜାତି ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ୱଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ ‘୩୬ ପାଇଁ ୩୬’ ବୋଲି କୁହାଯାଉଛି। ରାଜ୍ୟର ଡବଲ ଇଞ୍ଜିନ ସରକାର ୧ ବର୍ଷର ସଫଳ ଯାତ୍ରା ପୂରଣକରି ସେହି କାର୍ଯ୍ୟକୁ ନୂତନ ବିଶ୍ୱାସ, ନୂତନ ଶକ୍ତି ସହିତ ଜାରି ରଖିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଆମ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଟାସ୍କଫୋର୍ସ ଗଠନକରି ୨୦୦ କୋଟି ଲେଖାଏଁର ଅନୁଦାନ ପ୍ରଦାନ କରିଛନ୍ତି। ଏଥିରୁ ଦକ୍ଷିଣ ଓଡ଼ିଶା ବିଶେଷ ଭାବେ ଅବିଭକ୍ତ କୋରାପୁଟ ଜିଲାର ବିକାଶର ଗତି ଦ୍ରୁତତର ହେବ। ଏହି ବିକାଶର ଜୟଯାତ୍ରାରେ ଶବରୀ ଭବନର ଗୁରୁଦାୟିତ୍ୱ ରହିବ ବୋଲି ସେ କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ମୁନା ଖାଁ, ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ଅରବିନ୍ଦ ଢାଲି, ଶବରୀ ସାଂସ୍କୃତିକ ସଂସଦର ଉପଦେଷ୍ଟା ତାରାପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା, କୋଟପାଡ଼ ବିଧାୟକ ରୂପୁ ଭାତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାୟଗଡ଼ା ବିଧାୟକ କାଡ୍ରାକା ଅପଲସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ପୁଅ, ବୋହୂଙ୍କ ଜୀବନ ଗଲା

**ବାପାଙ୍କ ଶବ ଦାହ କରିବାକୁ ଯାଉଥିଲେ**

**ବୌଦ୍ଧ/ହରଭଙ୍ଗା/ନୟାଗଡ଼/ଗଣିଆ,୩।୭ (ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ/ଲୋକନାଥ ମିଶ୍ର/ ସନ୍ତୋଷ କୁମାର ପ୍ରଧାନ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ରାମ୍ପିକଟାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ବାପାଙ୍କ ଶବଦାହ କରିବାକୁ କାର୍‌ରେ ଗାଁକୁ ଯାଉଥିବା ବେଳେ ଛିଡା ହୋଇଥିବା ଏକ ଟ୍ରକ୍‌ରେ ପିଟି ହୋଇଯିବାରୁ ପୁଅବୋହୂଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ନୟାଗଡ଼ ଜିଲା ଗଣିଆ ପାଟଣାସାହିର ରାଜକିଶୋର ସାହୁ (୫୫) ଏବଂ ସ୍ତ୍ରୀ ମୀନାକ୍ଷୀ ସାହୁ (୫୦)।

ସୂଚନା ମୁତାବକ, ରାଜକିଶୋର ନୂଆପଡା ଜିଲା କୁରୁମ ଭୋଇ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତ ବୁଧବାର ରାତି ୯ଟାରେ ତାଙ୍କ ବାପା ବଲ୍ଲଭ ସାହୁ(୮୬)ଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ରାଜକିଶୋର ବାପାଙ୍କ ଶବଦାହ କରିବାକୁ ସ୍ତ୍ରୀ ମୀନାକ୍ଷୀଙ୍କୁ ଧରି ଏକ କାର୍ ଯୋଗେ ନୂଆପଡାରୁ ନିଜ ଗାଁକୁ ଯାଉଥିଲେ। ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ରାମ୍ପିକଟାଠାରେ ଗୁରୁବାର ଭୋର୍ ୬ଟାରେ ରାସ୍ତାକଡ଼ରେ ଛିଡା ହୋଇଥିବା ଏକ ଟ୍ରକ୍‌ରେ କାର୍‌ଟି ମୁହାଁମୁହିଁ ପିଟି ହୋଇଥିଲା। ସ୍ଥାନୀୟ ଲୋକେ ରାଜକିଶୋର ଓ ମିନାରାଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ରାଜକିଶୋର ଓ ମୀନାକ୍ଷୀ ଫେରିବାରେ ବିଳମ୍ୱ ହେବାରୁ ପରିବାର ଲୋକେ ବଲ୍ଲଭଙ୍କ ମୃତଦେହକୁ ଗୁରୁବାର ଭୋର୍ ସମୟରେ ଦାହ କରାଇଦେଇଥିଲେ। ପୁଅବୋହୂଙ୍କ ମୃତ୍ୟୁ ଖବର ଘରେ ପହଞ୍ଚିଲା ବେଳକୁ ବାପାଙ୍କ ମୃତଦେହ ସତ୍କାର ହୋଇସାରିଥିଲା। ବୌଦ୍ଧରେ ରାଜକିଶୋର ଓ ମୀନାକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁକୁ ଆସିବା ପରେ ପୁରୀ ନେଇ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ମୃତ ରାଜକିଶୋରଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ରାଜକିଶୋର ନୂଆପଡାରେ ଚାକିରି ଜୀବନ ଆରମ୍ଭ କରିଥିବା ବେଳେ ଆଉ ମାତ୍ର ୪ବର୍ଷ ପରେ ଅବସର ନେଇଥାନ୍ତେ।



ଦୁର୍ଘଟଣାଗ୍ରସ୍ତ ଗାଡ଼ି
ରାଜକିଶୋର ସାହୁ
ମୀନାକ୍ଷୀ ସାହୁ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଷ୍ଟ କୋଷ୍ଟ ରେଲୱେ ପକ୍ଷରୁ ବିଭିନ୍ନ ଦାବିନେଇ ବିକ୍ଷୋଭ, ସ୍ଥାନ: ରେଲ୍‌ୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆମ କଳାକାର ଡ୍ୟାନ୍ସର ଆସୋସିଏଶନର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ:ପୂର୍ବାହ୍ନ ୧୧ଟା ୩୦ ।
- ସଙ୍ଗୀତା ପ୍ରତିଭା ସମାରୋହ ଏବଂ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।
- ବିଦ୍ୟାକନକ ସୃଜନାନୁଷ୍ଠାନ ଓ ସମାଜର ମିଳିତ ସହଯୋଗରେ ଓଡ଼ିଶୀ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର
- ତୁଳସୀ ଅଭିଷେକ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ପଣ୍ଡିତଙ୍କ ଦ୍ୱାରା ଜଗନ୍ନାଥ ଅଷ୍ଟକମ୍, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ଅପରାହ୍ନ ୩ଟା ୩୦ ।
- କୀର୍ତ୍ତନ/ହରିନାମ ସଙ୍କୀର୍ତ୍ତନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ଅପରାହ୍ନ ୪ଟା ।
- ଶୟନ ଆରତୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ରେମୁଣା, ସମୟ: ରାତି ୮ଟା ୪୫ ।

## କେନ୍ଦୁଝର
- ବନ ମହୋତ୍ସବ ପାଳନ ଓ ବୃକ୍ଷରୋପଣ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ୱାର୍ଡ ନଂ-୧୫, ବଡବିଲ, ସମୟ: ପୂର୍ବାହ୍ନ ୯ଟା ୩୦ ।

## ମୟୂରଭଞ୍ଜ
- ମହାପ୍ରଭୁଙ୍କ ବେଶ ଦର୍ଶନ,ସ୍ଥାନ:ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା,ସମୟ: ସନ୍ଧ୍ୟା ୭ଟା ।

## ଗଞ୍ଜାମ
- ୭୬ତମ ବନମହୋତ୍ସବ ପାଳିତ, ସ୍ଥାନ: ନଗରବନ ଚାରିମାଇଲି ଆସିକା, ସମୟ: ପୂର୍ବାହ୍ନ ୧୦ଟା ।
- ଗଞ୍ଜାମ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ,ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଜଗନ୍ନାଥ ଭଜନ ସମାରୋହ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସନ୍ଧ୍ୟା ୭ ଟା ।

## ଜଗତସିଂହପୁର
- ଆମଦାନୀ ରପ୍ତାନୀକାରୀ ସଂସ୍ଥାଙ୍କୁ ନେଇ ରାମ୍ପ ସ୍କିମ କର୍ମଶାଳା, ସ୍ଥାନ: ହୋଟେଲ ଏମ୍ପାୟର୍ସ, କଲେଜ ରୋଡ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା ।

## କେନ୍ଦ୍ରାପଡ଼ା
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର
- ଯାଜପୁରରୋଡ୍ ଜେଏମ୍ଏଫ୍‌ସି କୋର୍ଟ ପକ୍ଷରୁ, ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ତେନ୍ତୁଳିଖୁଣ୍ଟା ସ୍ଥିତ ନୂତନ କୋର୍ଟ ପରିସର, ସମୟ: ସକାଳ ୮ଟା ।
- ଜିଲା କୋର୍ଟ ପକ୍ଷରୁ ଯାଜପୁର ଗାର୍ଲସ ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳନ,ସ୍ଥାନ : ଯାଜପୁର ନନ୍ଦିପୁର ସରକାରୀ ହାଇସ୍କୁଲ ପରିସର, ସମୟ : ପୂର୍ବାହ୍ନ ୧୧ଟା ।
- ବ୍ୟାସନଗର ସ୍ୱୟଂଶାସିତ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ : କଲେଜ ପରିସର,ସମୟ : ପୂର୍ବାହ୍ନ ୧୦ଟା ।
- ଧର୍ମଶାଳା ପଞ୍ଚାୟତ ସମିତିର ୧୦ମ ସାଧାରଣ ଅଧିବେଶନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ଅପରାହ୍ନ ୩ଟା ।
- ଘୋଷଯାତ୍ରା ଉପଲକ୍ଷେ ମାଉସୀ ମା' ମନ୍ଦିର ପରିସରରେ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ହାଟପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।

## ନୟାଗଡ଼
- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପଠାଣୀ ସମାନ୍ତ ନର୍ସିଂ ସ୍କୁଲ ନୟାଗଡ଼, ସମୟ: ମଧ୍ୟାହ୍ନ ୧୨ଟା ।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ବେଶରେ ଗରୁଡ଼ ଗୋବିନ୍ଦ ବେଶ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ଦର୍ଶନ ଅବସରରେ ପ୍ରସାଦ ବଣ୍ଟନ, ସ୍ଥାନ:ନୟାଗଡ ପୁରୁଣା ସହର ଶ୍ରୀ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦ ।
- ଶ୍ରୀଜୀଉଙ୍କର ନବମୀ ସନ୍ଧ୍ୟା ଦର୍ଶନ, ସ୍ଥାନ:ଖଣ୍ଡପଡ଼ା ଶ୍ରୀଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦ ।

## ରାୟଗଡ଼ା
- ମହାବିଦ୍ୟାଳୟ ୫୯ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ଉଚ୍ଚଶିକ୍ଷା, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଭାଜପା ନେତାଙ୍କ ସହ ବୈଠକ, ସ୍ଥାନ: ଭାଜପା ଦଳୀୟ କାର୍ଯ୍ୟାଳୟ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା ୩୦ ।

## ନବରଙ୍ଗପୁର
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଗ୍ଲେଜ୍, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଉଦିଆତାରା କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଡିଏଭି ଶିକ୍ଷକ ଓ ଶିକ୍ଷା ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ।
- ଶାବର ଶ୍ରୀକ୍ଷେତ୍ରରେ ଶ୍ରୀ ଜିଉଙ୍କ କଳକୀ ଅବତାର, ସ୍ଥାନ: ଆଡ଼ପ ମଣ୍ଡପ, ସମୟ : ଅପରାହ୍ନ ୫ ଟା ।

## ମାଲକାନଗିରି
- ମାଥିଲି ବ୍ଲକରେ ରେଳ ଜମି ଅଧିଗ୍ରହଣ ମୂଲ୍ୟ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ:ମାଥିଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡିଆ, ସମୟ: ସକାଳ ୫ଟା ୩୦ ।
- ଶ୍ରୀଶ୍ରୀ ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ସ୍ଥାପନ, ମୂର୍ତ୍ତି ସ୍ଥାପନ, ସ୍ଥାନ: ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସକାଳ ୭ଟା୫୦ ।
- ସ୍ୱାଗତ ତୋରଣ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଆମଷଡା କଟାପାଲି, ସମୟ: ଅପରାହ୍ନ ୫ଟା ।
- ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲି ଜୁହାର ଛକ, ସମୟ: ଅପରାହ୍ନ ୫ଟା ୩୦ ।
- ସ୍ୱାଗତ ତୋରଣ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପରଧିଆପାଲି, ସମୟ: ସନ୍ଧ୍ୟା ୬ଟା ।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶ୍ରମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ ଅଇଁଠାପାଲିସ୍ଥିତ ସମ୍ବଲପୁର ପ୍ରେସ କ୍ଲବ ପରିସର, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ବ୍ରାହ୍ମଣୀଜୋରରେ ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ବ୍ରାହ୍ମଣୀଜୋର, ଦେଓଗାଁ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ସିପିଆଇର ଜିଲା ସମ୍ମିଳନୀ ଉଦ୍‌ଯାପନ, ସ୍ଥାନ-ଜୁନାଗଡ଼ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ।
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଧର୍ମଗଡ଼ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ
- ଗଣବ୍ରତ,ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ସକାଳ ୭ଟା ।
- ବୌଦ୍ଧ ପ୍ରଭୁଶ୍ରୀ ଜଗନ୍ନାଥଙ୍କ କଳକୀ ଅବତାର, ସ୍ଥାନ: ମାଉସୀମା ମନ୍ଦିର , ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ।

## ଦେବଗଡ଼
- ୭୬ତମ ବନ ମହୋତ୍ସବ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣୀ ବ୍ଲକର ସାମନ୍ତରାପାଳି ଗ୍ରାମ, ସମୟ: ସକାଳ ୮ଟା ୪୫ ।
- ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ: ନୂଆ ବାଲିରୋଇ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ।
- ଗରିବ କଲ୍ୟାଣ ଓ ବିକାଶ ସମାବେଶ, ସ୍ଥାନ: ବଡ଼ ବଗିଚା, ପ୍ରଧାନପାଟ ରୋଡ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ, ସ୍ଥାନ: ସିଲାଟି ଡୁଙ୍ଗୁରି ରାସ୍ତା, ବିନିକା, ସମୟ:ଅପରାହ୍ନ ୪ଟା ।
- ବନ ମହୋତ୍ସବ ଅବସରରେ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ବ୍ଲକର ସିଲାଟି ଡୁଙ୍ଗୁରି ରାସ୍ତା, ସମୟ: ଅପରାହ୍ନ ୪ଟା ।
- ତରଭା ରଥଯାତ୍ରା ଅବସରରେ ମାଉସୀ ମା' ମନ୍ଦିରରେ ଦଧିବାମନ ଜଗନ୍ନାଥଙ୍କ ବଳରାମ ଅବତାର, ସ୍ଥାନ: ମାଉସୀ ମା' ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କ ଭୁଲ ନିଷ୍ପତ୍ତି କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ । ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ତଥାପି ସକାଳ ସମୟଟି ମାନସିକ ଅସ୍ଥିରତା ମଧ୍ୟରେ କଟିବ । ଦେବା ନେବାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ ବିବାଦ ବଢ଼ିପାରେ । ଶାରୀରିକ ଅସୁସ୍ଥତାବଶତଃ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

**ବୃଷ** କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତିରେ ଆପଣ ନୀରବ ରହିବାକୁ ବାଧ୍ୟ ହେବେ । ଆର୍ଥିକ ସମସ୍ୟା ଦୂର ହେବାରେ ପଡୋଶୀଙ୍କ ଅବଦାନକୁ ଭୁଲି ହେବନି । କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି । ବନ୍ଧୁ ମିଳନ ସାଙ୍ଗକୁ ସୁଖଭ୍ରମଣ ଯୋଗ ରହିଛି ।

**ମିଥୁନ** ଆଜିର ଶୁଭଯୋଗରୁ ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିପାରିବେ । ଆପଣଙ୍କ କାମଟି କରିବା ସକାଶେ ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ହଁ ଭରିବ । ସାଧାରଣ କଥାକୁ କେନ୍ଦ୍ରକରି ପଡୋଶୀ ପ୍ରତିବାଦର ସ୍ୱର ଉଠାଇ ପାରନ୍ତି । ଅର୍ଥାଭାବ ଲାଗିରହିବା କାରଣରୁ କେତେକ ଆଶା ଅପୂରଣ ରହିଯାଇପାରେ ।

**କର୍କଟ** କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ କରିବାକୁ ପଡିପାରେ । ଯାନବାହନରେ ସତର୍କ ନ ହେଲେ ଅସୁବିଧାର ସମ୍ମୁଖୀନ ହେବେ । ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସମାଲୋଚନାର ଶରବ୍ୟ ହୋଇପାରନ୍ତି । ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ ।

**ସିଂହ** ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡି ହୋଇଯିବାର ଆଶା ରହିଛି । ଅଫିସିଆଲି କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାପନ୍ତରିଆ ରହିଯିବ । ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି କଥାଟି କଥାରେ ହିଁ ରହିଯିବ । ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ଅସ୍ଥିରତା ଦୂର ହେବ ।

**କନ୍ୟା** ଯେତେ ଭଲ କରିବାକୁ ଚିନ୍ତା କଲେ ମଧ୍ୟ ନିଜ ଲୋକଙ୍କ ବିରୁଦ୍ଧାଚରଣ ଯୋଗୁ ସବୁ ଓଲଟପାଲଟ ହୋଇପାରେ । ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଏବଂ ବିଜ୍ଞ ବ୍ୟକ୍ତିଙ୍କର ପ୍ରଶଂସାଭାଜନ ହେବେ । ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ । ପରିବାରରେ ଅଶାନ୍ତି ଦୂର ହେବା ସୂଚନା ପାଇବେ ।

**ତୁଳା** ଅର୍ଥ ସଙ୍କଟ ଯୋଗୁ କାମଗୁଡିକ ଅଧାରେ ଅଟକି ଯିବାର ଆଶଙ୍କା ରହିଛି । ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହେବେ । ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନଚେତ୍ ଠକିଯିବାଟା ହିଁ ସାର ହେବ । ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରିବାର ସୂଚନା ପାଇପାରନ୍ତି ।

**ବିଛା** ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି । ଆଜି ଆଶା ନିଶ୍ଚିତ ପୂରଣ ହେବ କିନ୍ତୁ ପ୍ରାଥମିକ ଅବସ୍ଥାରେ ଧୈର୍ଯ୍ୟଚ୍ୟୁତି ଘଟିପାରେ । ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ । ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ ଯାହାକି ଅଯଥା ଟେନ୍ସନ ସୃଷ୍ଟି କରିବ ।

**ଧନୁ** ଶନିଙ୍କ ପ୍ରଭାବରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ଉପୁଜିବ । ନୂତନ କର୍ମସଂସ୍ଥାନ ସକାଶେ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ । ପୂର୍ବ ପରିକଳ୍ପିତ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି ତଥାପି ନିରାଶ ହେବାକୁ ପଡିବ ନାହିଁ ।

**ମକର** ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ସାମୟିକ ମନଦୁଃଖ ହୋଇପାରେ । ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ପରେ ବହୁତ ବ୍ୟସ୍ତ ହେବାକୁ ପଡିପାରେ । ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ । କିଛି ପାଇବାର ଆଶା ରଖି ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ ।

**କୁମ୍ଭ** ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ ଫଳରେ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ । ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି । ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ । ଆଜି ଭ୍ରମଣ, ରାଜନୀତି,ପ୍ରଶାସନ ପାଇଁ ଦିନଟି ବହୁତ ଭଲ ।

**ମୀନ** ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ । ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ । କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ । ଆନୁଷ୍ଠାନିକ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି ।

ଆଜି ଜୁଲାଇ ୪ ତାରିଖ, ଆଷାଢ ଶୁକ୍ଳ ନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଆଡପ ମଣ୍ଡପେ ଶ୍ରୀଜୀଉଙ୍କ ବାହୁଡା ପୂର୍ବ ସନ୍ଧ୍ୟା ଦର୍ଶନ, ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ, ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଚିତ୍ରା/ତୁଳା, ନବମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ ଗତେ, ଘ.୦୭।୦୧ ମଧ୍ୟେ, ଘ.୧୨।୧୭ ଗତେ, ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା, ଦିବା ଘ.୧୦।୧୨ ଗତେ, ଘ.୧୧।୫୧ ମଧ୍ୟେ ରାହୁକାଳ ।

# ୭ ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)

ଗାଙ୍ଗେୟ ପଶ୍ଚିମବଙ୍ଗ ସଂଲଗ୍ନ ଉତ୍ତର ଓଡ଼ିଶାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ସୁନ୍ଦରଗଡ଼ରେ ସର୍ବାଧିକ ୪୩.୪ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୩୪.୨ ମିମି, ବୌଦ୍ଧରେ ୧୫ ମିମି ଓ ନବରଙ୍ଗପୁରରେ ୫.୫ ମିମି ବର୍ଷା ହୋଇଛି। ଆସନ୍ତା ୭ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଅନ୍ୟ କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଶୁକ୍ରବାର କେତେକ ଜିଲା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଉକ୍ତ ଜିଲାଗୁଡିକ ହେଲା ବରଗଡ, ଝାରସୁଗୁଡା, ସମ୍ବଲପୁର ଓ ସୁନ୍ଦରଗଡ। ସେହିପରି ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ରାୟଗଡା, ଗଜପତି ଓ କନ୍ଧମାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ବିଜେଡି ପ୍ରରୋଚନାରେ ଓଏଏସ୍ ସଂଘର ଆନ୍ଦୋଳନ: ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କାର୍ଯ୍ୟାଳୟ ପରିସର ମାଡ଼ ପ୍ରସଙ୍ଗକୁ ନେଇ ବିଜେଡି ରାଜନୀତି କରୁଛି ବୋଲି ଭାଜପା ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି। ଗୁରୁବାର ସାଂସଦ ଗଣମାଧ୍ୟମକୁ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସରକାରଙ୍କ ମୁଣ୍ଡ କିପରି ତଳକୁ ନଇଁବ ସେଥିପାଇଁ ବିଜେଡି ପୂରା ଦମ୍‌ରେ ଲାଗି ପଡ଼ିଛି। ଅତିରିକ୍ତ ଆୟୁକ୍ତଙ୍କୁ ସର୍ବସମ୍ମୁଖରେ ମାଡ଼ ମାରିବା ଘଟଣାକୁ ନିନ୍ଦା କରୁଛି। ସରକାର ସମ୍ବେଦନଶୀଳ ଅଛନ୍ତି। ସଂଘ ଯେଉଁ ପ୍ରଚ୍ଛଦ ପଟ୍ଟର ମୁଖ୍ୟଙ୍କ କଥା କହୁଛି, ତାହା କେବଳ ପ୍ରାୟୋଜିତ। ଏସବୁକୁ ମଧ୍ୟ ରାଜ୍ୟ ସରକାର ଦୃଢ଼ତାର ସହ ବିଚାର କରୁଛନ୍ତି। ଯିଏ ଦୋଷୀ ସିଏ ନିଶ୍ଚିତ ଦଣ୍ଡ ପାଇବ। ହେଲେ ବିଜେଡି ଏହାକୁ ନେଇ ଯେଉଁ ରାଜନୀତି କରୁଛି ତାହାକୁ ରାଜ୍ୟବାସୀ କ୍ଷମା ଦେବନାହିଁ ବୋଲି ସାଂସଦ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମନ ମରିଗଲେ ଆନନ୍ଦ କାହିଁ ?**
**ଚାନ୍ଦ ବୁଡ଼ିଗଲେ ଚାନ୍ଦିନୀ କାହିଁ ?**

ଯେମିତି ମନ ବିରସ ହେଲେ ଖୁସି ଉଭେଇଯାଏ ସେମିତି ଚାନ୍ଦ ନ ଥିଲେ ରାତି ଅନ୍ଧାର ଲାଗେ । ମନ ଖୁସିଥିଲେ ଦୁନିଆର ସବୁ ସୁଖ ହାତ ମୁଠାରେ । ମନ ହିଁ ଆନନ୍ଦର ନିୟନ୍ତ୍ରଣକାରୀ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ମାର୍ଜାର ଯେବେ କରୁଥିବ କଳି,**
**ଆଗକୁ ପାଦେ ନ ଯିବଟି ଚଳି ।**

ଅନୁକୂଳ କରି ଘରୁ ବାହାରିବା ସମୟରେ ଆଗରେ ବିଲେଇ କଳି କରୁଥିବାର ଦେଖିଲେ ଅନୁକୂଳ ବିଗିଡି ଯାଏ । ଏପରି ସ୍ଥଳେ ଆଗକୁ ନ ଯିବା ଭଲ ବୋଲି ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯୁକ୍ତ୩ ସ୍ପଟ୍ ନାମଲେଖା ପାଇଁ ୭ରୁ ଆବେଦନ

## ୧୦ରୁ ପ୍ରଥମ ବର୍ଷ ପାଠପଢ଼ା

ଭୁବନେଶ୍ୱର,୩।୭(ସୁଚିସ୍ମିତା ସାହୁ)

ଚଳିତବର୍ଷ ଯୁକ୍ତ୩ର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଆସନ୍ତା ୭ତାରିଖଠାରୁ ସ୍ପଟ୍ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ଯେଉଁ ଛାତ୍ରୀଛାତ୍ର ସମସ୍ତ ପର୍ଯ୍ୟାୟରେ ନାମଲେଖା ସୁଯୋଗ ପାଇନାହାନ୍ତି କିମ୍ବା ନିଜ ମନ ପସନ୍ଦର କଲେଜରେ ନାମ ଲେଖାଇ ପାରିନାହାନ୍ତି ସେମାନେ ଏହାର ସୁଯୋଗ ନେଇପାରିବେ। ଯୁକ୍ତ୩ ଛାତ୍ରୀଛାତ୍ରଙ୍କ ସମେତ ସେଲ୍ଫ ଫାଇନାନ୍ସ ଏବଂ ସଂସ୍କୃତ କଲେଜର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇପାରିବେ। ଆସନ୍ତା ୭ ତାରିଖ ଅପରାହ୍ନ ୨ଟାରୁ ୧୦ ତାରିଖ ରାତି ୧୧ଟା ୪୫ ଯାଏ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ ଅତିକମ୍‌ରେ ଗୋଟିଏ କଲେଜ କିମ୍ବା ତା'ଠାରୁ ଅଧିକର କଲେଜକୁ ଚୟନ କରିପାରିବେ। ୧୨ ତାରିଖ ଅପରାହ୍ନ ୨ଟାରେ ମେରିଟ ଲିଷ୍ଟ ଇ-ସ୍ପେସ ମାଧ୍ୟରେ ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ୧୪ ତାରିଖରେ ନୋଟିସ୍ ବୋର୍ଡ ଏବଂ ୱେବ୍ ସାଇଟରେ ପ୍ରକାଶ ପାଇବ। ଚୟନ ଛାତ୍ରୀଛାତ୍ରମାନେ ୧୫ ତାରିଖରେ ନାମଲେଖାଇବା ସହିତ ଟଙ୍କା ଦାଖଲ କରିବେ। ଯେଉଁମାନେ ୱେଟିଂ ଲିଷ୍ଟରେ ଥିବେ ସେମାନେ ୧୬ରେ ନାମଲେଖାଇବା ସହିତ ଟଙ୍କା ଦାଖଲ କରିବେ। ଜୁଲାଇ ୧୦ରୁ ଯୁକ୍ତ ୩ର ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୭ରେ ବି.ଏଡ୍., ଏମ୍.ଏଡ୍. ଉତ୍ତର ପ୍ରକାଶନ

## ପ୍ରତିଟି ପ୍ରଶ୍ନ ପାଇଁ ୨୦୦ ଟଙ୍କା ଦେବାକୁ ପଡ଼ିବ

ଭୁବନେଶ୍ୱର,୩।୭(ସୁଚିସ୍ମିତା ସାହୁ)

ଦୁଇବର୍ଷିଆ ବି.ଏଡ୍, ଏମ୍.ଏଡ୍ ଏବଂ ବି.ଏଚ୍.ଏଡ୍ ପ୍ରବେଶିକା ପରୀକ୍ଷା-୨୦୨୫ର ସାମୟିକ ଉତ୍ତର ପ୍ରକାଶନ ବା ଆନ୍‌ସାର୍ କି' ଆସନ୍ତା ୭ ତାରିଖରେ ପ୍ରକାଶ ପାଇବ। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପକ୍ଷରୁ ପ୍ରଦାନ କରାଯାଇଥିବା ମାର୍କକୁ ନେଇ କେତେଜଣ ପରୀକ୍ଷାର୍ଥୀ ଅସମ୍ମତି ଓ ଅଭିଯୋଗ ଆଣିଥିଲେ। ଏହାକୁ ଭିତ୍ତିକରି ଅସମ୍ମତିର ସମାଧାନ ସହ ପ୍ରକ୍ରିୟାରେ ପ୍ରତିପାଳିତ ହେଉଥିବା ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ସାମୟିକ ଉତ୍ତର ପ୍ରକାଶନ କରାଯିବ। ଆବେଦନକାରୀମାନେ ରାଜ୍ୟ ପ୍ରବରଣ ମଣ୍ଡଳୀ ପୋର୍ଟାଲ https://ssbodisha.ac.in/ରେ ପ୍ରକାଶନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଆବେଦନକାରୀମାନେ ତାଙ୍କ ଉତ୍ତରଗୁଡିକୁ ଯାଞ୍ଚ କରିପାରିବେ। ୮ତାରିଖ ପୂର୍ବାହ୍ନ ୧୧ଟାରୁ ୧୦ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଆବେଦନକାରୀମାନେ ନିଜ ଅଭିଯୋଗ ସାମ୍ସ ପୋର୍ଟାଲ https://www.samsodisha.gov.in/ ମାଧ୍ୟମରେ ଦାଖଲ କରିପାରିବେ। ପ୍ରତିଟି ପ୍ରଶ୍ନ ପାଇଁ ୨୦୦ଟଙ୍କା ଲେଖାଏ ପଇଠ କରିବାକୁ ପଡ଼ିବ ବୋଲି ଏସ୍‌ଏସ୍‌ବି ସଭାପତି କାଳୀ ପ୍ରସନ୍ନ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରବେଶିକା ପରୀକ୍ଷା ଓ ନାମଲେଖା ପାଇଁ ହୋଇଥିବା ଯୋଗ୍ୟତା ଚୟନ ତାଲିକାରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ଅଧିକ ମାର୍କ ପାଇବାକୁ ବହୁ ପରୀକ୍ଷାର୍ଥୀ ଆଶାବାଦୀ ଥିବାବେଳେ ସ୍କୋର୍ କାର୍ଡରେ କିନ୍ତୁ କମ୍ ମାର୍କ ରହିଥିଲା। ଏସ୍‌ଏସ୍‌ବି ପକ୍ଷରୁ ଉତ୍ତର ନ ବାହାର କରି ସିଧାସଳଖ ସ୍କୋର୍ କାର୍ଡ ପ୍ରକାଶ କରାଯାଇଥିବାରୁ ଉଚ୍ଚଶିକ୍ଷା ବିଭାଗର ଅଭିଯୋଗ ଶୁଣାଣିରେ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଜେଲ ଗଲେ...

ବିଏମ୍‌ସି ଅଫିସ ପରିସରରେ ଗତ ୩୦ ତାରିଖରେ ରତ୍ନାକରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା, ଯାହାର ଭିଡିଓ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ନିନ୍ଦା ପ୍ରକାଶ ପାଇଥିଲା । ଜଗନ୍ନାଥଙ୍କ ଗିରଫ ଦାବିରେ ୩ ଦିନ ଧରି ରାଜ୍ୟସାରା ଓଏଏସ୍ ଅଧିକାରୀମାନେ କାର୍ଯ୍ୟ କରୁ ନ ଥିବାରୁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା ଏଥିରେ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ଅଧିକାରୀ ସାମିଲ ହୋଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଥିଲା । ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ପର୍ଯ୍ୟନ୍ତ ସମସ୍ତେ ହଇରାଣ ହୋଇଥିଲେ । ଜଗନ୍ନାଥଙ୍କ ଗିରଫଦାରି ପୂର୍ବରୁ ଓଏଏସ୍ ସଂଘ ପକ୍ଷରୁ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସଭାପତି ଜ୍ୟୋତିରଞ୍ଜନ ମିଶ୍ର କହିଥିଲେ, ସମ୍ପ୍ରତି ବାଲେଶ୍ୱର ସମେତ କେତେକ ଅଞ୍ଚଳରେ ଯେଉଁ ବନ୍ୟା ପରିସ୍ଥିତି ଉପୁଜିଛି, ତାକୁ ଦୃଷ୍ଟିରେ ରଖି ଓଏଏସ୍ ଅଧିକାରୀମାନେ ଉକ୍ତ ଅଞ୍ଚଳରେ ସରକାରୀ କାର୍ଯ୍ୟ କରିବେ । ଏହାସହିତ ରଥଯାତ୍ରାରେ ମଧ୍ୟ ନିଜ କାର୍ଯ୍ୟ ସମ୍ପାଦନ କରିବେ ବୋଲି କହିଥିଲେ । ଜଗନ୍ନାଥଙ୍କ ଗିରଫଦାରି ପରେ ସଂଘ ପକ୍ଷରୁ ସଭାପତି ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉପରେ ସଂଘର ପୂର୍ଣ୍ଣ ଭରସା ଥିଲା ବୋଲି ସେ କହିଛନ୍ତି ।

## ସମୟ ପୂର୍ବରୁ...

ପାର୍ଟିକ୍ୟୁଲେଟ୍ ମ୍ୟାଟର ୨.୫(ପିଏମ୍୨.୫)କୁ ସବୁଠୁ ବିପଜ୍ଜନକ ବାୟୁ ପ୍ରଦୂଷକ ବୋଲି ମନେକରାଯାଉଛି । ଜୀବାଶ୍ମ ଇନ୍ଧନର ଓ ବାୟୋମାସ୍‌ର ଜାଳେଣିକୁ ଏଥିପାଇଁ ଦାୟୀ କରାଯାଉଛି । ଗବେଷକମାନେ ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ, ପଞ୍ଜାବ ଓ ହରିୟାଣା ଭଳି ଉପର ଗାଙ୍ଗେୟ ଅଞ୍ଚଳ ଏବଂ ଦକ୍ଷିଣ ଓ ଉତ୍ତର-ପୂର୍ବ ଅଞ୍ଚଳର ତଳ ସ୍ତରରେ ପିଏମ୍୨.୫ର ମାତ୍ରା ଅଧିକ ରହିଥିବା ଜାଣିବାକୁ ପାଇଛନ୍ତି । ବିଶେଷକରି ହିମାଚଳ ପ୍ରଦେଶ (୩୯%), ଉତ୍ତରାଖଣ୍ଡ(୨୭%), ରାଜସ୍ଥାନ(୧୮%) ଓ ଦିଲ୍ଲୀ(୧୭%) ଭଳି ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପିଲା ଜନ୍ମ ହେଉଛନ୍ତି । ତେବେ ମିଜୋରାମ, ମଣିପୁର ଓ ତ୍ରିପୁରାରେ ଏହାର ପ୍ରଭାବ କମ୍ ରହିଛି ।

ପଞ୍ଜାବରେ ସର୍ବାଧିକ ୨୨% ନବଜାତ ଶିଶୁଙ୍କ ଓଜନ କମ୍ ରହୁଛି । ଏହା ପଛକୁ ରହିଛି ଦିଲ୍ଲୀ, ଦାଦ୍ରା ଓ ନଗର ହାବେଳି, ମଧ୍ୟପ୍ରଦେଶ, ହରିୟାଣା ଓ ଉତ୍ତର ପ୍ରଦେଶ । ପିଲାଙ୍କ ଓଜନ କ୍ଷେତ୍ରରେ ଉତ୍ତର-ପୂର୍ବ ଭାରତର ସ୍ଥିତି ଉନ୍ନତ ରହିଛି । ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ ଓ ଅନ୍ୟାନ୍ୟ ଡେଟାକୁ ଉପଯୋଗକରି ଅଧ୍ୟୟନରେ ପରିସଂଖ୍ୟାନଗତ ବିଶ୍ଳେଷଣ କରାଯାଇଥିଲା । ସେଥିରୁ ୧୩% ପିଲା ପ୍ରିମାଚ୍ୟୁର ଜନ୍ମ ହେଉଥିବା ଏବଂ ୧୭ ପ୍ରତିଶତଙ୍କ ଓଜନ କମ୍ ରହୁଥିବା ଜଣାପଡ଼ିଥିଲା । ପ୍ରତି ୧୦ କ୍ୟୁବିକ୍ ମିଟରରେ ୧୦ ମାଇକ୍ରୋଗ୍ରାମ୍ ପ୍ରଦୂଷଣ ବଢ଼ିଲେ ଜନ୍ମବେଳେ ଶିଶୁଙ୍କ ଓଜନ ହ୍ରାସ ଆହୁରି ୫% ବଢ଼ିବା ଆଶଙ୍କା ରହିଛି । ସେହିପରି ସମୟ ପୂର୍ବରୁ ଜନ୍ମହାର ମଧ୍ୟ ଆହୁରି ୧୨% ବଢ଼ିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି । ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ ଅଧ୍ୟୟନର ୫ ବର୍ଷ ପୂର୍ବରୁ ଜନ୍ମିତ ୧୮% ଶିଶୁଙ୍କ ଓଜନ କମ୍ ରହିଥିବା ସେମାନେ ଜାଣିବାକୁ ପାଇଛନ୍ତି । ସେମାନେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମକୁ ଉତ୍ତର ଭାରତୀୟ ଜିଲାଗୁଡ଼ିକରେ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି ।

## ରତ୍ନଭଣ୍ଡାର ମରାମତି...

ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ଜୁନ୍ ୨୮ ତାରିଖରେ ରତ୍ନଭଣ୍ଡାର କାର୍ଯ୍ୟର ସମୀକ୍ଷା କରିବା ସହ ବାକିଥିବା କାର୍ଯ୍ୟ ଆରମ୍ଭ କରିଥିଲେ । ତେଣୁ ଗୁରୁବାର ରତ୍ନଭଣ୍ଡାର କାର୍ଯ୍ୟ ସମୀକ୍ଷା କରିବା ପାଇଁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିରକୁ ଯାଇଥିଲେ । ସମୀକ୍ଷା ପରେ ଗଜପତି ମହାରାଜା ରତ୍ନଭଣ୍ଡାର କାର୍ଯ୍ୟ ସନ୍ତୁଷ୍ଟ ଥିବା ସେ ପ୍ରତିକ୍ରିୟା ରଖିଛନ୍ତି । ଶ୍ରୀମନ୍ଦିର ୮୦୦ ବର୍ଷର ପୁରାତନ ହୋଇଥିବା ବେଳେ ପୂର୍ବରୁ ରତ୍ନଭଣ୍ଡାର କେବେ ମରାମତି ହୋଇ ନ ଥିଲା, ପ୍ରଥମଥର ପାଇଁ କରାଯାଉଛି । ଗଜପତି ମହାରାଜା କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ବହୁବର୍ଷ ପରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ହେଉଛି । ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ । ବାହାର ରତ୍ନଭଣ୍ଡାର ଓ ଭିତର ରତ୍ନଭଣ୍ଡାର ସ୍ଥିତି ବହୁତ ଖରାପ ଥିଲା । ଏହା ମରାମତି ହୋଇ ନ ଥିଲେ ସୁରକ୍ଷା ଦୃଷ୍ଟିରୁ ବହୁ ସମସ୍ୟା ହୋଇଥାନ୍ତା ବୋଲି ଏଏସ୍‌ଆଇ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ମହାପ୍ରଭୁଙ୍କ କୃପାରୁ ଏଏସ୍‌ଆଇର ସମସ୍ତ ଟିମ୍ ୧୧ ମାସ ହେଲା କାର୍ଯ୍ୟ ଜାରି ରଖିଛି । ଆସନ୍ତା ନୀଳାଦ୍ରି ବିଜେ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଛି । ମନ୍ଦିର ନିର୍ମାଣ ଶୈଳୀରେ ପଥରଗୁଡ଼ିକ ପ୍ରତିସ୍ଥାପନ କରାଯାଇଛି । ଅନେକ ପିଲର ଖରାପ ଥିବାରୁ ତାହା ରିପ୍ଲେସ କରାଯାଇଛି । ପାଖାପାଖି ୬୦୦ ଖଣ୍ଡ ସାହାଣ ପଥର ବ୍ୟବହାର କରାଯାଇଛି । ମରାମତି କାର୍ଯ୍ୟ ସରିବା ପରେ ବାହାର ଷ୍ଟ୍ରଙ୍ଗ୍ ରୁମ୍‌ରେ ଥିବା ରତ୍ନ ଅଳଙ୍କାର ଭିତର ଭଣ୍ଡାରକୁ ଯିବ । ନୀଳାଦ୍ରି ବିଜେ ପୂର୍ବରୁ ଭଣ୍ଡାର ମରାମତି କାର୍ଯ୍ୟ ସରି ମହାପ୍ରଭୁ ରତ୍ନ ସିଂହାସନରେ ବିଜେ କରିବା ପରେ ଅଳଙ୍କାରର ଗଣତି ମଣତି କରାଯିବ ।

ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି. ବି. ଗଡ଼ନାୟକ କହିଛନ୍ତି, ନୀଳାଦ୍ରି ବିଜେ ପୂର୍ବରୁ ସମସ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ରତ୍ନଭଣ୍ଡାରର ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି । ମୁଖ୍ୟ କାର୍ଯ୍ୟ ଯେପରି ପଥର ରିପ୍ଲେସମେଣ୍ଟ, ବିମ୍, ଫାଟ ମରାମତି ସହ ଅନ୍ୟାନ୍ୟ କାର୍ଯ୍ୟ ଶେଷ ହୋଇଯାଇଛି । ମହାରାଜା ମରାମତି କାର୍ଯ୍ୟ ଦେଖି ଖୁସିବ୍ୟକ୍ତ କରିଛନ୍ତି । ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି ।

## ଦିଲ୍ଲୀରେ ପୁରୁଣା...

ଏହା ଦ୍ୱାରା ୬୨ ଲକ୍ଷରୁ ଊର୍ଦ୍ଧ୍ୱ କାର, ଦୁଇଚକିଆ ଯାନ, ଟ୍ରକ୍ ଓ ଅନ୍ୟାନ୍ୟ ଗାଡ଼ି ପ୍ରଭାବିତ ହୋଇଥାନ୍ତେ । ଏହାକୁ ନେଇ ସରକାର ଲୋକଙ୍କ ରୋଷର ଶିକାର ହେବା ପରେ ବିବାଦୀୟ ନିଷ୍ପତ୍ତି ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି । ନିଷ୍ପତ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ସରକାର ସେମାନଙ୍କ ସହ ଛିଡ଼ା ହୋଇଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ମନ୍‌ଜିନ୍ଦର ସିଂ ସିର୍ସା କହିଛନ୍ତି । ତେବେ ପୁରୁଣା ଗାଡ଼ିଗୁଡ଼ିକୁ ବ୍ୟାନ୍ କରିବା ଦିଗରେ ସରକାର ସମାଧାନ ପନ୍ଥା ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି । ପୁରୁଣା କାର୍ ଓ ମୋଟରସାଇକେଲକୁ ଯତ୍ନର ସହ ରଖିଥିବା ଲୋକଙ୍କୁ ଦଣ୍ଡିତ କରା ନ ଯାଇ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ ନ ଥିବା ଗାଡ଼ିଗୁଡ଼ିକୁ ଜବତ କରିବା ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସିର୍ସା କହିଛନ୍ତି ।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ




**ଭୋଗରାଇ(ପ୍ରଦୀପ ଦାସ)/ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ), ୩।୭**

୧୦ଦିନ ମଧ୍ୟରେ ସୁବର୍ଣ୍ଣରେଖା ନଦୀରେ ଦୁଇ ଥର ବନ୍ୟା ଆସିଛି। ପ୍ରଥମ ବନ୍ୟା ପାଣି ନ ଛାଡୁଣୁ ଦ୍ୱିତୀୟ ବନ୍ୟା ଆସିଲା। ବନ୍ୟା ପ୍ରଭାବରେ ଉତ୍ତରବାଲେଶ୍ୱର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ବ୍ୟାପକ ଧନଜୀବନ କ୍ଷତି ଘଟିଛି। ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୋଗରାଇ ଓ ବାଲିଆପାଳ ବନ୍ୟାଞ୍ଚଳ ପରିଦର୍ଶନ କରି ଅପରାହ୍ନ ୫ଟାରେ ଭୁବନେଶ୍ୱର ଫେରିଯାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ହେଲିକପ୍ଟର ଯୋଗେ ଭୋଗରାଇ ତାଳସାରୀ ନିକଟ ବିନ୍ଧାପଦ୍ମପୁର ହେଲିପ୍ୟାଡ ପଡ଼ିଆରେ ପୂର୍ବାହ୍ନ ୧୧ଟା ୧୦ରେ ଅବତରଣ କରି କାର୍ ଯୋଗେ ଭୋଗରାଇ ଲକଗେଟରେ ପହଞ୍ଚିଥିଲେ। ସେଠାରୁ ଏକ ଯନ୍ତ୍ରଚାଳିତ ବୋଟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏଡିଏମ (ସାଧାରଣ) ସୁଧାକର ନାୟକ, ଜିଲାପରିଷଦ କାର୍ଯ୍ୟକାରିଣୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି ପ୍ରମୁଖ ସୁବର୍ଣ୍ଣରେଖା ନଦୀକୂଳ ଗାଁ ବାଉଁଶଖଣା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ବନ୍ୟା ବିପନ୍ନଙ୍କ ସମସ୍ୟା ପଚାରି ବୁଝିଥିଲେ। ବନ୍ୟା ବିପନ୍ନମାନେ ଶୁଖିଲା ଖାଦ୍ୟ ପାଇ ନ ଥିବା ଅଭିଯୋଗ ସହିତ ବାଉଁଶ ଖଣା ପ୍ରାଥମିକ ବିଦ୍ୟାଳୟ ଦୀର୍ଘଦିନ ହେଲା ବନ୍ଦ ଥିବାରୁ ଉକ୍ତ ବିଦ୍ୟାଳୟକୁ ଚଳିତବର୍ଷ ଖୋଲିଦେବାକୁ ଦାବି ରଖିଥିଲେ। ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଉପମୁଖ୍ୟମନ୍ତ୍ରୀ ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତର ଚଡ଼ବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମକୁ ବୋଟ୍ ଯୋଗେ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ସେଠାରେ ବନ୍ୟା ପ୍ରପୀଡ଼ିତଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ଲୋକଙ୍କ ମୁଖ୍ୟ ସମସ୍ୟା ପଞ୍ଚରୁଖିଠାରୁ ଗ୍ରାମକୁ ଆସିଥିବା ମୁଖ୍ୟରାସ୍ତା ଉପରେ ସ୍ଥାୟୀ ପୋଲ ଓ ରାସ୍ତାକୁ ଉଚ୍ଚା କରାଗଲେ ସମସ୍ୟା କିଛି ମାତ୍ରାରେ ସୁଧୁରିଯିବ ବୋଲି ଗ୍ରାମବାସୀଙ୍କ ଦାବିକୁ ବିଚାର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡା କହିଥିଲେ। ଏଥିସହିତ ବନ୍ୟା ପାଣି ଛାଡ଼ିବା ମାତ୍ରେ ସରକାରୀ କର୍ମଚାରୀମାନେ ଘର ଘର ବୁଲି କ୍ଷୟକ୍ଷତି ଆକଳନ କରି ସମସ୍ତଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହ ବସ୍ତା ବିଧାୟିକା ସୁବାସିନୀ ଜେନା ଓ ବାଲିଆପାଳ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଧୋଇଗଲା କାନପୁର ପ୍ରକଳ୍ପର କପର ବନ୍ଧ

- ବୈତରଣୀରେ ପ୍ରବାହିତ ହେଲା ଜଳ
- ତଳମୁଣ୍ଡରେ ବନ୍ୟା ଆଶଙ୍କା
- ବୈଷୟିକ ତ୍ରୁଟିରୁ ବନ୍ଧ ନିର୍ମାଣରେ ବିଳମ୍ବ

**ଯୋଡ଼ା,୩।୭(ମାନସ ମହାନ୍ତି)**

ଓଡ଼ିଶାର ପ୍ରମୁଖ ନଦୀ ବୈତରଣୀ ଉପରେ ନିର୍ମାଣାଧୀନ କାନପୁର ଡ୍ୟାମ୍‌ର ଅସ୍ଥାୟୀ କପର ମାଟି ବନ୍ଧ ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ ଜଳାଶୟରେ ଥିବା ବନ୍ଧ ଡେଇଁ ବୈତରଣୀରେ ଜଳ ପ୍ରବାହିତ ହୋଇଛି। ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା କରାଯାଉଛି। ବୈଷୟିକ ତ୍ରୁଟି କାରଣରୁ ଡ୍ୟାମ୍ କାମ ବିଳମ୍ବ ଘଟୁଛି। ଫଳରେ ଏଭଳି ସମସ୍ୟା ଉପୁଜିଥିବା ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶ ଯେ, ପୂର୍ବ ସରକାରଙ୍କ ଅମଳରୁ କାନପୁର ପ୍ରକଳ୍ପ ତଥା ବୈତରଣୀ ନଦୀବନ୍ଧ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଡିପ୍ଲିସନ ସ୍ଲୁଇସ ଗେଟ୍ ନିର୍ମାଣ ହୋଇ ନ ଥିଲା। ବନ୍ଧ କାର୍ଯ୍ୟ ସମାପନ ହୋଇ ଆସୁଥିବା ବେଳେ ବର୍ତ୍ତମାନର ସରକାର ଡିପ୍ଲିସନ ସ୍ଲୁଇସ ନିର୍ମାଣ ହୋଇ ନ ଥିବା ଜାଣି ବୈଷୟିକ ଟିମ୍ ସହ ଆଲୋଚନା କରିଥିଲେ। ପରେ ଡିପ୍ଲିସନ ସ୍ଲୁଇସ୍ ନିର୍ମାଣର ନିଷ୍ପତ୍ତି ନିଆଯାଇ ମେ ମାସରେ ଅସ୍ଥାୟୀ କପର ମାଟି ବନ୍ଧ ନିର୍ମାଣ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ନିର୍ମାଣ ପାଇଁ ଜଳକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରାଯାଇଥିଲା।


ଧୋଇଯାଇଥିବା ବନ୍ଧ

ଡିପ୍ଲିସନ ସ୍ଲୁଇସ୍ ପାଇଁ ପ୍ଲାଷ୍ଟିକ୍ କଂକ୍ରିଟ କରାଯାଇଥିଲା। ଏହି କାର୍ଯ୍ୟ ଅଗଷ୍ଟ ଭିତରେ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଆଶା କରାଯାଇଥିଲା। ତେବେ ଉପରମୁଣ୍ଡ ବାଂଶପାଳ ବ୍ଲକ୍ ଅଞ୍ଚଳରେ ଗତ ୧୭ ଓ ୧୮ ତାରିଖରେ ୧୭୦ ମିଲିମିଟର ବୃଷ୍ଟିପାତ ହେବା ସହ ୧୭ ତାରିଖରୁ ଯୋଡ଼ା ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ଫଳରେ ସୁନା ନଦୀର ଜଳସ୍ତର ବୃଦ୍ଧି ପାଇ ଜଳାଶୟର ବର୍ତ୍ତମାନର କ୍ଷମତା ପୂର୍ଣ୍ଣ ହୋଇଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କାନପୁର ଡ୍ୟାମ୍ କର୍ତ୍ତୃପକ୍ଷ ଅସ୍ଥାୟୀ କପର ଡ୍ୟାମ୍ ଭାଙ୍ଗିବା ଆଶଙ୍କାକରି ଶ୍ରମିକ ଓ ମେଶିନକୁ ଡିପ୍ଲିସନ ସ୍ଲୁଇସ୍ ଗେଟ୍ ନିର୍ମାଣ ସ୍ଥଳରୁ ହଟାଇନେଇଥିଲେ। ଗୁରୁବାର ସକାଳେ ଜଳାଶୟର ଜଳସ୍ତର ଚାପରେ ମାଟିରେ ନିର୍ମାଣ କରାଯାଇ ଥିବା କପର ବନ୍ଧଟି ଭାଙ୍ଗିଯାଇଛି। ଜଳ ଅର୍ଦ୍ଧନିର୍ମିତ ଗେଟ୍ ଲଂଘି ପ୍ରବଳ ସ୍ରୋତରେ ପ୍ରବାହିତ ହୋଇଥିଲା। ଜଳରାଶି ଏବେ ବି ନିଷ୍କାସନର ବାଟ ନ ଥିବାରୁ ଅନବରତ ବୈତରଣୀରେ ପ୍ରବାହିତ ହେଉଛି। ଫଳରେ ବୈତରଣୀର ତଳମୁଣ୍ଡରେ ବନ୍ୟା ଆଶଙ୍କା ଦେଖାଦେଇଛି।

କାନପୁର ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କହିଛନ୍ତି, ଅସ୍ଥାୟୀ ମାଟି ନିର୍ମିତ କପର ଡ୍ୟାମ୍ ଭାଙ୍ଗିବାରୁ ବନ୍ଧର କୌଣସି କ୍ଷତି ହୋଇନାହିଁ। ମାତ୍ର ଡିପ୍ଲିସନ ସ୍ଲୁଇସ୍ ନିର୍ମାଣ କାର୍ଯ୍ୟ ବ୍ୟାହତ ହୋଇଛି। ବର୍ଷା ନ କମିବା ପର୍ଯ୍ୟନ୍ତ କାର୍ଯ୍ୟ କରିହେବ ନାହିଁ। ଚଳିତ ବର୍ଷ କେବଳ ଜୁନ୍‌ରେ ୪୫୦ ଏମ୍‌ଏମ୍ ବୃଷ୍ଟିପାତ ହେତୁ ନିର୍ମାଣର ସମସ୍ତ ଯୋଜନା ଫେଲ୍ ମାରିଲା। ଜଳାଶୟର ସମ୍ପୂର୍ଣ୍ଣ ଜଳମଗ୍ନ ଅଞ୍ଚଳ ୨୫୧୧.୨୬୬ ହେକ୍ଟର। ଜଳାଶୟର ସର୍ବୋଚ୍ଚ ଉଚ୍ଚତା ବା ଗଭୀରତା ୩୯.୫୦ ମିଟର। ଗୁରୁବାର ଜଳାଶୟକୁ ୨୪୯.୫୯୬ ଘନ ମିଟର ପ୍ରତି ସେକେଣ୍ଡରେ ଜଳ ପ୍ରବେଶ କରୁଛି। ଅସ୍ଥାୟୀ ମାଟି କପର ଡ୍ୟାମ୍ ଭାଙ୍ଗିଯିବା ହେତୁ ନିର୍ମାଣାଧୀନ ବନ୍ଧକୁ ଅତିକ୍ରମ କରି ଜରୁରିକାଳୀନ ନିଷ୍କାସନ କେନାଲ ଦେଇ ୩୩୬.୮୭୫ ଘନ ମିଟର ଜଳ ପ୍ରତି ସେକେଣ୍ଡରେ ପ୍ରବାହିତ ହେଉଛି।

ପ୍ରକାଶଯୋଗ୍ୟ, ରାଜ୍ୟ ସରକାର ବନ୍ଧ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ଚାହୁଁଛନ୍ତି। ମାତ୍ର ଅତୀତରେ ଜଳ ନିଷ୍କାସନ ପାଇଁ ଡିପ୍ଲିଶନ ସ୍ଲୁଇସ୍ ନିର୍ମାଣ ହୋଇ ନ ଥିବାରୁ ପ୍ରକଳ୍ପ ପୁଣି ଅନିଶ୍ଚିତତା ଘେରକୁ ଚାଲିଯାଇଛି। ଏହା କାହିଁକି ନିର୍ମାଣ ହୋଇ ନ ଥିଲା ସରକାର ଏହାର ତଦନ୍ତ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଲ୍ୟାଣ୍ଡ ମାଇନ ବିସ୍ଫୋରଣ, ଯବାନ ଗୁରୁତର

**ବଣାଇଁ,୩।୭(ପ୍ରଦୀପ ତ୍ରିପାଠୀ)**


ମନୋଜ ଦମାଇ

ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଲଗ୍ନ ଛୋଟନାଗରା ଥାନା ବାବୁଡେରା ନିକଟ ସରଣ୍ଡା ଜଙ୍ଗଲରେ ଗୁରୁବାର ପ୍ରତ୍ୟୁଷରେ ସର୍ଚ୍ଚ ଅପରେଶନ ବେଳେ ପୁଣି ଲ୍ୟାଣ୍ଡ ମାଇନ ବିସ୍ଫୋରଣ ଘଟିଛି। ଏଥିରେ ଝାଡ଼ଖଣ୍ଡ ଜାଗୁଆର୍ ଟିମ୍‌ର ଯବାନ ମନୋଜ ଦମାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ଏୟାର ଲିଫ୍ଟ କରାଯାଇଛି। ୨ଦିନ ତଳେ ସରଣ୍ଡା ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ଥିବା ପ୍ରାୟ ୧୮ ହଜାର ଡେଟୋନେଟର ଝାଡ଼ଖଣ୍ଡ ଜାଗୁଆର୍ ଓ ସିଆର୍‌ପିଏଫ୍ ୬୦ ବାଟାଲିୟନ ଅର୍ଦ୍ଧ ସାମରିକ ବାହିନୀର ମିଳିତ ସର୍ଚ୍ଚ ଅପରେଶନ ବେଳେ ଏହା ଜବତ ହୋଇଥିଲା। ଆଜିର ଘଟଣା ମାଓବାଦୀଙ୍କ ପକ୍ଷରୁ କାଉଣ୍ଟର ଆଟାକ୍ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ମାଓବାଦୀ ଅଧ୍ୟୁଷିତ ବଣାଇଁ ଉପଖଣ୍ଡରେ ବିଗତ ଦିନରେ ମୁତୟନ ଅର୍ଦ୍ଧସାମରିକ ବାହିନୀ (ସିଆର୍‌ପିଏଫ୍) ପୋଷ୍ଟଗୁଡ଼ିକୁ ମାଓବାଦୀମୁକ୍ତ ଅଞ୍ଚଳ ଘୋଷଣା କରି ୨୦୧୫ରେ ଅପସାରିତ କରାଯାଇଥିଲା। କିଛିଦିନ ନୀରବ ରହି ବଳ ଗୋଟାଉଥିବା ଛୋଟନାଗପୁର ମାଓବାଦୀ ଡିଭିଜନ ଏବେ ପୁନଃ ସକ୍ରିୟ ହୋଇ ଉଠିଛି। ଦୀର୍ଘଦିନ ହେବ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳରୁ ଅପସାରିତ ଅର୍ଦ୍ଧସାମରିକ ବାହିନୀଙ୍କୁ ପୁନଃ ଓଡ଼ିଶା-ଝାଡଖଣ୍ଡ ସୀମାରେ ମୁତୟନ ନ କଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହେବା ଜଣାପଡୁଛି।

## ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ମିଳିଲା ଆଗୁଆ ଜାମିନ

**ସିବିଆଇ ଚଢ଼ାଉ ମାମଲା**

**କଟକ,୩।୭(କାର୍ତ୍ତିକ ସାହୁ)**

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀ ଓ ତାଙ୍କ ପରିବାରକୁ ଆଶ୍ୱସ୍ତି ମିଳିଛି। ବିଷ୍ଣୁପଦଙ୍କ ପକ୍ଷରୁ ଆଗତ ଆଗୁଆ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଭି. ନରସିଂହ ତାଙ୍କ ଆବେଦନକୁ ଗୁରୁବାର ମଞ୍ଜୁର କରିଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୮କୁ ଧାର୍ଯ୍ୟ ହୋଇଛି।

ସୂଚନାନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ାଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଆବେଦନ ଉପରେ ହାଇକୋର୍ଟ ପ୍ରାଥମିକ ଅବସ୍ଥାରେ ସିବିଆଇ କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ହାଇକୋର୍ଟ ବିଷ୍ଣୁପଦଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ପୁଣି ବିଷ୍ଣୁପଦଙ୍କ ପକ୍ଷରୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରାଯାଇଥିଲା।

## ୬ରେ ଖୋଲିବ ହୀରାକୁଦ ଜଳଭଣ୍ଡାର ଗେଟ୍


**ସମ୍ବଲପୁର,୩।୭(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରରୁ ଆସନ୍ତା ୬ତାରିଖରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହେବ। ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ଅବବାହିକା ପରିଚାଳକଙ୍କ କାର୍ଯ୍ୟାଳୟ ବୁର୍ଲାଙ୍କ ସୂଚନା ଅନୁସାରେ ହୀରାକୁଦର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ କ୍ରମାଗତ ଭାବେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଭଣ୍ଡାରରୁ ବନ୍ୟା ଜଳ ନିଷ୍କାସନ ପାଇଁ ଆସନ୍ତା ୬ତାରିଖ ପୂର୍ବାହ୍ନ ୧୦ଟାରେ ଗେଟ୍ ଖୋଲାଯିବ। ଫଳରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବ। ଏହି ସମୟରେ ଜଳଭଣ୍ଡାର ତଳମୁଣ୍ଡ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ମହାନଦୀ ବା ଏହାର ଶାଖାନଦୀ ମଧ୍ୟକୁ ପ୍ରବେଶ ନ କରିବା ତଥା ନଦୀର ଅନ୍ୟାନ୍ୟ ବ୍ୟବହାର ସମୟରେ ମଧ୍ୟ ସତର୍କତା ଅବଲମ୍ବନ ପାଇଁ ଜନସାଧାରଣଙ୍କୁ ସୂଚାଇ ଦିଆଯାଇଛି।

## ୨୦୨୬ ଜାନୁଆରୀ ୩୧ ସୁଦ୍ଧା ଆସିବ ନୂଆ ସମବାୟ ନୀତି: ମନ୍ତ୍ରୀ

**ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ନୂଆ ସମବାୟ ନୀତି ଆଣିବାକୁ ଯାଉଛନ୍ତି। ୨୦୨୬ ଜାନୁଆରୀ ୩୧ ସୁଦ୍ଧା ନୂଆ ସମବାୟ ନୀତି ଆସିବ ବୋଲି ଦିଲ୍ଲୀରୁ ଫେରି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟର ସବୁ ପଞ୍ଚାୟତରେ ସମବାୟ ସମିତି ଗଠନ ହେବ। ସବୁ ସମବାୟ ସମିତିରେ ଏକାଧିକ ବ୍ୟବସାୟ କରାଯିବ। ସମବାୟ ସମିତି ଗୁଡିକରେ ଏଲ୍‌ପିଜି ଗ୍ୟାସ୍ ବିତରଣ ଏବଂ ଔଷଧ ଦୋକାନ ଆଦି ରହିବ। ପେଟ୍ରୋଲ ପମ୍ପ, ଜନ ସେବା କେନ୍ଦ୍ର, ଡାଇରୀ ଫାର୍ମ ଏବଂ ଦୁଗ୍ଧ ବିତରଣ ବ୍ୟବସ୍ଥା ମଧ୍ୟ ରହିବ। ଲୋକଙ୍କ ଘର ପାଖରେ ସବୁ ସୁବିଧା ପହଞ୍ଚାଇବାକୁ ସବୁ ବ୍ୟବସ୍ଥା କରାଯିବ। ଲାଭ ଆଦାୟ ପାଇଁ ନୁହେଁ ବରଂ ସେବା ଯୋଗାଇବା ପାଇଁ ସମବାୟ ସମିତି କାର୍ଯ୍ୟ କରିବ। ଏହା ସହିତ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କ ପ୍ରତିଷ୍ଠା ହେବ। କେନ୍ଦ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଓଡିଶା ଫେରିବା ପରେ ମନ୍ତ୍ରୀ ବଳସାମନ୍ତ ଏହି ସୂଚନା ଦେଇଛନ୍ତି।




## ଟ୍ରକ୍ ମାଡ଼ିଯାଇ ମହିଳା ହୋମ୍‌ଗାର୍ଡଙ୍କ ମୃତ୍ୟୁ

**୪ ମାସ ତଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା**

**କଟକ,୩।୭(କାର୍ତ୍ତିକ ସାହୁ)**


ମନୋରମା ପଣ୍ଡା

କଟକ ଛତ୍ରବଜାରରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଅଘଟଣ ଘଟିଯାଇଛି। ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ୍ (ନଂ.ଓଡି-୦୪-ପି-୪୦୩୨) ଜଣେ କାର୍ଯ୍ୟରତ ମହିଳା ହୋମଗାର୍ଡଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ହେଲେ ମାଲଗୋଦାମ ଥାନାର ହୋମ୍‌ଗାର୍ଡ ମନୋରମା ପଣ୍ଡା (୫୬)। ମାଲଗୋଦାମ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏସ୍‌ସିବି ମେଡିକାଲକୁ ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରି ଥାନାକୁ ଆଣିଛି। ଡ୍ରାଇଭର ଫେରାର ଥିବା ବେଳେ ଟ୍ରକ୍‌ର ଅନ୍ୟ ଜଣେ କର୍ମଚାରୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଥାନାରେ ଦୁର୍ଘଟଣା ମାମଲା (ନଂ. ୧୫୦/୨୫) ରୁଜୁ ହୋଇଛି। ସୂଚନାନୁସାରେ, ମନୋରମା ଛତ୍ରବଜାରରୁ ପରିବା ଓ ଅନ୍ୟାନ୍ୟ ଗ୍ରୋସେରି ସାମଗ୍ରୀ ନେଇ ସାଇକେଲରେ ଫେରୁଥିବା ବେଳେ ତାଙ୍କ ଉପରେ ଟ୍ରକଟି ପଛରୁ ଆସି ମାଡ଼ି ଯାଇଥିଲା। ଅପରପକ୍ଷରେ ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କ ସୂଚନାନୁସାରେ, ହୋମ୍‌ଗାର୍ଡ ମନୋରମାଙ୍କୁ ଗୁରୁବାର ସାଦା ପୋଷାକରେ ଡ୍ୟୁଟି କରିବା ପାଇଁ କୁହାଯାଇଥିଲା। ସେ ଛତ୍ରବଜାର ପରିବା ମାର୍କେଟ ଅଞ୍ଚଳରେ ଡ୍ୟୁଟି କରୁଥିଲେ। ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇ ତାଙ୍କ ଉପରେ ମାଡ଼ିଯାଇଥିଲା। ମନୋରମାଙ୍କ ବଡ଼ ପୁଅ ମୃତ୍ୟୁଞ୍ଜୟ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ଆଇଆଇସି ଦାସ କହିଛନ୍ତି। ମନୋରମାଙ୍କ ଘର ନିଶ୍ଚିନ୍ତକୋଇଲି ଅସୁରେଶ୍ୱର କୁଳଗାଁ ଇଶାଳ ଗ୍ରାମରେ। ୪ ମାସ ତଳେ ତାଙ୍କ ସ୍ୱାମୀ ଅଶ୍ୱିନୀ କୁମାର ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ୨ ପୁଅ ଅଛନ୍ତି। ସେ କଟକ ରାଉସାପାଟଣାରେ ଭଡ଼ା ନେଇ ରହୁଥିଲେ।

## ସମଗ୍ର ନାରୀ ଜାତି ଆଗରେ କ୍ଷମାମାଗନ୍ତୁ ଖଟୁଆ: ବିଜେଡି

**ଭୁବନେଶ୍ୱର,୩।୭(ସୁନିତ୍ ମିଶ୍ର)**

ନୀଳଗିରି ଭାଜପା ବିଧାୟକ ସନ୍ତୋଷ ଖଟୁଆଙ୍କ ହାତୀ ଶିକାର ଓ ହାତୀର ଦାନ୍ତ ଚୋରି ଘଟଣାରେ ସମ୍ପୃକ୍ତି ଅଭିଯୋଗ କରିବାରୁ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ସେ କୁତ୍ସିତ ଓ ନିମ୍ନରୁଚିର ମନ୍ତବ୍ୟ ଦେଇଛନ୍ତି। ବିଜେଡି ଏହାକୁ ଦୃଢ ନିନ୍ଦାକରିବା ସହ ତୁରନ୍ତ ସମଗ୍ର ନାରୀ ଜାତି ନିକଟରେ ଖଟୁଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ କହିଛନ୍ତି, ବନ ବିଭାଗ ଖଟୁଆଙ୍କ ଫାର୍ମ ହାଉସରୁ ହାତୀଦାନ୍ତ ଚୋରଙ୍କୁ ଧରିବା ବାବଦରେ ବୁଧବାର ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଶାସକ ଦଳର ବିଧାୟକ ହୋଇଥିବାରୁ ଏଭଳି ସ୍ପର୍ଶକାତର ମାମଲାରେ ସମ୍ପୃକ୍ତି ଥିଲେ ମଧ୍ୟ ବନ ବିଭାଗ ଖଟୁଆଙ୍କୁ କାହିଁକି ଗିରଫ କରୁନାହାନ୍ତି ବୋଲି ବିଜେଡି ପ୍ରଶ୍ନ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଖଟୁଆ ଅତ୍ୟନ୍ତ ଘୃଣ୍ୟ, କୁତ୍ସିତ, ଅପମାନଜନକ ଓ ନିମ୍ନ ରୁଚିର ଭାଷା ପ୍ରୟୋଗ କରି ଲେଖାଶ୍ରୀଙ୍କୁ କହିଥିଲେ। ଜଣେ ମହିଳାଙ୍କ ମୁହଁକୁ ଆଧାରକରି ଯଦି ନ କାରାତ୍ମକ ଟିପ୍ପଣୀ ଦିଆଯାଏ, ତାହା କେବେହେଲେ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାଜପାରେ ମଧ୍ୟ ମହିଳା ନେତ୍ରୀ ତଥା ନିର୍ବାଚିତ ମହିଳା ପ୍ରତିନିଧି ଅଛନ୍ତି। ଭିନ୍ନ ଚିନ୍ତାଧାରାର ଦଳ ବୋଲି ନିଜକୁ କହୁଥିବା ଭାଜପା ମହିଳାଙ୍କ ପ୍ରତି ଏଭଳି ଭାଷା ପ୍ରୟୋଗ କରିବା ପାଇଁ ତାଙ୍କ ବିଧାୟକମାନଙ୍କୁ ତାଲିମ ଦେଇଛି କି ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି।

## ଦେବାଶିଷ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ନିଯୁକ୍ତ

**ଭୁବନେଶ୍ୱର,୩।୭(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ତଥା ବରିଷ୍ଠ ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ବୁଧବାର ଏକ ବିଜ୍ଞପ୍ତିରେ ଦର୍ଶାଇଛନ୍ତି, ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ନିକଟରେ ଅବସର ଗ୍ରହଣ କରିଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଗୁରୁବାର ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଚନ୍ଦ୍ରଶେଖର ପାଢ଼ୀଙ୍କୁ ୬ମାସ ପାଇଁ ବିଭାଗରେ ପୁନଃ ନିଯୁକ୍ତି ଦିଆଯାଇଛି। ସଂପ୍ରତି ସେ ବିଭାଗର ଓଏସ୍‌ଡି କମ୍ ସର୍ବୋଚ୍ଚ ଯନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବେ।

**ଜଳସମ୍ପଦ ବିଭାଗ ସର୍ବୋଚ୍ଚଯନ୍ତ୍ରୀଙ୍କୁ ପୁନଃ ନିଯୁକ୍ତି**

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। –ଶ୍ରୀମା



# ଭବିଷ୍ୟତର ଇରାନ୍



ଜୱାଦ ସାଲେହି-ଇସ୍ଫାହାନି

ଦୁଇଟି ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଇସ୍ରାଏଲ ଓ ଆମେରିକା ବିରୋଧରେ ଇରାନ୍‌ର ୧୨ ଦିନିଆ ଯୁଦ୍ଧ ସବୁ ପକ୍ଷକୁ ବିଜୟୀ ଘୋଷଣା କରିବାକୁ ସୁଯୋଗ ଦେଇଛି। ଇସ୍‌ଲାମିକ ରିପବ୍ଲିକ (ଇରାନ୍) ପାଇଁ ବିଜୟ ଶୀଘ୍ର ହେଲା, କାରଣ ତାହାର ଶାସନ ଏଯାବତ ସୁରକ୍ଷିତ ଅଛି। ଏହାର ଶାସନ ଭୁଶୁଡ଼ି ନାହିଁ କିମ୍ବା ଏହା ବିରୋଧରେ କୌଣସି ବିଦ୍ରୋହ ହୋଇନାହିଁ କି ଶାସନରେ ପରିବର୍ତ୍ତନ ଘଟିନାହିଁ। ଅନେକ ଇରାନୀୟ, ବିଶେଷକରି ବିଦେଶରେ ଥିବା ବିରୋଧୀଙ୍କ ମତରେ ଆକ୍ରମଣର ତୀବ୍ରତା ସରକାର ପତନକୁ ସୂଚିତ କରୁଥିଲା। କିନ୍ତୁ ବିଦ୍ରୋହ ସମ୍ଭବ ହେଲା ନାହିଁ। ସହରରେ ରହୁଥିବା ମଧ୍ୟବିତ୍ତ ବର୍ଗ, ଯେଉଁମାନେ ଇରାନ୍‌ର ସାମାଜିକ ଓ ବୃତ୍ତିଗତ ଜୀବନର ମେରୁଦଣ୍ଡ, ସେମାନେ ଦୁଇ ବିଦେଶୀ ଶକ୍ତିଙ୍କ ସପକ୍ଷରେ ସ୍ୱର ଉଠାଉନାହାନ୍ତି। ସାଧାରଣ ଇରାନୀୟ ନାଗରିକମାନେ କ'ଣ ପାଇଛନ୍ତି ବା ପାଇନାହାନ୍ତି ତାହା ଆଗାମୀ ସ୍ଥିତି ଉପରେ ନିର୍ଭର କରେ। ସରକାର ଏହା ଉପରେ କିଭଳି ପଦକ୍ଷେପ ନେବେ ଓ ବେସାମରିକ ଭିତ୍ତିଭୂମିର ପୁନର୍ଗଠନ କରିପାରିବେ, ମଧ୍ୟବିତ୍ତ ବର୍ଗଙ୍କୁ କ୍ଷତିପୂରଣ ଦେବେ ତାହା ଗୁରୁତ୍ୱପୂର୍ଣ୍ଣ ହେବ। ଦେଖିବାକୁ ଗଲେ ଇସ୍ରାଏଲ ଆକ୍ରମଣର ବହୁ ପୂର୍ବରୁ କିଛି ପରିବର୍ତ୍ତନ ଘଟିଥିଲା। ୨୦୨୩ ମଧ୍ୟଭାଗରୁ ଇସ୍‌ଲାମିକ୍ ରିପବ୍ଲିକ୍ ଆଭ୍ୟନ୍ତରୀଣ ଯୋଜନାବଦ୍ଧ ପରିବର୍ତ୍ତନର ସଙ୍କେତ ଦେଇଆସୁଛି। ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ୍‌ର ଆକ୍ରମଣ ପରେ ସେଥିରେ ସିଧାସଳଖ ମୁଣ୍ଡ ଖେଳାଇ ନ ଥିଲା କିମ୍ବା ଏହାର ମିତ୍ରଦେଶ ଲେବାନନ୍ ଓ ସିରିଆର ଚାପରେ ପ୍ରତିକ୍ରିୟା ପ୍ରକାଶ କରି ନ ଥିଲା।

ପୋଲିସ ହେପାଜତରେ ଥିବା ମାଶା ଅମିନ ନାମ୍ନୀ ଯୁବତୀଙ୍କ ମୃତ୍ୟୁ ପରେ ୨୦୨୨ରେ ଦେଖାଦେଇଥିବା ଗଣ ଆନ୍ଦୋଳନକୁ ଦେଖି ସରକାର ରାସ୍ତାରେ ଲାଗୁ ହୋଇଥିବା ଅଲିଖିତ ଡ୍ରେସ୍ କୋଡ୍‌କୁ ହଟାଇନେଇଥିଲେ। ଗତ ଏପ୍ରିଲରେ ମୁଁ ତେହେରାନ ଓ ଅନ୍ୟ କେତେକ ଛୋଟ ସହରକୁ ଯାଇଥିଲି ଓ ସେଠାରେ ସହରୀ ଦୃଶ୍ୟପଟରେ ପରିବର୍ତ୍ତନ ଦେଖିଥିଲି। ଅନେକ ମହିଳା ମୁଣ୍ଡ ନ ଘୋଡ଼ାଇ ବାହାରକୁ ଯାଉଥିଲେ ଏବଂ ପୁରୁଷଙ୍କ ସହ କଫି ଶପ୍‌ରେ ସେମାନଙ୍କୁ ଦେଖିବାକୁ ମିଳିଥିଲା। ଜୁନ୍ ୨୦୨୪ରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ମାସୁଦ୍ ପେଜେସ୍କିଆନ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଜଣେ ସୁଧାର ମନସ୍କ ବ୍ୟକ୍ତି ଭାବେ ସେ ରକ୍ଷଣଶୀଳ ନେତା ଇବ୍ରାହିମ୍ ରଏସିଙ୍କ ଉତ୍ତରାଧିକାରୀ ହୋଇଥିଲେ। ଉଲ୍ଲେଖନୀୟ,



ରଏସି ରାଷ୍ଟ୍ରପତି ଥିବାବେଳେ ହିଜାବ ଲାଗୁକୁ ପ୍ରାଥମିକତା ଦେଇଥିଲେ ଏବଂ ଆନ୍ଦୋଳନ ଉପରେ ହିଂସ୍ରକ ପଦକ୍ଷେପ ନେଇଥିଲେ। ଜୁଲାଇ ୨୦୨୪ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ରଏସିଙ୍କ ମୃତ୍ୟୁ ଘଟିଥିଲା। ଯେତେବେଳେ ଏକ ନୂଆ ହିଜାବ ଆଇନ ପାସ୍ ହେଲା, ସେତେବେଳେ ପେଜେସ୍କିଆନ ଏହାକୁ ଲାଗୁକରିବାକୁ ମନାକରି ଏକ ନୂଆ ପ୍ରଭାବୀ ସାମାଜିକ ନୀତି ଆରମ୍ଭ କରିବାକୁ ଅନୁମତି ଦେଇଥିଲେ। ତେବେ ଇରାନର ଅର୍ଥ ବ୍ୟବସ୍ଥା ସେତିକି ଦୁର୍ବଳ ନୁହେଁ ଯେତିକି ବିଦେଶୀ ଗଣମାଧ୍ୟମଗୁଡ଼ିକ ଦର୍ଶାଉଛନ୍ତି। ସେମାନେ ଯେଉଁ ତଥ୍ୟ ଦେଉଛନ୍ତି ତାହା ଠିକ୍ ନୁହେଁ କି ଆସନ୍ନ ପତନ ସମ୍ପର୍କରେ ଯାହା କହୁଛନ୍ତି ତାହା ଗ୍ରହଣୀୟ ନୁହେଁ। ୨୦୧୮ରେ ଇରାନ୍ ଉପରେ ଆମେରିକା ଲଗାଇଥିବା କଠୋର କଟକଣା (୨୦୧୫ ଆଣବିକ ଚୁକ୍ତିରୁ ଡୋନାଲ୍ଡ ଟ୍ରମ୍ପ ଦୂରେଇ ଯିବା ପରେ) ସତ୍ତ୍ୱେ ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ସୁଧୁରିବାରେ ଲାଗିଛି। ୨୦୨୪ ସୁଦ୍ଧା ଇରାନ୍‌ର ଜିଡିପି ୨୦୧୮ର ଶୀର୍ଷ ସ୍ତରକୁ ଟପିଯାଇଛି ଏବଂ ବାର୍ଷିକ ଅଭିବୃଦ୍ଧି ପାଖାପାଖି ୩ ପ୍ରତିଶତ ରହିଛି। ତେବେ ଟ୍ରମ୍ପ୍ ଲାଗୁ କରିଥିବା କଟକଣାକୁ ବାଇଡେନ୍ ପ୍ରଶାସନ କୋହଳ କରିବା ପରେ ତୈଳ ରପ୍ତାନି ଯୋଗୁ ଏହା ସମ୍ଭବ ହୋଇଥିଲା। ବର୍ଷେ ଦୁଇ ହେବ ପ୍ରକୃତ ମୁଣ୍ଡ ପିଛା ବ୍ୟୟ ବଢୁଛି ବୋଲି ଏକ ସର୍ଭେରୁ ମଧ୍ୟ ଜଣାପଡ଼ିଛି।

ପେଜେସ୍କିଆନ୍ କଲ୍ୟାଣ ଓ ଶ୍ରମ ମନ୍ତ୍ରଣାଳୟରେ ଜଣେ ପ୍ରଗତିଶୀଳ ମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ଭାବେ ଶିକାଗୋରେ ଶିକ୍ଷା ଲାଭ କରିଥିବା ଜଣେ ଯୁବକଙ୍କୁ ନିଯୁକ୍ତ କରିଛନ୍ତି, ଯାହା ଆର୍ଥିକ ସୁପରିଚାଳନାର ଏକ ସଙ୍କେତ ଦେଉଛି। ଆରମ୍ଭରୁ ଏକ ପ୍ରଶ୍ନ ସାମ୍ନାକୁ ଆସିବାରେ ଲାଗିଛି ଯେ, ନିୟମିତ ଭାବେ ଇରାନ ବାର୍ଷିକ ବଜେଟ ଓ ୫ବର୍ଷିଆ ଯୋଜନାରେ ୮ ପ୍ରତିଶତ ଅଭିବୃଦ୍ଧିର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରୁଛି ତାହାକୁ ପୂରଣ କରିପାରିବ କି ନାହିଁ, ସେ ନେଇ ବଡ଼ ବିତର୍କ ଚାଲିଛି। ଅର୍ଥନୀତିଜ୍ଞମାନେ ଏକମତ ଯେ, ଏହା ହାସଲ କରିବା ଲାଗି କୂଟନୀତି ଦରକାର, ମିଶାଇଲ ନୁହେଁ। ତଥାପି, ପେଜିସ୍କିଆନ୍ ପ୍ରଶାସନର ନୂତନ ୨୦୧୦ର କ୍ୟାଶ ଟ୍ରାନ୍ସଫର ପ୍ରୋଗ୍ରାମ ସମେତ ଅନେକ ଆର୍ଥିକ ସୁଧାର ନୀତି ହୁଏତ ଇସ୍ରାଏଲର ଆକ୍ରମଣ ପରିପ୍ରେକ୍ଷୀରେ ସରକାରଙ୍କୁ ସମର୍ଥନ କରିବା ପାଇଁ ସହରୀ ମଧ୍ୟବିତ୍ତ ବର୍ଗଙ୍କ ମନରେ ଆଗ୍ରହ ସୃଷ୍ଟି କରିଛି। ଯୁଦ୍ଧ ପୁଣି ଆରମ୍ଭ କଲେ ବିକାଶ ଲକ୍ଷ୍ୟରୁ ଇରାନ ଦୂରେଇଯିବ ବୋଲି ଇରାନୀୟ ନେତାମାନେ ମନେକରନ୍ତି। ୨୦୦୫ରେ ବିକାଶର ଏହି ୨୦ ବର୍ଷିଆ ଭିଜନ ପ୍ଲାନ୍ ସ୍ଥିର କରାଯାଇଥିଲା ଏବଂ ୨୦୨୫ ସୁଦ୍ଧା ମଧ୍ୟପ୍ରାଚ୍ୟର ଶୀର୍ଷ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଇରାନକୁ ସ୍ଥାନିତ କରିବା ସକାଶେ ଲକ୍ଷ୍ୟ ରଖାଯାଇଥିଲା।

ଏବକାର ଯୁଦ୍ଧ ଇରାନକୁ ସାମରିକ ଶକ୍ତି ବଢ଼ାଇବା ଦିଗରେ ପ୍ରେରିତ କରିବ ନା ଦେଶର ଅର୍ଥ ବ୍ୟବସ୍ଥା ବୃଦ୍ଧି କିମ୍ବା ନାଗରିକ ସମାଜ ଓ ଘରୋଇ କ୍ଷେତ୍ରର ସ୍ୱାଧୀନତା ପାଇଁ ପଦକ୍ଷେପ ନେବ, ତାହାକୁ ନେଇ ପ୍ରଶ୍ନ ଉଠୁଛି। ୧୯୮୦ ଦଶକରେ ଇରାକ ସହ ଦୀର୍ଘ ୮ ବର୍ଷର ସଂଘର୍ଷ ଅନେକଙ୍କର ମନେରହିଥିବ। ଏହାଦ୍ୱାରା ରାଶନ ବ୍ୟବସ୍ଥା, କେନ୍ଦ୍ରୀୟ ଯୋଜନା ତଥା ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ପ୍ରଭାବ ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଥିଲା। ମାର୍କେଟ ନୀତି ପୁନର୍ବାର ଆରମ୍ଭ କରିବା ସହ ଘରୋଇ କ୍ଷେତ୍ରର ପୁନରୁଦ୍ଧାର ଆଦିରେ ସୁଧାର ଆଣିବା ଲାଗି ପାଖାପାଖି ୨ ଦଶନ୍ଧି ଲାଗିଗଲା। ଇରାନ ଏବେ ଭଲ ସ୍ଥିତିରେ ରହିପାରେ, କାରଣ ଯୁଦ୍ଧ ସୀମିତ ରହିଲା ଏବଂ ଏହାର ଘରୋଇ କ୍ଷେତ୍ର ଓ ମାର୍କେଟ ସଂସ୍ଥାଗୁଡ଼ିକ ଦୃଢ଼ ସ୍ଥିତିରେ ଅଛି। ଯୁଦ୍ଧ ପର ବ୍ୟାପକ ବିକାଶ ନିବେଶକୁ ଗ୍ରାମୀଣ ସମୁଦାୟ ସ୍ୱୀକାର କରିବେ। ହୁଏତ ସମାନ ପ୍ରକାର ନୀତିକୁ ସହରର ମଧ୍ୟବିତ୍ତ ବର୍ଗ ଗ୍ରହଣ କରିପାରନ୍ତି। ଯଦି ଏହା ଘଟେ, ତେବେ ଏକ ପ୍ରକାର ସାମାଜିକ ସହମତି ହାସଲ ହୋଇପାରିବ ବୋଲି ପେଜିସ୍କିଆନ୍ ଆଶା କରୁଛନ୍ତି। ୨ଦଶନ୍ଧି ପୂର୍ବେ ମଜାରେ କୁହାଯାଉଥିଲା, ଇସ୍‌ଲାମିକ ରିପବ୍ଲିକ୍‌ର ଏକ ସୁସଙ୍ଗତ କୋରିଆନ ରଣନୀତି ଥିଲା ଏବଂ ବେଳେବେଳେ ଏହା ଉତ୍ତର କୋରିଆ କିମ୍ବା ଦକ୍ଷିଣ କୋରିଆର ଥିଲା ବୋଲି କୁହାଯାଉଥିଲା। ବର୍ତ୍ତମାନ ଇରାନ ସମ୍ମୁଖରେ ସମାନ ପ୍ରକାର ବିକଳ୍ପ ଅଛି। ପରମାଣୁ ପ୍ରତିରୋଧ ଅସହମତିକୁ ଦବାଇବା ସହ ସୀମା ବନ୍ଦ ରଖିଥିବା ଉତ୍ତର କୋରିଆର ଢାଞ୍ଚା କେତେଜଣଙ୍କୁ ଆକର୍ଷକ ଲାଗିପାରେ। କିନ୍ତୁ ଇରାନର ସଂସ୍କୃତି , ଭୌଗୋଳିକ ଅଞ୍ଚଳ, ଇତିହାସ ଓ ସ୍ୱଭାବ ସହ ପରିଚିତ ଥିବା ଅଧିକାଂଶ ପର୍ଯ୍ୟବେକ୍ଷକ ଏହାକୁ ଏକ ଉପଯୋଗୀ ବିକଳ୍ପ ଭାବେ ଗ୍ରହଣ କରିବେ ନାହିଁ।

ଏହା ନିଃସନ୍ଦେହ ଯେ, ନାଗରିକଙ୍କ ଆବଶ୍ୟକତା ପୂରଣ କରିବା ତଥା ସାମରିକ ପୁନର୍ଗଠନ, ଜଳ ଯୋଗାଣଠାରୁ ଆରମ୍ଭକରି ବାଧାପ୍ରାପ୍ତ ହୋଇଥିବା ଗ୍ୟାସୋଲାଇନ ଓ ଯୁବକଙ୍କ ନିଯୁକ୍ତିକୁ ନେଇ ଚିନ୍ତା ବଢ଼ିବ। ସୌଭାଗ୍ୟବଶତଃ ଆର୍ଥିକ ପୁନର୍ଗଠନକୁ ନୀତି ଦ୍ୱାରା ଆଗକୁ ବଢ଼ାଯାଇପାରିବ, ଯାହା ଘରୋଇ କ୍ଷେତ୍ରକୁ ଆକର୍ଷିତ କରିବା ସହ ପ୍ରତିରକ୍ଷା ଓ ବିକାଶ ମଧ୍ୟରେ ବଜେଟଜନିତ ବିପରୀତ ସ୍ଥିତିକୁ ଦୂରକରିପାରିବ। ଯୁଦ୍ଧବିରତି ଜାରି ରହୁ ବୋଲି ଆଶା କରାଯାଏ। କିଏ ଜିତିବ କିମ୍ବା ହରିବା ତାହା ପ୍ରକୃତ ପ୍ରଶ୍ନ ନୁହେଁ। ପ୍ରଶ୍ନ ହେଉଛି, ଇରାନ୍ ଆର୍ଥିକ ବିକାଶରେ ବାଧାକୁ ପୂର୍ବାପେକ୍ଷା ଅଧିକ ବେଗରେ ହ୍ରାସ କରିବ ନା ଯୁଦ୍ଧର ବିଭୀଷିକା ଏକ ବିଚାରଗତ କଠିନତା ସୃଷ୍ଟିକରିବ। ବିକାଶ ସପକ୍ଷବାଦୀ ବିକଳ୍ପ ଶାସନ ଦ୍ୱାରା ବାଧାପ୍ରାପ୍ତ ହୋଇପାରେ , କିନ୍ତୁ ଏକ ସ୍ଥାୟୀ ଯୁଦ୍ଧ ମନୋଭାବ ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଅଯଥାର୍ଥ।

**ଅର୍ଥନୀତି ପ୍ରାଧ୍ୟାପକ, ଭର୍ଜିନିଆ ଟେକ୍**

# ଜୀବନ ନୌକା



ଯଚିଦାନନ୍ଦ ଦାଶ

ପ୍ରତ୍ୟେକ ମଣିଷର ଜୀବନ ଏକ ନୌକା ସଦୃଶ। ଯାହାକୁ ନାଉରିଆ ନଦୀରୂପକ ସଂସାରରେ ତା'ର ଜିନିଷ ଓ ଆସବାବପତ୍ର ଲଦି ବାହିନେଇଥାଏ। ଲୌକିକ ମତରେ ଏହି ବୋହି ନେଉଥିବା ଆବାବାବପତ୍ରଗୁଡ଼ିକ କହିଲେ, ଜୀବନର ଚରିତ୍ର, ଶିକ୍ଷା, ସଂସ୍କାର, କର୍ତ୍ତବ୍ୟ, ଗୁଣ ଇତ୍ୟାଦିକୁ ବୁଝାଏ। ସଂସାରରେ କିଛି ଲୋକଙ୍କ ଜୀବନ ନୌକା ସୁଚାରୁରୂପେ ବାହିହୋଇଯାଉଥିବା ବେଳେ କିଛି ଲୋକଙ୍କ ଜୀବନ ନୌକା ଚାଳନାରେ ବିଭିନ୍ନ ବାଧା, ବିଘ୍ନ ଓ ବ୍ୟତିକ୍ରମ ଘଟିଥାଏ। ସୂକ୍ଷ୍ମ ଅର୍ଥରେ ମଣିଷ ନିଜର କର୍ତ୍ତବ୍ୟ ସମ୍ପାଦନ କରୁକରୁ କେହି ସୁଖ, ସ୍ୱଚ୍ଛନ୍ଦ ଲାଭ କଲାବେଳେ ଆଉ କେହି ଦୁଃଖ, କଷ୍ଟର ଶିକାର ହୋଇପଡନ୍ତି। ଯେପରି କି କୋମଳ ବାୟୁର ପ୍ରବାହରେ ନୌକାଟିକୁ ନାଉରୀ ସୁରୁଖୁରୁରେ ଚଳାଇ ନିଏ ଏବଂ ବେଳେ ବେଳେ ଝଡ଼, ବତାସର ପ୍ରକୋପରେ ନୌକାଟି ଚଳି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହୁଏ, ନତୁବା ବୁଡିଯାଏ। ଏପରି ସ୍ଥିତିକୁ ବାସ୍ତବ ଅର୍ଥରେ ପୁରାତନ ଲୋକକଥା ଅନୁସାରେ ବର୍ଣ୍ଣନା କରାଯାଇଥାଏ। ଯଥା – 'ଏ ଘଟଣାଟି ଘଟି ମୋ ସଂସାର ବୁଡିଗଲା' ବା ଆମ ବାପାଙ୍କ ମୃତ୍ୟୁରେ ଆମ ସଂସାର ବୁଡିଗଲା ? ତେଣୁ ପୁରାତନ କାଳରୁ ବହୁକ୍ଷେତ୍ରରେ ନଦୀକୁ ସଂସାରର ଏକ ତୁଳନାତ୍ମକ ଆଖ୍ୟା ଦିଆଯାଇଛି। ନଦୀ ଯେପରି ଶାନ୍ତ ଓ ବେଳେ ବେଳେ ଉଗ୍ର ରୂପ ଧାରଣ କରେ, ଠିକ୍ ସେହିପରି ମଣିଷ ସଂସାରରେ ସୁଖ ଏବଂ ଦୁଃଖର ସମ୍ମୁଖୀନ ହୋଇଥାଏ। ନୌକାଟି ଯେପରି ନଦୀ ଓ ଜଳବାୟୁର ବିଭିନ୍ନ ପ୍ରତିକୂଳ ପରିବେଶକୁ ସମ୍ଭାଳି ବାହିଚାଲେ, ସେହିପରି ମଣିଷ ବିଭିନ୍ନ ପ୍ରକାର ପ୍ରତିକୂଳ ଏବଂ ସମସ୍ୟାବହୁଳ ପରିସ୍ଥିତିକୁ ସମ୍ଭାଳି ଚାଲେ।

ନୌକାଟି ନଦୀକୂଳରେ ସୁରକ୍ଷିତ ଅବସ୍ଥାରେ ଥାଏ। ମାତ୍ର ସେ ପ୍ରକାର ରଖିବା ଦ୍ୱାରା ନୌକାଟି ତିଆରି ହେବାର ଉଦ୍ଦେଶ୍ୟ ସାଧିତ ହୋଇ ନ ଥାଏ। ନୌକାଟିକୁ ନଦୀରେ ବାହିତ ହୋଇ ବିଭିନ୍ନ କାର୍ଯ୍ୟରେ ଲାଗି ରହିବାର ଉଦ୍ୟମକୁ ପାଳନ କରିବାକୁ ପଡ଼ିବ। ମଣିଷ ମଧ୍ୟ ନୌକା ପରି ଆରାମରେ ଗୋଟିଏ ଜାଗାରେ ରହିବା ଜୀବନର ଉଦ୍ଦେଶ୍ୟ ନୁହେଁ, ତାକୁ (ମଣିଷ) ବିଭିନ୍ନ ସମସ୍ୟା, ବାଧା, ବିଘ୍ନ ପ୍ରତିଯୋଗିତା ଇତ୍ୟାଦିକୁ ସାହସର ସହିତ ସମ୍ମୁଖୀନ ହେବାକୁ ପଡ଼ିବ। ନୌକାଟି କୂଳରେ ପହଞ୍ଚିବା ପାଇଁ ଆହୁଲା ମାରି ଗାଢ଼ ପ୍ରଚେଷ୍ଟାର ସହିତ ବାହିନେଲା ଭଳି ମଣିଷ ତା'ର ଲକ୍ଷ୍ୟ ହାସଲ ପାଇଁ ସମସ୍ତ କାର୍ଯ୍ୟକଳାପଗୁଡ଼ିକୁ ହାଲୁକା ନ ଭାବି ଖୁବ୍ ଯତ୍ନ ସହକାରେ କରିଚାଲିବା ଉଚିତ। ମଣିଷ ଜୀବନରେ ନୌକାରେ ବୋହିଥିବା ଆବାସଭଳି ଯେଉଁ ସବୁ ଅଦୃଶ୍ୟ କଳା ଓ ଶକ୍ତି ଯଥା, ଚରିତ୍ର, ସଂସ୍କାର ଇତ୍ୟାଦି ଅଛି, ସେଗୁଡ଼ିକୁ ମଣିଷକୁ ଉଚିତ ମାର୍ଗରେ ନେବାକୁ ପଡ଼ିବ ଏବଂ ସତ୍‌ପଥରେ ଉପଯୋଗ କରିବାକୁ ପଡ଼ିବ। ମଣିଷର ଚରିତ୍ର ହେଉଛି ସବୁଠାରୁ ବଡ଼ ଉପାଦାନ। ଜୀବନରେ ଚରିତ୍ରର କଳଙ୍କବିହୀନ ହେବା ଦରକାର। ମାତ୍ର ଆମର ଭୌତିକ ଦର୍ଶନ ଏବଂ ଷଡ଼ରିପୁ ମଣିଷକୁ ଚରିତ୍ର ନିଷ୍କଳଙ୍କ କରିବାକୁ ଦିଏ ନାହିଁ। ସେଥିନିମନ୍ତେ ଜୀବନର ନୌକାକୁ ଏମିତି ଚଳେଇବାକୁ ପଡ଼ିବ ଯେପରିକି ମଣିଷର ଚରିତ୍ର ନିଷ୍କଳଙ୍କ ରହେ। ଯଦି ଆମେ ସଂସ୍କାରିତ ହୋଇଥିବା, ତେବେ ଆମର କର୍ମମୟ ଜୀବନ ନଦୀର କରାଳ ସ୍ରୋତକୁ ନୌକାଟି ଅତିକ୍ରମ କଲା ସଦୃଶ ସବୁ ବିପଦକୁ ସାମ୍ନା କରିଚାଲିବ।

ଉପରୋକ୍ତ ବିଷୟବସ୍ତୁର ପ୍ରାସଙ୍ଗିକତାକୁ ନେଇ ଏକ କ୍ଷୁଦ୍ରଗଳ୍ପଟିଏ ଉପସ୍ଥାପନା କରିବାକୁ ମନେକରେ। ଜଣେ ବୃଦ୍ଧ ନାବିକଟିଏ ଦିନେ ନଦୀକୂଳରେ ବସି ଝଡବାତ୍ୟାରେ କ୍ଷୟ ହେଉଥିବା ତା'ର ପୁରୁଣା ନୌକାଟିକୁ ଲକ୍ଷ୍ୟକରି ବସିଥାଏ। ଏଡି ସମୟରେ ଯୁବାକାଳରେ ନୌକା ଚଳେଇବାର ସ୍ମୃତି ମନେପଡ଼ିଯାଉଥାଏ। ଅତୀତରେ ଝଡବାତ୍ୟା ମିଶ୍ରିତ ନଦୀର ତରଙ୍ଗରେ ବହୁ ବାଧାବିଘ୍ନ ଅତିକ୍ରମ କରି ପରିସ୍ଥିତିର ଅନୁକୂଳକୁ ସୁହାଇଲାଭଳି ନୌକା ଚାଳନାକରି କେତେ ସେ ବିପଦରୁ ପାରି ହୋଇଯାଇଥିବାର କଥା ତା'ର ମନେ ପଡ଼ିଯାଉଥାଏ। ଉକ୍ତ କ୍ଷୁଦ୍ର ଉପସ୍ଥାପନାଟି ମଣିଷର ଜୀବନ ଓ ଜୀବନର ଉତ୍‌ଥାନ ପତନ ଏବଂ ଜଟିଳ ପରିସ୍ଥିତିକୁ ସାମ୍ନା କରିବାର ପ୍ରୟାସ ଓ ସାହସକୁ ବିଶ୍ଳେଷଣ କରେ। ଜୀବନରେ ସଫଳତା ଓ ବିଫଳତା, ଉନ୍ନତି ଓ ଅବନତି, ଦୁଃଖ-ସୁଖ, ଇତ୍ୟାଦି କଥା ଆସିବ। ମାତ୍ର ମଣିଷ ସେସବୁର ସାମ୍ନା କରିବାକୁ ଆଗଭର ହେବା ଉଚିତ। ଯେପରି ନାଉରିଆ ଜୀବନରୂପୀ ନୌକାକୁ ସବୁ ପରିସ୍ଥିତିରେ ଚାଳନା କରିବାର ପ୍ରଚେଷ୍ଟା କରିଥାଏ।

**ସିଡ଼ିଏ, କଟକ**
**ମୋ :୭୦୦୮୬୫୦୬୩୯**

## ଏଇ ଭାରତରେ

ଶଜନା ଗଛର ଅନେକ ଗୁଣ। ଏହାର ଛାଲିଠାରୁ ଆରମ୍ଭ କରି ଶାଗ, ଛୁଇଁ ସବୁକିଛି କାମରେ ଆସେ। ଛୁଇଁ ଓ ଶାଗ ପୌଷ୍ଟିକ ତତ୍ତ୍ୱରେ ଭରପୂର ଓ ଛେଲିର ଔଷଧୀୟ ଗୁଣ ରହିଛି। ଏ ଦୃଷ୍ଟିରୁ ଉତ୍ତରପ୍ରଦେଶର ଜଣେ ଅବସରପ୍ରାପ୍ତ ବୈଜ୍ଞାନିକ କାମିନୀ ସିଂ ଶଜନା ଚାଷକୁ ଉତ୍ସାହିତ କରିବା ସହ ତାଙ୍କ ବ୍ୟବସାୟକୁ ୧.୭୫ କୋଟି ଟଙ୍କାରେ ପହଞ୍ଚାଇ ପାରିଛନ୍ତି। ସେ ବୈଜ୍ଞାନିକ ଭାବେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ସବ୍‌ଟ୍ରପିକାଲ ହର୍ଟିକଲ୍‌ଚର ଏବଂ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିସିନାଲ ଆଣ୍ଡ୍ ଆରୋମାଟିକ ପ୍ଲାଣ୍ଟରେ ଗବେଷକ ଭାବେ କାମ କରି ଅବସର ନେବା ପରେ ଜୈବିକ ପଦ୍ଧତିରେ ଶଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୭ରେ ଏହି ଚାଷ ଆରମ୍ଭ କରିଥିଲେ। ଏଥିରେ ତାଙ୍କ ୧୭ ବର୍ଷ ଗବେଷଣାର ଅଭିଜ୍ଞତାକୁ ଉପଯୋଗ କରି ସଫଳ ହେବା ପରେ ଏଯାବତ ୧୦୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏଥିରେ ଯୋଡ଼ି ସାରିଲେଣି। ଏବେ ଶଜନା ଛୁଇଁ ଓ ଶାଗରୁ ୨୩ ପ୍ରକାର ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏଥିରେ ରହିଛି ସାବୁନ, ଗ୍ରୀନ୍ ଟି, କୁକିଜ୍, କ୍ୟାପ୍‌ସୁଲ, ତେଲ ଇତ୍ୟାଦି। ଏହି ଉତ୍ପାଦ ପ୍ରସ୍ତୁତ କରିବା ଲାଗି ସେ ଡକ୍ଟର ମର୍ନିଙ୍ଗା ପ୍ରାଇଭେଟ ଲିମିଟେଡ ପ୍ରତିଷ୍ଠା କରିଛନ୍ତି। ଏବେ ବ୍ୟବସାୟିକ କାରବାର ୧.୭୫ କୋଟି ଟଙ୍କା ହୋଇଥିବାବେଳେ ସେଥିରୁ ୩୦ ପ୍ରତିଶତ ଲାଭ ମିଳୁଛି। କୃଷକମାନେ ସେମାନଙ୍କ ଉତ୍ପାଦକୁ ବିନା ମଧ୍ୟସ୍ଥରେ କାମିନୀଙ୍କ କମ୍ପାନୀକୁ ଦେଇ ଅଧିକ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୪ ଜୁଲାଇ ୧୯୭୬**

- ୟୁରୋପୀୟ ସାଧାରଣ ବଜାର ଓ ଭାରତ ମଧ୍ୟରେ ଝୋଟ ବାଣିଜ୍ୟ ସମ୍ପର୍କରେ ଏକ ଚୁକ୍ତି ସମ୍ପାଦିତ।
- କଳା, ସାହିତ୍ୟ, ସଂସ୍କୃତି ଏବଂ କ୍ରୀଡ଼ା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଭାରତ ଓ ଉତ୍ତର କୋରିଆ ମଧ୍ୟରେ ଏକ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 6 | | | 7 | | |
| | 6 | | 1 | | | | | |
| 7 | | | | | 9 | | 3 | |
| | | | | | | 9 | | |
| 6 | | | 5 | | | 1 | | |
| | 5 | | 4 | 1 | | | | |
| | 7 | | | | | | | 2 |
| | | 8 | 3 | | 6 | | | |
| | 1 | | | 5 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 5 | 8 | 4 | 2 | 3 | 9 | 6 |
| 4 | 3 | 8 | 9 | 7 | 6 | 1 | 5 | 2 |
| 6 | 2 | 9 | 1 | 5 | 3 | 7 | 4 | 8 |
| 1 | 6 | 7 | 2 | 9 | 4 | 5 | 8 | 3 |
| 8 | 5 | 2 | 6 | 3 | 1 | 9 | 7 | 4 |
| 3 | 9 | 4 | 5 | 8 | 7 | 2 | 6 | 1 |
| 5 | 4 | 6 | 3 | 1 | 9 | 8 | 2 | 7 |
| 9 | 7 | 3 | 4 | 2 | 8 | 6 | 1 | 5 |
| 2 | 8 | 1 | 7 | 6 | 5 | 4 | 3 | 9 |

ଗତକାଲିର ଉତ୍ତର

# ଜନଗହଳିରେ ଶିଶୁଙ୍କ ସୁରକ୍ଷା



ଶୁଭନାରାୟଣ ଶତପଥୀ

ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପୁରୀ ବଡଦାଣ୍ଡ ତଥା ସଂଲଗ୍ନ ଅଞ୍ଚଳ ଲୋକାରଣ୍ୟ ହୋଇ ରହିଥାଏ। ଅନେକ ଭକ୍ତ ସେମାନଙ୍କ ପିଲାଛୁଆଙ୍କୁ ସାଙ୍ଗରେ ଧରି ଆସିଥାନ୍ତି। ଅଲକ୍ଷ୍ୟରେ ପିଲାମାନଙ୍କ ସୁରକ୍ଷା ଟିକେ ଢିଲା ହୋଇଯାଇଥାଏ। ଭିଡ ଭିତରେ କେତେବେଳେ ସେମାନଙ୍କ ହାତଛଡା କରିଦିଅନ୍ତି ତ କେତେବେଳେ ସେମାନେ ହଜିଯାଆନ୍ତି। ତେବେ ପିଲାଚୋର, ଚାଲାଣକାରୀ, ଅଙ୍ଗତସ୍କରଙ୍କ ଭୟ ଭୁଲିଯିବା କଥା ନୁହେଁ।

ଏକ ଘଟଣା। ଜଣେ ମାଆ ତାଙ୍କର ପୁଅଝିଅଙ୍କୁ ସାଙ୍ଗରେ ନେଇ ରଥଯାତ୍ରାକୁ ଆସିଥିଲେ ପୁରୀ। ଭିଡ ଭିତରେ ପିଲାଦୁଇଟି ହଜିଗଲେ। ତେବେ ତାଙ୍କ ମୋବାଇଲ ଫୋନଟି ପିଲାଙ୍କ ହାତରେ ରହିଯାଇଥାଏ। ଏହି ସମୟରେ ରାଜ୍ୟ ସରକାର, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ୟୁନିସେଫ, ସୂଚନା ଓ ଲୋକସମ୍ପର୍କ ବିଭାଗଙ୍କ ମିଳିତ ସହଯୋଗରେ ପ୍ରତି ସୂଚନା କେନ୍ଦ୍ରରେ ନିୟୋଜିତ ହୋଇଥିବା ସ୍ୱେଚ୍ଛାସେବୀଙ୍କ ନଜରକୁ ଆସିଲେ ଏହି ଦୁଇପିଲା। ବୟସ ପ୍ରାୟ ୧୦ରୁ ୧୨ବର୍ଷ ହେବ। ସେମାନେ ପିଲା ଦୁହିଁଙ୍କୁ ପାଇବା ପରେ ଘର ଠିକଣା ବୁଝି ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କଲେ। କିନ୍ତୁ ପ୍ରାୟ ଏକ ଘଣ୍ଟା ଅପେକ୍ଷା ପରେ କେହି ନ ଆସିବାରୁ ଶିଶୁ ଦୁହିଁଙ୍କୁ ଶିଶୁ ମଙ୍ଗଳ କମିଟି ନିକଟକୁ ନିଆଗଲା। ଝିଅଟି ନିରନ୍ତର କାନ୍ଦୁଥାଏ। କହୁଥାଏ ମୋ ବୋଉକୁ ଖୋଜିଆଣ। ଘରର ଫୋନ ନମ୍ବର ବା ସମ୍ପର୍କୀୟ କାହାରି ଫୋନ ନମ୍ବର କହିପାରୁ ନ ଥାନ୍ତି କି ସେମାନେ ଧରିଥିବା ଫୋନଟିକୁ କେହି କଲ କରୁ ନ ଥାନ୍ତି। ପଚାରିବାରୁ କହିଲେ ଏଇଟା ମୋ ବୋଉର ଫୋନ। କିନ୍ତୁ ନମ୍ବର ଜଣାନାହିଁ। ପ୍ୟାଟର୍ନ ଲକ୍ ଅଛି। ବଡ ସମସ୍ୟାରେ ପଡିଲେ ଶିଶୁମଙ୍ଗଳ କମିଟି। ତେବେ ଜଣେ ସଦସ୍ୟଙ୍କ ନିରନ୍ତର ଚେଷ୍ଟା ଫଳରେ ମୋବାଇଲର ପ୍ୟାଟର୍ନ ଲକ୍ ଖୋଲିଗଲା। ଘର ସମ୍ପର୍କୀୟଙ୍କୁ ଯୋଗାଯୋଗ ହେଲା। ସେମାନେ ପିଲାମାନଙ୍କ ସହିତ କାଥାବାର୍ତ୍ତା କଲେ। ସତେବେଳକୁ ସହରର ସବୁ ସୂଚନା କେନ୍ଦ୍ରକୁ ଖବର ଦିଆଯାଇ ପିଲାଟିର ମାଆଙ୍କ ସାହିତ ଯୋଗାଯୋଗ ନିମନ୍ତେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଡକାଯାଉଥାଏ। ଇତିମଧ୍ୟରେ ପିଲାମାନେ ଧରିଥିବା ଫୋନରୁ ଯୋଗାଯୋଗ ନମ୍ବର ନେଇ ସମ୍ପର୍କୀୟମାନଙ୍କ ସହିତ ଯୋଗାଯୋଗ ହେବା ପରେ ସେମାନେ ଆସି ପହଞ୍ଚି ଯାଇଥିଲେ ପିଲାମାନଙ୍କୁ ନେବାପାଇଁ। କମିଟି ନିକଟରେ ପରିଚୟ ପତ୍ରର ନିରୀକ୍ଷଣ କାର୍ଯ୍ୟ ଚାଲୁଥାଏ। ପିଲାମାନଙ୍କ ବୋଉ ଆସିଲେ। ତୁମେମାନେ କେଉଁଆଡେ ଚାଲିଗଲ ବୋଲି ପଚାରିଲେ ମାଆ। ପିଲାମାନଙ୍କ ଦାୟିତ୍ୱ ତୁମର, ତୁମେ ସିନା ପିଲାଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବ କହିଲେ ସିଡବ୍ଲୁସି ଅଧ୍ୟକ୍ଷ। ବୁଝାଶୁଝା ପରେ ମାଆଙ୍କ ସହିତ ପିଲାମାନେ ଘରକୁ ଫେରିଲେ।

ଅନ୍ୟ ଏକ ଘଟଣାରେ ପିଲାଟିଏ ହଜିଯାଇଥିବା ଖବର ତା'ର ଅଭିଭାବକ ସ୍ଥାନୀୟ ସୂଚନା କେନ୍ଦ୍ରରେ ଜଣାଇଲେ। ସେଠାରେ ଥିବା ସ୍ୱେଚ୍ଛାସେବୀ ଜଣକ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କଲେ। କିନ୍ତୁ କିଛି ଲାଭ ହେଲାନାହିଁ। ଚବିଶ ଘଣ୍ଟିଆ ଶିଶୁ ସୁରକ୍ଷା ସେବାର ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ



ଜଣାଇବା ପରେ ସବୁ ସୂଚନା କେନ୍ଦ୍ରଗୁଡିକରେ ଏହି ବିଷୟକୁ ବାରମ୍ବାର ଘୋଷଣା କରାଗଲା। ଚାଇଲ୍ଡ ହେଲ୍ପଲାଇନ କର୍ମୀମାନେ ବିଭିନ୍ନ ସ୍ଥାନ ବୁଲିଲେ। ସମସ୍ତଙ୍କ ପ୍ରୟାସରେ ପିଲାଟି ମିଳିଗଲା। ମାତାପିତା ଓ ପିଲାଟି ମଧ୍ୟରେ ଆବେଗର ସେ ଝଡ ବର୍ଣ୍ଣନା କରିହେବ ନାହିଁ। ରଥଯାତ୍ରା ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ସିଡବ୍ଲୁସିରେ ଅନ୍‌ଲାଇନ ଉପସ୍ଥାପିତ ହେଲା ପିଲାଟି। ମାତାପିତାଙ୍କ ଚିହ୍ନଟ ପ୍ରକ୍ରିୟା ସାରି ତାକୁ ତା'ର ପରିବାରରେ ସମ୍ମିଶ୍ରଣ କରାଇଲେ।

ପରେ ପରେ ବୁଲୁଥିବା ପାଞ୍ଚଜଣ ରାଜ୍ୟ ବାହାରର ପିଲାମାନଙ୍କୁ ନେଇ ସ୍ଥାନୀୟ ପୋଲିସ ଆସିଲେ। ଲୋକେ ଏହି ପିଲାମାନଙ୍କୁ ଚୋର ବୋଲି କହୁଥିଲେ। ପଚାରିବାରୁ ଏହି ପିଲାମାନେ ଚୋରି କରିବା ବିଷୟ ମନା କରୁଥାନ୍ତି। ଏଣୁ ଶିଶୁ ମଙ୍ଗଳ କମିଟି ନିକଟକୁ ଆଣିଲେ। ପରେ ଶିଶୁମାନଙ୍କୁ ମୁକ୍ତ ଆଶ୍ରୟସ୍ଥଳୀରେ ସାମୟିକ ଥଇଥାନ କରାଗଲା। ତେବେ ଶିଶୁମାନଙ୍କ ସ୍ୱାର୍ଥ, ସୁରକ୍ଷା ଓ ସମ୍ମାନକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ସେମାନଙ୍କୁ ସେମାନଙ୍କ ପରିବାରରେ ପୁନଃମିଶ୍ରଣ କରାଗଲା। ଏମିତି ଘଟଣା ପ୍ରତିବର୍ଷ ରଥଯାତ୍ରା ସମୟରେ ସାମ୍ନାକୁ ଆସେ। ଗତବର୍ଷ ପୁରୀରେ ରଥଯାତ୍ରା ସମୟରେ ପ୍ରାୟ ୨୫୦ ଶିଶୁଙ୍କୁ ଉଦ୍ଧାର କରାଯାଇ ଥଇଥାନ ବା ପରିବାରରେ ସମ୍ମିଶ୍ରଣ କରାଯାଇଥିଲା। ଅତ୍ୟଧିକ ଜନଗହଳି ରହୁଥିବାରୁ ପିଲାଚୋର, ଚାଲାଣକାରୀ, ଦଲାଲ ଆଦିଙ୍କ ଅପଚେଷ୍ଟାକୁ ପଣ୍ଡ କରିବାର ଏହି ସ୍ୱତନ୍ତ୍ର ପ୍ରୟାସ ପ୍ରଶଂସନୀୟ। ଏହି ସବୁ ବିପରୀତ ପରିସ୍ଥିତିକୁ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଚାଲିଆସିଲେ କିଶୋର ନ୍ୟାୟ ଅଧିନିୟମ ଧାରା ୨(୧୪)ଅନୁସାରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଭାବରେ ପରିଗଣିତ ହୁଅନ୍ତି। ସେମାନଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ।

ତେବେ ଅଧିକ ଜନଗହଳି ସ୍ଥାନକୁ ଯିବାକୁ ବାରଣ କରିବା, ଶିଶୁମାନଙ୍କ ହାତକୁ ନ ଛାଡିବା, ମୋବାଇଲ ନମ୍ବର ମନେରଖିବା, ବିପରୀତ ପରିସ୍ଥିତିରେ କ'ଣ କରିବେ ଜଣାଇବା ପ୍ରତ୍ୟେକ ଅଭିଭାବକଙ୍କ ଦାୟିତ୍ୱ। ଶିଶୁମାନଙ୍କ ମନକୁ ବୁଝିବା, ଶାରୀରିକ ସ୍ଥିତିକୁ ବୁଝି ବୁଲିବା ଓ ବୁଲାଇବା ଜରୁରୀ। ତା'ର ଅର୍ଥ ନୁହେଁ ଜଣେ ବୟସ୍କ ବ୍ୟକ୍ତି ସହ ସମକକ୍ଷ ହୋଇ ସେ ଚାଲି ପାରିବ, ଝୁଣ୍ଟିବ ନାହିଁ, କୌଣସି ଜିନିଷ, ଖାଦ୍ୟ ପ୍ରତି ଆକୃଷ୍ଟ ହେବ ନାହିଁ, ପ୍ରଲୋଭିତ ହେବ ନାହିଁ। ନିଜର ବିରକ୍ତିଭାବକୁ ପରିପ୍ରକାଶ କରିବାକୁ ଯାଇ ତାକୁ ଦଣ୍ଡ ଦେବା, ଗାଳି କରିବା ସମସ୍ୟାର ସମାଧାନ ନୁହେଁ। ଶିଶୁଟିଏ ସନ୍ଦେହଜନକ, ବିପଦ ସ୍ଥିତିରେ ଥିଲେ ବା ବୁଲୁଥିଲେ ତାକୁ ସାହାଯ୍ୟ କରିବା, ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮, ଶିଶୁ ସୁରକ୍ଷା ବ୍ୟବସ୍ଥା ତଥା ପୋଲିସକୁ ଜଣାଇବା ସମସ୍ତ ନାଗରିକମାନଙ୍କ କର୍ତ୍ତବ୍ୟ। କୌଣସି ଶିଶୁକୁ ଏପରି ଅବସ୍ଥାରେ ପାଇଲେ ସ୍ଥାନୀୟ ଶିଶୁମଙ୍ଗଳ କମିଟିଙ୍କ ନଜରକୁ ନେବା ଜରୁରୀ। କାରଣ ଏହା ଆଇନ, ଶିଶୁ ଅଧିକାରର ପରିସରଭୁକ୍ତ। ଠିକ୍ ଥଇଥାନ ଶିଶୁ ଅଧିକାରର ସୁରକ୍ଷା। ଏଣୁ ଲକ୍ଷାଧିକ ଜନସମାଗମ ହେଉଥିବା ସ୍ଥାନ ବା ଯାନିଯାତ୍ରା ନିମନ୍ତେ ଶିଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ ଶିଶୁମାନଙ୍କ ଉଦ୍ଧାର, ଉପସ୍ଥାପନ, ଥଇଥାନ ଓ ସଚେତନତା ପାଇଁ ସରକାର ଏକ ମାର୍ଗଦର୍ଶିକା ପ୍ରଣୟନ କଲେ ଶିଶୁମାନଙ୍କ ଅଧିକାର ସୁରକ୍ଷା ପାଇଁ ଏହା ଏକ ମାଇଲଖୁଣ୍ଟ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ବର୍ଣ୍ଣମାଳାରେ ବର୍ଣ୍ଣ ଓ ଧ୍ୱନି ସଂଖ୍ୟା ପ୍ରକୃତରେ କେତେ

ମହାଶୟ,

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀ ପାଇଁ ଉର୍ଦ୍ଦିଷ୍ଟ ଆମ ଓଡ଼ିଆ ବ୍ୟାକରଣ ପୁସ୍ତକର ଦ୍ୱିତୀୟ ଅଧ୍ୟାୟ ଧ୍ୱନି, ଲିପି, ବର୍ଣ୍ଣ ଓ ଅକ୍ଷର ଶୀର୍ଷକ ବିଷୟର ପୃଷ୍ଠା ୧୪ରେ ଓଡ଼ିଆ ବର୍ଣ୍ଣମାଳା ସଂଖ୍ୟା ୫୦ ଓ ଓଡ଼ିଆ ବ୍ୟଞ୍ଜନ ଧ୍ୱନି ସଂଖ୍ୟା ୩୩ ବୋଲି ଉଲ୍ଲେଖ ରହିଥିବା ସ୍ଥଳେ ଉକ୍ତ ପୃଷ୍ଠାରେ ଏହି ବ୍ୟଞ୍ଜନ ଧ୍ୱନିଗୁଡ଼ିକର ତାଲିକାରେ ବ୍ୟଞ୍ଜନ ଧ୍ୱନି ସଂଖ୍ୟା ୩୨ ବୋଲି ପ୍ରକାଶିତ ହୋଇଛି। ଡ. କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଅନ୍ୟମାନଙ୍କ ଦ୍ୱାରା ରଚିତ କଟକ ବିନୋଦ ବିହାରୀର ସତ୍ୟନାରାୟଣ ବୁକ୍ ଷ୍ଟୋର ଦ୍ୱାରା ପ୍ରକାଶିତ ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ ପୁସ୍ତକର ତୃତୀୟ ବିଷୟ ଧ୍ୱନି, ବର୍ଣ୍ଣ ଓ ବର୍ଣ୍ଣମାଳା(ପୃଷ୍ଠା-୧୨)ରେ ଓଡ଼ିଆ ବର୍ଣ୍ଣ ସଂଖ୍ୟା ୪୯, ବ୍ୟଞ୍ଜନ ଧ୍ୱନି ୩୨ଟି। ତେବେ ଉକ୍ତ ସମସ୍ତ ପୁସ୍ତକଗୁଡ଼ିକରେ ସ୍ଥାନିତ ସଂଖ୍ୟାକୁ ଯଦି ଆମେ ମିଶାଇବା(ସ୍ୱର ଓ ବ୍ୟଞ୍ଜନ) ତେବେ ତାହା ୪୧ ଓ ୪୦ ହେବ। ଓଡ଼ିଆ ଭାଷାବିତ୍ ଡ. ଧନେଶ୍ୱର ମହାପାତ୍ରଙ୍କ ମତରେ, ଓଡ଼ିଆ ବର୍ଣ୍ଣ ସଂଖ୍ୟା ୪୯ ଓ ଧ୍ୱନି ସଂଖ୍ୟା ୪୦। ତେବେ ପ୍ରକୃତରେ କେଉଁଟି ଠିକ୍।

**–ପ୍ରଫୁଲ୍ଲ କୁମାର ନାୟକ, ମହେଶ୍ୱରପଲ୍ଲୀ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଁ ଦେହ, ପ୍ରାଣ ତୁ, ମୁହିଁ ଜ୍ଞାନ, ତୁ ମୁକତି
ମୁଁ ଧରମ, ମୋକ୍ଷ ତୁହି, ତୁ ପିତା ମୁଁ ମାତା-
ବଢ଼ାଏଁ ଯେ ଶିଶୁ ମୋର ଅନ୍ତର-ରକତେ,
ତୁ ଯେ ତାକୁ ଦେଉ ଚକ୍ଷୁ ଜୀବନୀ-ଶକତି,
ଅନ୍ଧୁଣୀ ମୁଁ ଧାତ୍ରୀ ସିନା, ତୁ ପରମ ଧାତା !
-(ପ୍ରକୃତ-ପୁରୁଷ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତାରୋକୋ

**ଡାବୁଗାଁ, ୩।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)**

- ଟିପ୍ପର ଚକା ତଳେ ଚାପିହୋଇ ବ୍ୟବସାୟୀ ମୃତ
- ଗାଡ଼ି ମାଲିକ କ୍ଷତିପୂରଣ ଦେବାକୁ ରାଜିହେବାରୁ ହଟିଲା ରାସ୍ତାରୋକୋ

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ସଦର ଡାବୁଗାଁ– ବୋରିଗାଁ ପୂର୍ତ୍ତବିଭାଗ ରାସ୍ତା ବସ୍‌ଷ୍ଟାଣ୍ଡ ନିକଟରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଟିପ୍ପର ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଡାବୁଗାଁ ଗ୍ରାମର ରାଜୁ ଯାଦବ (୫୬)। ଏହାପରେ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାସୁଝା କରିବା ସହ ଗାଡ଼ି ମାଲିକ କ୍ଷତିପୂରଣ ଦେବାକୁ ରାଜି ହେବାପରେ ରାସ୍ତାରୋକୋ ହଟିଥିଲା। ମୃତକଙ୍କ ପରିବାରକୁ ରେଡକ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି।



ମୃତଦେହ ରଖି ପରିବାର ଲୋକେ ରାସ୍ତାରୋକୋ କରିଛନ୍ତି।

ସୂଚନାନୁଯାୟୀ, ଡାବୁଗାଁ ଗ୍ରାମର ରାଜୁ ଯାଦବ (୫୬) ଡାବୁଗାଁ – ବୋରିଗାଁ ରାସ୍ତାକଡ଼ରେ ଏକ ଜଳଖିଆ ଦୋକାନ କରିଥିଲେ। ଗୁରୁବାର ସକାଳ ପ୍ରାୟ ୧୧ଟାରେ ସେ କୌଣସି କାମରେ ନିଜ ହୋଟେଲରୁ ବାହାରକୁ ଯାଉଥିବା ବେଳେ ଏକ ଟିପ୍ପର (ଓଡି–୨୬ଜେ–୩୭୩୦) ରାଜୁଙ୍କୁ ଧକ୍କାଦେଇଥିଲା। ରାଜୁ ଟିପ୍ପର ଚକା ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟିପ୍ପର ଡ୍ରାଇଭର ଗାଡ଼ି ନେଇ ଘଟଣାସ୍ଥଳରୁ ପଳାଇଥିଲା। ଟିପ୍ପର ଡ୍ରାଇଭର ମଝିଗୁଡ଼ା ଛକ ନିକଟରେ ଗାଡ଼ି ରଖି ଫେରାର ହୋଇଯାଇଛି। ଖବରପାଇ ଡାବୁଗାଁ ଥାନାଧିକାରୀ ଗୋପାଳକୃଷ୍ଣ ଆଗୁପତ୍ର, ସବ୍‌ଇନ୍‌ସପେକ୍ଟର ଚନ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ମଝିଗୁଡ଼ା ନିକଟରୁ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ କରି ଥାନାରେ ରଖିଛି। ପରିବାର ଲୋକେ କ୍ଷତିପୂରଣ ଦାବିକରି ଡାବୁଗାଁ–ବୋରିଗାଁ ରାସ୍ତା ଅବରୋଧ କରିଥିଲେ। ଆଲୋଚନା କରାଯାଇ ଗାଡ଼ି ମାଲିକ ୨ଲକ୍ଷ ୫୦ ହଜାର କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୁ ମୃତଦେହ ଉଠାଯାଇ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଏନେଇ ମୃତକଙ୍କ ପୁଅ ଟିଙ୍କୁ ଯାଦବ ଡାବୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନା କେସ୍ ନଂ. ୧୫୪/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଏଏସଆଇ ଗୋପାଳକୃଷ୍ଣ ହାଲୁଆ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# କାର୍ଯ୍ୟାଳୟରେ ଆଗୋଉ ନାହିଁ ଫାଇଲ



କାମ ପାଇଁ ଅଫିସ ଆସିଥିବା ଲୋକେ।

**ନବରଙ୍ଗପୁର, ୩।୭(ସଦାଶିବ ପ୍ରହରାଜ)**

- କାର୍ଯ୍ୟବନ୍ଦ ଆନ୍ଦୋଳନରେ ଓଏଏସ୍ ସଂଘ
- ଜନସାଧାରଣ ହନ୍ତସନ୍ତ

ବିଏମ୍‌ସି ଅତିରିକ୍ତ କମିଶନରଙ୍କ ଆକ୍ରମଣ ପ୍ରତିବାଦରେ ଗତ ୩ଦିନ ଧରି ଓଏଏସ୍ ସଂଘ ସାମୂହିକ ଛୁଟିରେ। ଏହାକୁ ସମର୍ଥନ ଜଣାଇ ଓଆର୍‌ଏସ୍ ଅଧିକାରୀମାନେ ମଧ୍ୟ ସାମୂହିକ ଛୁଟିରେ ରହିଛନ୍ତି। ଏହାଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକ ଆଗେଇ ପାରୁନାହିଁ। କାର୍ଯ୍ୟାଳୟରେ ଅଧିକାରୀ ନ ଥିବା ଯୋଗୁ ଫାଇଲଗୁଡ଼ିକ ପଡ଼ି ରହିଛି। ବିଶେଷଭାବେ ସାଧାରଣ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ, ତହସିଲ, ଉପଜିଲାପାଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଧିକାରୀ ଆସୁନାହାନ୍ତି। ବିଶେଷ ମାତ୍ରାରେ ପ୍ରଭାବିତ ହୋଇଛି ସରକାରଙ୍କ ଲୋକ ସେବା। ନବରଙ୍ଗପୁର ଜିଲା ସଦର ମହକୁମାର ସମସ୍ତ ଅଫିସ ଖାଁ ଖାଁ ଲାଗୁଛି। ତହସିଲ ଓ ଉପଜିଲାପାଳ କାର୍ଯ୍ୟାଳୟର ରହିଥିବା ବିଭିନ୍ନ ଜମିଜମା ମାମଲା ସଂକ୍ରାନ୍ତରେ ମଧ୍ୟ ଲୋକେ ହଇରାଣ ହେଉଛନ୍ତି। ଲୋକେ ବହୁ ଦୂରରୁ ଆସି ମଧ୍ୟ ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି।

## ଯଥାଶୀଘ୍ର ସମାଧାନ କରିବା ଉଚିତ



ଉପଜିଲାପାଳ ଆନ୍ଦୋଳନରେ ଥିବାରୁ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ, ବିବାହ ପ୍ରମାଣପତ୍ର, ପଟ୍ଟାର ନକଲ, ଜମି କିଣାବିକା ପାଇଁ ଅନୁମତି ମାମଲାଗୁଡ଼ିକର ସାର୍ଟିଫାଏଡ୍ କପି, ଇସି ଆଦି ହୋଇପାରୁ ନାହିଁ। ଏହାଦ୍ୱାରା ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକ ଦିନ ଧରି ଏହି ଆନ୍ଦୋଳନ ଚାଲିଲେ ଲୋକଙ୍କ ସାଧାରଣ ଜୀବନରେ ବହୁ ସମସ୍ୟା ଦେଖାଯିବ। ନିଜର କାର୍ଯ୍ୟ କରେଇବା ପାଇଁ ଲୋକେ ରାସ୍ତାକୁ ଓହ୍ଲାଇବା ଆଶଙ୍କା ରହିଛି। ଏଣୁ ସରକାର ଏସବୁ ବିଷୟକୁ ଧ୍ୟାନରେ ରଖି ଯଥାଶୀଘ୍ର ସମାଧାନର ବାଟ ବାହାର କରିବା ଉଚିତ।

**–ପ୍ରଶାନ୍ତ କୁମାର ପଟ୍ଟନାୟକ, ଆଇନଜୀବୀ, ନବରଙ୍ଗପୁର**

# ତେନ୍ତୁଳିଖୁଣ୍ଟି ଆଦର୍ଶ ବିଦ୍ୟାଳୟର ୨ ଛାତ୍ର ମନୋନୀତ

**ତେନ୍ତୁଳିଖୁଣ୍ଟି, ୩।୭(ଚିଦାନନ୍ଦ ସାହୁ)**

### ଆଇକନିକ ଆଦର୍ଶ ବିଦ୍ୟାଳୟ ପାଇଁ ଯୋଗ୍ୟତା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲକଡିପଲ୍ଲାସ୍ଥିତ ଆଦର୍ଶ ବିଦ୍ୟାଳୟର ଦୁଇ ଛାତ୍ର ଆଇକନିକ ଆଦର୍ଶ ବିଦ୍ୟାଳୟରେ +୨ (ଉଚ୍ଚ ଅଧ୍ୟୟନ) ଯୋଗ୍ୟତା ହାସଲ କରିଛନ୍ତି।

କିଶୋର ରଞ୍ଜନ ସାହୁଙ୍କ ପୁଅ ଦୀପକ ରଞ୍ଜନ ସାହୁ ୧୬୫ ଭଗବାନ ପାଣିଗ୍ରାହୀଙ୍କ ପୁଅ ସନ୍ତୋଷ ପାଣିଗ୍ରାହୀ ୨୫୯ ର୍‍ୟାଙ୍କ ରଖିଛନ୍ତି। ଭୁବନେଶ୍ୱରସ୍ଥିତ ଆଇକନିକ ଆଦର୍ଶ ବିଦ୍ୟାଳୟରେ ପଢିବା ଯୋଗ୍ୟତା ହାସଲ କରିଛନ୍ତି । ଓଏଭି ଲକଡ଼ିପାଲା ଅଧକ୍ଷ ଅବିନାଶ ସାହୁଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉଭୟଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅଧକ୍ଷା ନୀଳାଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।


ଦୀପକ ରଞ୍ଜନ ସାହୁ


ସନ୍ତୋଷ ପାଣିଗ୍ରାହୀ

# ଅବକାରୀ ଚଢ଼ାଉ, ଜଣେ ଗିରଫ

**ନବରଙ୍ଗପୁର,୩।୭(ସଦାଶିବ ପ୍ରହରାଜ)**

ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ କୋଡିଙ୍ଗା ଅବକାରୀ ଥାନା କର୍ମଚାରୀ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛନ୍ତି। କୋଡ଼ିଙ୍ଗା ଥାନା ଅଧୀନ ଟିମା ଗାଁର ଗୌଡ଼ ସାହିରେ ଚଢ଼ାଉବେଳେ ମହେଶ୍ୱର ଗୌଡ଼ଙ୍କ ଘରୁ ୧୮ ଲିଟର ଦେଶୀ ହାତ ରନ୍ଧା ମଦ ଜବତ ଯାଇଛି। ମଦ ରାନ୍ଧିବା ପାଇଁ ୨୫୦ ଲିଟର ପ୍ରସ୍ତୁତ ହୋଥିବା ପୋଚକୁ ଜବତ କରାଯାଇଛି। ଏନେଇ ୪୧/୨୫ରେ ଏକ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ରେଶମା ସୁନା, ଆକ୍ରମ ଖାନ ଓ ରମେଶ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

# ଅଷ୍ଟାସରିଗୁଡ଼ା–ଘୁମରେଶ୍ୱର ରାସ୍ତା ପକ୍କା କରିବା ଦାବି

**ତେନ୍ତୁଳିଖୁଣ୍ଟି, ୩।୭(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଝରିଗୁମ୍ମା ପଞ୍ଚାୟତରେ ରହିଛି ଜିଲାର ପ୍ରସିଦ୍ଧ ଘୁମରେଶ୍ୱର ଶୈବ ପୀଠ । ଏହି ପୀଠର ମୁଖ୍ୟ ରାସ୍ତାରୁ ୨ କିଲୋମିଟର ଗଲେ ପଡେ କଂସାରୀଗୁଡ଼ା, ଡଙ୍ଗରୀଗୁଡ଼ା, ଅଷ୍ଟାସରିଆଗୁଡ଼ା ଗାଁ। ଏଠାରେ ପ୍ରାୟ ୪୦୦ଭୋଟର ରହିଥିବା ବେଳେ ଜନସଂଖ୍ୟା ପ୍ରାୟ ୧୨୦୦ ଉର୍ଦ୍ଧ୍ୱ। ଏହି ଗାଁର ଲୋକମାନେ ଝରିଗୁମ୍ମା ଗ୍ରାମ ଉପରେ ନିର୍ଭର କରିଥାନ୍ତି। ଏହି ରାସ୍ତା ଦେଇ ପିଲାମାନେ ସ୍କୁଲକୁ ଯିବା ଆସିବା କରନ୍ତି। ଏହି କାଦୁଅ ସରସର ରାସ୍ତାରେ ୧୦ ହାଇସ୍କୁଲ ପିଲା ଓ ୨୦ରୁ ୩୦ପ୍ରାଥମିକ ବିଦ୍ୟାଳୟ ପିଲାମାନେ ଯାଉଥିବା ସୂଚନା ମିଳିଛି। ସରପଞ୍ଚ ମନମୋହନ ଦଳପତି କହିଛନ୍ତି ଏହି ଗ୍ରାମ ମାନଙ୍କର ଜନସାଧାରଣ ବର୍ଷା ଦିନ ରେ ଆମ୍ବୁଲାନାସ ସେବାରୁ ମଧ ବଞ୍ଚିତ ହେଉଛନ୍ତି। ଏହି କାଦୁଅ ରାସ୍ତାରେ ସବୁଦିନ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ବାରମ୍ବାର ସମିତି ବୈଠକରେ ଦାବି ଉଠାଇବାରୁ ଏହି ରାସ୍ତାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତାରେ ମାଟି ପକାଇ ଦିଆଯାଇଛି। ଫଳରେ ରାସ୍ତାରେ କାଦୁଅ ଜମୁଛି। ଏହାକୁ ପିଚୁ ରାସ୍ତା ପାଇଁ ସମିତି ବୈଠକରେ ଲିଖିତଭାବେ ଦାବି ପରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରସ୍ତାବ ଦିଆ ଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ପକା ରାସ୍ତା ହୋଇପାରିଲା ନାହିଁ ବୋଲି ସରପଞ୍ଚ କହିଛନ୍ତି। ପ୍ରକାଶ ଯେ, ଗତ ସାଧାରଣ ନିର୍ବାଚନରେ ଏହି ୩ ଗ୍ରାମ ଲୋକେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ବିଡିଓ ପକ୍କା ରାସ୍ତା ପାଇଁ କଥା ଦେଇ ଜନସାଧାରଣଙ୍କୁ ବୁଝାଇ ଭୋଟ ଦେବା ପାଇଁ କହିଥିଲେ। କିନ୍ତୁ ତାହା ପୂରଣ ହୋଇନି। ରାସ୍ତା ପକ୍କା କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଗ୍ରାମର ୱାର୍ଡ ସଭ୍ୟ ସଦନ ଜାନି ଓ ଜନସାଧାରଣ ରୂପଧର ଜାନି, ଦସ ଜାନି, ଡମେନ ଜାନି, ମନ ଜାନି, ଦୈତାରୀ ଜାନୀ ଚେତାବନୀ ଦେଇଛନ୍ତି।


କାଦୁଅ ରାସ୍ତାରେ ଛାତ୍ରୀଛାତ୍ର ଯାଉଛନ୍ତି।

# ଚାରା ଲଗାଇବା, ସୁସ୍ଥ ପରିବେଶକୁ ଗଢ଼ିବା



କୋଷାଗୁମୁଡ଼ା ସ୍କୁଲ ଓ ଚନ୍ଦାହାଣ୍ଡି କୋର୍ଟ ପରିସରରେ ଚାରା ଲଗାଯାଉଛି।

**କୋଷାଗୁମୁଡ଼ା/ଚନ୍ଦାହାଣ୍ଡି, ୩।୭ (ପ୍ରସାଦ ବିଷୋୟୀ/ଦିଲୀପ ଦାସ)**

### ବନ ମହୋତ୍ସବରେ ଚାରାରୋପଣ

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ଅବସରରେ ଚାରା ରୋପଣ କରାଯାଉଛି। ଚାରା ଲଗାଇବା, ପରିବେଶକୁ ସୁସ୍ଥ ରଖିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଛି। କୋଷଗୁମୁଡ଼ା ବ୍ଲକ ମାଝୀ ଧନୁଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ କାର୍ଯ୍ୟକ୍ରମ କରାଯାଇଛି। ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଚାରାରୋପଣ ଉପକାରିତା ସମ୍ପର୍କରେ ବୁଝାଇଥିଲେ। ମାଝୀଧନୁଆ ସରପଞ୍ଚ ଦୟାରମ ପୂଜାରୀ ବୃକ୍ଷ ଆମ ଜୀବନର ଅବିଚ୍ଛିନ୍ନ ଅଙ୍ଗ ବୋଲି ମତ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଆକାଶି, ଅଶୋକ, ଦେବଦାରୁ, ଅମୃତଭଣ୍ଡା, ସଜନା, ଆମ୍ବ, ଆଦି ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। କୋଷାଗୁମୁଡ଼ା ବନ ଉପଖଣ୍ଡର ମନ୍ଦାକିନି ଶବର, କୋଡିଙ୍ଗା ରେଞ୍ଜର ପୂର୍ଣ୍ଣ ଚନ୍ଦ୍ର ନନ୍ଦଙ୍କ ତତ୍ତ୍ୱବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଛି। ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

ଚନ୍ଦାହାଣ୍ଡି ତାଲୁକ ଲିଗାଲ ଏଡ୍ କମିଟିପକ୍ଷରୁ ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ୍ ଖାନ୍‌ଙ୍କ ତତ୍ତ୍ୱାବଧାନରେ କୋର୍ଟ ପରିସର ଚାରାରୋପଣ କରାଯାଇଥିଲା। ଚାରା ରୋପଣ କରିବା, ସୁସ୍ଥ ପରିବେଶ ଗଢ଼ିବାକୁ ଜେଏମ୍‌ଏଫ୍‌ସି ଜରିନ୍ ଖାନ ପରାମର୍ଶ ଦେଇଥିଲେ। କୋର୍ଟ ଚତୁପାଶ୍ୱରେ ଫୁଲ ବଗିଚା କରି କୋର୍ଟର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ନିମନ୍ତେ ଓକିଲମାନେ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ମହମ୍ମଦ ହୁସେନ, ଶ୍ୟାମ ସୁନ୍ଦର ସୁନାନୀ ଜୟଦେବ ଖମାରୀ, ହୁମେଶ୍ୱର ହଂସ, କ୍ଷେମରାଜ ବାଘ, ହିରାଧର ମାଳି, କୋର୍ଟ କର୍ମଚାରୀ କେଶରୀ ମାନହୀର, ଆଶିଷ ସାହୁ, ପ୍ରବୀଣ ଦାସ, ନିଲୁ ଶବର, ଭରତ ଦାସ, ବ୍ରହ୍ମାନନ୍ଦ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନ କରି ବିପଦର ବନ୍ଧୁ ସାଜିଲେ ଯୁଧିଷ୍ଠିର

**ଚନ୍ଦାହାଣ୍ଡି, ୩।୭( ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ହରିଡ଼ାପଡା ଗ୍ରାମର ତ୍ରିଲୋଚନ ପାରି ସ୍ୱାସ୍ଥ୍ୟ ଭଲ ନଥିବାରୁ ଧର୍ମଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଏ ପଜିଟିଭ ରକ୍ତ ଆବଶ୍ୟକତା ଥିବା ଡାକ୍ତର କହିଥିବାବେଳେ ପରିବାର ଲୋକେ ରକ୍ତ ଯୋଗାଡ଼ କରିପାରିନଥିଲେ। ଖବରପାଇ ଫଲସାପଡ଼ା ଗ୍ରାମର ଯୁଧିଷ୍ଠୀର ଗହୀର ନିଜ ଖର୍ଚ୍ଚରେ ବାଇକରେ ଧର୍ମଗଡ଼ ଯାଇ ରକ୍ତଦାନ କରିଛନ୍ତି। ରକ୍ତ ଅଭାବରେ କାହାରି ଜୀବନକୁ ମରଣ ମୁଖକୁ ଠେଲି ଦେବା ନାହିଁ ବୋଲି ସେ ବାର୍ତ୍ତା ଦେଇଛନ୍ତି। ରକ୍ତଦେଇ ଜୀବନ ବଞ୍ଚାଇଥିବା ଯୁଧିଷ୍ଠୀରଙ୍କୁ ସମସ୍ତେ ସାଧୁବାଦ ଜଣାଇଛନ୍ତି।



# ଭଞ୍ଜ କଳାମଣ୍ଡପରେ ମଞ୍ଚସ୍ଥ ନବରଙ୍ଗପୁରର ନାଟକ 'ଅନ୍ଧାର'

**ନବରଙ୍ଗପୁର,୩।୭(ସଦାଶିବ ପ୍ରହରାଜ)**

ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଭଞ୍ଜ କଳାମଣ୍ଡପରେ ନାଟ୍ୟ ଧାରା କାର୍ଯ୍ୟକ୍ରମ କରାଯାଉଛି। ଏହାର ଦ୍ୱିତୀୟ ସନ୍ଧ୍ୟାରେ ନବରଙ୍ଗପୁର ତ୍ରିଧାରା ନାଟ୍ୟ ସଂଘ ପ୍ରାୟୋଜିତ ନାଟକ ଅନ୍ଧାର ମଞ୍ଚସ୍ଥ ହୋଇଛି।

ପ୍ରତିମାସ ୧ରୁ ୩ ତାରିଖ ଯାଏ ନାଟ୍ୟ ଧାରା ଅନୁଯାୟୀ ଭଞ୍ଜ କଳା ମଣ୍ଡପରେ ଓଡ଼ିଶାର ବିଭିନ୍ନ ଜିଲାର ପଞ୍ଜୀକୃତ ସଂସ୍ଥାଗୁଡ଼ିକୁ ଏଠାରେ ନାଟ୍ୟ ପ୍ରଦର୍ଶନ କରିବା ପାଇଁ ମନୋନୀତ କରାଯାଇଥାଏ। ତେବେ ଚଳିତ ମାସ ପାଇଁ ନବରଙ୍ଗପୁର ଜିଲା ତ୍ରିଧାରା ନାଟ୍ୟ ସଂଘର ନାଟକ ଅନ୍ଧାର ମଞ୍ଚସ୍ଥ ହେବା ପାଇଁ ମନୋନୀତ ହୋଇଥିଲା। ସଂଘକଳାକାର ଦେବୀ ତ୍ରିପାଠୀ, ରଘୁନାଥ ରଥ, ଶିବଶଙ୍କର ତ୍ରିପାଠୀ, ପ୍ରକାଶିନୀ ଚୌଧୁରୀ, ବିଭୁଦତ୍ତ ସେଠୀ, ରିତେଶ ପୂଜାରୀ, ଅଶୋକ ପଣ୍ଡା, ପବିତ୍ର ଦତ୍ତ, ନିତ୍ୟପ୍ରକାଶ ନାଗ୍ଗି ଓ ବିଜୟ ବାରିକ ବିଭିନ୍ନ ଭୂମିକାରେ ଚମତ୍କାର ଅଭିନୟ କରିଥିଲେ। ଯାହା ଆମକୁ ଆଲୋକ ଭଳି ଦେଖାଯାଏ ତା' ଭିତରେ ଲୁଚି ରହିଥାଏ ଅନ୍ଧାର। ଏହି ଆଲୋକ ଓ ଅନ୍ଧାରର ଖେଳ ଭିତରେ ମଣିଷ ଜୀବନ ଗତିଶୀଳ। ଆଜିକାଲିର ଲାଞ୍ଚ ମିଛ ଦୁନିଆକୁ ନେଇ କାହାଣୀ ବଢ଼ିଥିଲା। ଏକ ବଳିଷ୍ଠ ସାମାଜିକ କାହାଣୀ କଳାକାରଙ୍କ ନିଚ୍ଛକ ଅଭିନୟ ଓ ହାସ୍ୟରସକୁ ଦର୍ଶକ ପ୍ରଶଂସା କରିଥିଲେ। ଏହି ନାଟକଟିକୁ ବିଶିଷ୍ଟ ନାଟ୍ୟକାର ଜଗନ୍ନାଥ ବେହେରା ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ରୀନାରାଣୀ ବେହେରା ଓ ବିଶ୍ୱଭୂଷଣ ମହାନ୍ତି ସହଯୋଗ କରିଥିବାବେଳେ ଏହାକୁ ଓଡ଼ିଶା ନାଟ୍ୟ ସଙ୍ଘର ସଦସ୍ୟମାନେ ମଞ୍ଚ ପରିଚାଳନା କରିଥିଲେ।


ନାଟକର ଏକ ଦୃଶ୍ୟ।


## ପୂର୍ବ ତଟ ରେଳପଥ
**'ଇ'–କ୍ରୟ**
**ଟେଣ୍ଡର ସଂ. TP255001A**

**ସାମଗ୍ରୀଗୁଡ଼ିକର ବିବରଣୀ :** ପୂର୍ବ ତଟ ରେଳପଥରେ GHAT ସେକ୍ସନଗୁଡ଼ିକରେ ଅତିରିକ୍ତ ପରୀକ୍ଷଣ ପାଇଁ PSC ସ୍ଲିପର T-8746 ରେ ବ୍ୟାପକ ଭାବେ ବ୍ୟବହୃତ ହେବାକୁ ଥିବା RDSOର କାର୍ଯ୍ୟକ୍ଷମ ଓ ବୈଷୟିକ ଆବଶ୍ୟକତା ପୂରଣ କରୁଥିବା (1) ଏଥିଲିନ୍ ଭିନାଇଲ୍ ଏସିଟେଟ୍ (EVA), (2) ଥର୍ମୋପ୍ଲାଷ୍ଟିକ୍ ପଲିୟୁରେଥେନ୍ (TPU), (3) ପଲିୟୁରେଥେନ୍ (PU), (4) ଏଥିଲିନ୍ ପ୍ରୋପାଲିନ୍ ଡାଇନ୍ ମୋନୋମର (EPDM), (5) ଥର୍ମୋ ପ୍ଲାଷ୍ଟିକ୍ ପଲିମର ଆଧାରିତ ଇଲାଷ୍ଟୋମରରୁ ନିର୍ମିତ ଉଚ୍ଚ କାର୍ଯ୍ୟଦକ୍ଷତା ରେଲ୍ ପ୍ୟାଡ୍‌ର ଉତ୍ପାଦନ ଏବଂ ଯୋଗାଣ, ପରିମାଣ : ପ୍ରତ୍ୟେକ ପ୍ରକାରର 16600 ସଂଖ୍ୟକ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.07.2025ରିଖ 1430 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, EMD, କ୍ରୟ ପ୍ରତିବନ୍ଧ ଏବଂ ବିସ୍ତୃତ ଟେଣ୍ଡର ସର୍ତ୍ତାବଳୀ ଇତ୍ୟାଦି ଭଳି ସମସ୍ତ ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ଯନ୍ତ୍ରୀ/TM/ ଭୁବନେଶ୍ୱର
PR-314/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜି., ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧. ସିକେପି-ସେଣ୍ଟ୍ରାଲ-୨୫-୨୬-୨୬** । ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/କେନ୍ଦ୍ରୀୟ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆର୍‌ସିସି ଓଭରହେଡ୍ ଟାଙ୍କିର ନିର୍ମାଣ। **ଟେଣ୍ଡର ମୂଲ୍ୟ: ₹୧୦,୨୧,୬୮,୩୩୪.୩୯; ଇଏମ୍‌ଡି: ₹୬,୬୦,୯୦୦/–** । **୨. ସିକେପି-ୱେଷ୍ଟ-୨୫-୨୬-୧୭;** ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/ପଶ୍ଚିମ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆର୍‌ସିସି ଓଭରହେଡ୍ ଟାଙ୍କିର ନିର୍ମାଣ; **ଟେଣ୍ଡର ମୂଲ୍ୟ: ₹୨୪,୬୭,୪୭,୯୨୬.୫୨; ଇଏମ୍‌ଡି: ₹୧୩,୮୩,୭୦୦/–** । **୩. ସିକେପି-ଇଷ୍ଟ-୨୫-୨୬-୧୮;** ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍ (ପୂର୍ବ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆର୍‌ସିସି ଓଭରହେଡ୍ ଟାଙ୍କିର ନିର୍ମାଣ; **ଟେଣ୍ଡର ମୂଲ୍ୟ: ₹୧୦,୦୭,୨୭,୫୧୮.୭୦; ଇଏମ୍‌ଡି: ₹୬,୫୩,୬୦୦/–** । **୪. ସିକେପି-ସାଉଥ-୨୫-୨୬-୦୯;** ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍/ଦକ୍ଷିଣ/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷମତାର ଆର୍‌ସିସି ଓଭରହେଡ୍ ଟାଙ୍କିର ନିର୍ମାଣ; **ଟେଣ୍ଡର ମୂଲ୍ୟ: ₹୧୧,୧୬,୩୪,୧୨୫.୭୨; ଇଏମ୍‌ଡି: ₹୭,୦୮,୨୦୦/–** । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ ୧, ୨ ଓ ୩ ପାଇଁ ପ୍ରତ୍ୟେକ ତା୨୧।୦୭।୨୦୨୫ ଏବଂ କ୍ର.ସଂ. ୪ ପାଇଁ ୨୨।୦୭।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ–ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ– ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ–I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । **(PR-352)**

## LIC SAMBALPUR DIVISIONAL OFFICE
**"JEEVAN PRAKASH"**
**AINTHAPALI, SAMBALPUR- 768004**
**WANTED OFFICE PREMISES ON LEASE**

LIC of India intends to hire office premises from the individual/ firms on lease basis admeasuring 1500sq.ft. carpet area [ ±5% variation in areas is acceptable ] which are in ready-to-occupy condition preferably on Ground or Ground and First floor for Satellite Office at Kantabanji, Dist- Balangir (Odisha)-767039. The preferred location of the premises shall be nearer to Railway Station / Bus Stand. For complete details and bid documents please log on to **www.licindia.co.in** and go to **"Property"** and click on the link **"Advertisement for requirement of Office premises at Kantabanji (Odisha) on lease basis".**

LIC of India reserves the right to accept or reject any or all offers in full/part without assigning any reasons whatsoever.

Sd/-
Date. 03.07.2025 — Sr. Divisional Manager

## STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

REF. NO.-ER&C/515 — Dt:-23-06-2025

**NOTICE INVITING APPLICATIONS FOR ALLOTMENT OF CANTEEN INSIDE ROURKELA STEEL PLANT**

Applications in closed cover are invited for allotment of S P-II canteen (Near S P-II deptt. area) in Rourkela Steel Plant on license basis. The application form along with enclosures for allotment of the said canteen is available in the office of AGM (HR-TA, G & ER&C) on payment of Rs.200/- (Rupees two hundred only) with GST @ 18% towards cost of application papers. The application papers can also be downloaded from our website https://sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.236/- (Online deposit through SB collect).

Application will be accepted up to **3.00PM. of dt:-21-07-2025**.

AGM (HR-TA, G, ER&C)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

## OFFICE OF THE PRINCIPAL
## Ekalavya Model Residential School, Nuapada
(A Unit of NESTS) Ministry of Tribal Affairs Government of India
(Affiliated To CBSE, Delhi, Affiliation No. 1520009, School Code - 17097)
At-Sakhatara, PO-Maulibhatta, PS-Nuapada, Dist.-Nuapada, 766105 (Odisha),
Email id : emrs.nuapada@gmail.com

Letter No : EMRS/NPD/OFF/152/2025-26 — /Date : 03.07.2025

**LATERAL ENTRY FOR THE ACADEMIC SESSION, 2025-26**

Applications are invited from eligible students of **class 7th, 8th & 9th** for lateral admission in CBSE Curriculam of EMRS, Nuapada for the academic session 2025-26. ***Selection of candidates will be strictly on the basis of Entrance Exam results as per NESTS guideline.***

***Interested Candidates for Boarders (only ST students) & for Day Scholar candidates (Children of Doctors and Paramedical staff of Govt. Hospital of Nuapada Block) may apply for class VII, VIII & IX.***

**Important Dates :-**

1. Application to be submitted in the office of the Principal, EMRS, Nuapada from 9:00 A.M. to 1:00 P.M. on or before 12.07.2025 (on working days only)
2. Entrance Exam. will be held from 10:00 A.M. to 1:00 P.M. on Date : 15.07.2025 (Tuesday) at Ekalavya Model Residential School, Nuapda.
3. Application Forms available at Ekalavaya Model Residential School, Nuapda.
4. Contact No. 9938487801
5. Students Vacant seat-Class VII-1 Boy, VIII-1, Girl, IX-1 Boy.

**By the order of D.W.O, Nuapada**
**Sd./- Principal (I/C), EMRS, Nuapada**

**ସଂକ୍ଷେପରେ**

## ୫ରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆସୁଛନ୍ତି ଧର୍ମେନ୍ଦ୍ର

କୋରାପୁଟ,୩।୭ (ଅମିତାଭ ବେହେରା)

ଆସନ୍ତା ୫ ତାରିଖରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ ସହ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ପ୍ରଧାନ ଏକ ପ୍ରମୁଖ ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏକାଡେମିକ୍ କୋଠା, ସ୍ୱାସ୍ଥ୍ୟକେନ୍ଦ୍ର, କୁଳପତିଙ୍କ ବାସଭବନ, ଅଧିକାରୀମାନଙ୍କ ପାଇଁ କ୍ୱାର୍ଟର୍ସ ଏବଂ କର୍ମଚାରୀଙ୍କ ପାଇଁ ବାସଗୃହ ସମେତ ଅନେକ ନୂତନ କାର୍ଯ୍ୟର ଉଦ୍‌ଘାଟନ କରିବେ। ୬ ପ୍ରମୁଖ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଇଆଇଟି ଭୁବନେଶ୍ୱର, ଆଇଆଇଏମ୍ ସମ୍ବଲପୁର, ଏନ୍‌ଆଇଟି, ରାଉରକେଲା, ଆଇଜର ବ୍ରହ୍ମପୁର ଏବଂ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ମଧ୍ୟରେ ଏକ ବୁଝାମଣାପତ୍ର (ଏସ୍‌ଓୟୁ) ସ୍ୱାକ୍ଷର ହେବ। କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୋକୁଳାନନ୍ଦ ମଲ୍ଲିକ,ସୂର୍ଯ୍ୟବଂଶୀ ସୂରଜ, କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବିଧାୟକ ଓ ଜନପ୍ରତିନିଧି ଉପସ୍ଥିତ ରହିବେ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ୧୫ ଘର

ଜୟପୁର, ୩।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲାରେ ବର୍ଷା ଲାଗି ରହିଛି। ଏହା ପ୍ରଭାବରେ ଜୟପୁର ବ୍ଲକ୍‌ରେ ୧୫ଟି ଘର ଭାଙ୍ଗି ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କଙ୍ଗାରେ ୨, ଖଇରମୁଣ୍ଡିରେ ୨, ଜାମୁଣ୍ଡାରେ ୪, ଫାମ୍ପୁଣିରେ ୩ ଓ ଜୟନ୍ତିଗିରି, ବାଲିପୂଜାରିପୁଟ, ଜୟପୁର ସହ ହାଡ଼ିଆରେ ୧ଟି ଲେଖାଏ ଘର ଭାଙ୍ଗିଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଥିବା ଜୟପୁର ତହସିଲ ପକ୍ଷରୁ ଚିତ୍ତରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ୪ ଦିନ ଲଗାଣ ବର୍ଷାରେ ୩୨ ଘର ଭାଙ୍ଗିଛି। ଗୁରୁବାର ଝିପିଝିପି ବର୍ଷା ଲାଗି ରହିଛି। କୋହଲିଆ ଶୀତୁଆ ପାଗ ରହିଛି। ଫଳରେ ଦୋକନ, ବଜାର ବନ୍ଦ ରହିଛି।

# ଯୁଦ୍ଧକାଳୀନ ଭିତ୍ତିରେ ରେଳଧାରଣାରୁ ଉଠାଯାଉଛି ମାଟି

**ପାହାଡରୁ ମାଟି ଅତଡା ଖସି ଟ୍ରେନ ଚଳାଚଳ ଠପ୍ ଘଟଣା**

କୋରାପୁଟ,୩।୭(ଅମିତାଭ ବେହେରା)



ରେଳଧାରଣାରୁ ମାଟି ଉଠା କାମ ଚାଲିଛି।

କୋରାପୁଟ-କିରଣ୍ଡୁଲ(କେକେ) ଲାଇନର ଜରଟି ଗ୍ରାମ ନିକଟ ରେଳ ଧାରଣାରେ ବୁଧବାର ପାହାଡ଼ରୁ ମାଟି ଅତଡ଼ା ଖସି ଏହି ରୁଟ୍‌ରେ ସମସ୍ତ ଟ୍ରେନ ଚଳାଚଳ ବନ୍ଦ ଥିଲା। ଗୁରବାର ସକାଳୁ ରେଲୱେ ଅଧିକାରୀଙ୍କ ଉପସ୍ଥିତିରେ ଯୁଦ୍ଧକାଳୀନ ଭିତ୍ତିରେ ମାଟି ଉଠା କାମ ଚାଲିଥିବା ରାୟଗଡ଼ା ଡିଭିଜିନାଲ ମ୍ୟାନେଜର ଅମିତାଭ ସିଙ୍ଗଲ ପ୍ରକାଶ କରିଛନ୍ତି। ପାହାଡ଼ରୁ ଖସିଥିବା ମାଟି ଅତଡ଼ା ଓ ପଥର ମଧ୍ୟରୁ ପ୍ରାୟ ଅଧା କଢ଼ା ହୋଇ ସାରିଲାଣି। ଏହି ଉଦ୍ଧାର କାର୍ଯ୍ୟରେ ୧୩ ରୁ ଊର୍ଦ୍ଧ୍ୱ ପୋକଲିନ୍ ସମେତ ୩ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଲାଗିଥିବା ସେ କହିଛନ୍ତି। କାର୍ଯ୍ୟର ଅଗ୍ରଗତୀ ନେଇ ବିଶାଖାପାଟଣା ୱାଲଟିଅର ଡିଭିଜନ୍ ଡିଆର୍‌ଏମ୍ ଲଲିତ ବୋରା ପ୍ରତି ଘଣ୍ଟାରେ ସମୀକ୍ଷା କରୁଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୁରବାର ମଧ୍ୟ ଏହି ରୁଟରେ ଚାଲୁଥିବା ସମସ୍ତ ୮ଟି ଟ୍ରେନକୁ ବନ୍ଦ କରାଯାଇଛି। ଏହି ସମସ୍ତ ଟ୍ରେନ କୋରାପୁଟରୁ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି। ଏହି ରୁଟ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ଯୋଗୁ ବିଭାଗର ପ୍ରାୟ ୫୦ କୋଟି ଟଙ୍କାର ରାଜସ୍ୱ ହାନୀ ଘଟୁଥିବା ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।

# ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସୁନାବେଡ଼ା ସିଡିପିଓ

ସୁନାବେଡ଼ା, ୩।୭(କୃତ୍ତିବାସ ପ୍ରଧାନ)

ଗତ ମାର୍ଚ୍ଚ ୧୯ରେ ଶାସ୍ୱତି ମହାସଂଘ ବିରୋଧରେ ହୋଇଥିବା ମିଳିତ ତଦନ୍ତକୁ ନେଇ ଉପ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି ସୁନାବେଡ଼ା ସିଡିପିଓ ନଳିନୀ ବେହେରା। ଉପ ଜଲାପାଳଙ୍କୁ ଦେଇଥିବା ଚିଠି ମୁତାବକ ଶାସ୍ୱତି ମହାସଂଘ ଉପଦେଷ୍ଟା ଅଶ୍ୱିନୀ ପଟ୍ଟନାୟକ ସିଡିପିଓ ବେହେରାଙ୍କୁ ଏକ ଲିଗାଲ୍ ନୋଟିସ ପଠାଇଛନ୍ତି । ଯାହାକୁ ନେଇ ସେ ମାନସିକ ଚାପରେ ଥିବା ଦର୍ଶାଇଛନ୍ତି ।

ପ୍ରକାଶଯେ, ଗତ ଫେବୃଆରୀରେ ଶାନ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କେତେକ ମହିଳା ଶାସ୍ୱତି ମହାସଂଘ ବିରୋଧରେ ଇନ୍‌ସ୍ୟୁରାନ୍ସ ଓ ସଭ୍ୟ ଚାନ୍ଦାକୁ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ସିଡିଓଙ୍କ ନିର୍ଦ୍ଦେଶରେ ଏକ ଚାରିଜଣିଆ ଟିମ୍‌କୁ ଏହାର ସତ୍ୟାସତ୍ୟ ତଦନ୍ତ ପାଇଁ ଦାୟିତ୍ୱ ଦିଆଯାଇଥିଲା। ମାର୍ଚ୍ଚ ୧୯ରେ ଉଭୟ ପକ୍ଷଙ୍କୁ ସୁନାବେଡ଼ା ଆଇସିଡିଏସ୍ କାର୍ଯ୍ୟାଳୟକୁ ଡକାଯାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯେଉଁଥିରେ ଅଭିଯୋଗକାରୀ ଏସ୍‌ଏଚ୍‌ଜି ସମସ୍ତ ଦସ୍ତାବିଜ ଦାଖଲ କରିଥିବା ବେଳେ ଶାସ୍ୱତି ମହାସଂଘ ନିଜର କୌଣସି ଦସ୍ତାବିଜ ଦାଖଲ କରିବାରେ ଅସମର୍ଥ ହୋଇଥିଲା । ପର ମୁହୂର୍ତ୍ତରେ ତଦନ୍ତକାରୀ ଟିମ୍ ସିଡିଓଙ୍କୁ ଦସ୍ତଖତ ସମ୍ବଳିତ ରିପୋର୍ଟ ପ୍ରଦାନ କରିଥିଲେ। ଯାହାକୁ ଚ୍ୟାଲେଞ୍ଜ କରି ସମ୍ପୃକ୍ତ ଉପଦେଷ୍ଟା ଓକିଲଙ୍କ ମାଧ୍ୟମରେ ନୋଟିସ୍ ପଠାଇଥିବା ଉଲ୍ଲେଖ ରହିଛି। ଏଠାରେ ପ୍ରଶ୍ନ ଉଠୁଛି, ଯଦି ତଦନ୍ତକାରୀ ଟିମ୍‌ରେ ୪ଜଣ ରହିଥିଲେ ତେବେ ଏପରି ଆକ୍ରୋଶମୂଳକ ପଦକ୍ଷେପ କାହିଁକି ନିଆଗଲା। ଏଥିସହ ବେହେରା ଉପ ଜିଲାପାଳଙ୍କୁ ଦେଇଥିବା ଚିଠିର ନକଲ କପି ଡି ଏସ୍‌ଡବ୍ଲ୍ୟୁଓ ଏବଂ ସିଡିଓଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

ଏ ସମ୍ପର୍କରେ ଶାସ୍ୱତି ମହିଳା ମହାସଂଘ ଉପଦେଷ୍ଟା ଅଶ୍ୱିନୀ ପଟ୍ଟନାୟକଙ୍କୁ ପଚାରିବାରୁ ସୂଚନା ଅଧିକାର ବଳରେ ମଗାଯାଇଥିବା ତଥ୍ୟରେ ପଟ୍ଟନାୟକଙ୍କର କୌଣସି ସମ୍ପୃକ୍ତି କିମ୍ବା ପ୍ରମାଣ ନ ଥିବା ଦର୍ଶାଇଛନ୍ତି। ଯେଉଁଥି ପାଇଁ ରିପୋର୍ଟକୁ ଚାଲେଞ୍ଜକରି ଲିଗାଲ ନୋଟିସ୍ ପଠାଇଛନ୍ତି। ଜଣଙ୍କୁ ନୁହେଁ ତଦନ୍ତରେ ସାମିଲ ୪ ଅଧିକାରୀଙ୍କୁ ନୋଟିସ୍ ପଠାଯାଇଥିବା ସେ କହିଛନ୍ତି।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

ଦଶମନ୍ତପୁର, ୩।୭( ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ଅଧୀନ ଶୁକ୍ରିଗୁଡ଼ା ଗାଁର ନାଶୁ ସାଉନ୍ତା (୨୨)ଙ୍କ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଗୁରୁବାର ଅପରାହ୍ନ ୪ଟା ୩୦ରେ ନାଶୁ ଦାମନଯୋଡ଼ିରୁ ଫେରୁଥିଲେ। ଏହି ସମୟରେ କିଲାର ଗାଁ ନିକଟସ୍ଥ ରେଳଧାରଣା ପାରି ହେବା ବେଳେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ସରପଞ୍ଚ କୁନୁ ଭୋଇ ସୂଚନା ଦେଇଛନ୍ତି। ମୃତକଙ୍କ ସ୍ତ୍ରୀ ଏବଂ ୪ ବର୍ଷର ପୁଅ ଅଛନ୍ତି। ଯୁବକଙ୍କ ମୃତ୍ୟୁପରେ ଗାଁ ରେ ଶୋକାକୁଳ ପରିବେଶ ରହିଛି।

## ଲ୍ୟାମ୍ପସ୍ ତାଲା ଭାଙ୍ଗି ଚୋରି ଉଦ୍ୟମ

ଦଶମନ୍ତପୁର, ୩।୭(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ପୋଡ଼ାଗଡ ପଞ୍ଚାୟତ ସଦର ମହକୁମାସ୍ଥିତ ଲ୍ୟାମ୍ପସ କାର୍ଯ୍ୟାଳୟ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଛି। ଲ୍ୟାମ୍ପସର ବିଭିନ୍ନ ଆଲମିରା, ଲକର, ଡ୍ର ଆଦିର ତାଲା ଭାଙ୍ଗି କୌଣସି ଜିନିଷ ନ ପାଇ କାଗଜପତ୍ର, ଫାଇଲ୍ ଫିଙ୍ଗି ଦେଇଛନ୍ତି। ବୁଧବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଏଭଳି କାଣ୍ଡ କରିଥିବା ଲ୍ୟାମ୍ପସ ଶାଖା ପରିଚାଳକ ସନ୍ତୋଷ କୁମାର ଦାଶ କହିଛନ୍ତି। ଏ ନେଇ କୋରାପୁଟ ସଦର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଥାନାଧିକାରୀ ରୁନୁ ମାଝୀ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲେ। ବର୍ତ୍ତମାନ ତଦନ୍ତ ଚାଲିଛି।

# ମାଛ ଧରିବାକୁ ଯାଇ ଜଣେ ମୃତ, ଜଣେ ନିଖୋଜ

କୋଟପାଡ, ୩।୭(କେ.ରାଜଶେଖର ରାଓ)

କୋଟପାଡ଼ ଗିଲା ପଞ୍ଚାୟତ ଚିତ୍ରଗୁଡ଼ା ଓ ଚିତା ଗାଁ ରାସ୍ତାପାର୍ଶ୍ୱ ବଡ଼ମୁଣ୍ଡା ପାଖରୀରେ ମାଛ ଧରିବାକୁ ଯାଇ ଜଣଙ୍କର ମୃତ୍ୟୁ ହେଇଥିବା ବେଳେ ଅନ୍ୟଜଣେ ନିଖୋଜ ଅଛନ୍ତି। ମୃତକ ହେଲେ ଚିତାଗାଁର ଡୁମର ପୂଜାରୀ (୫୦) । ନିଖୋଜ ଚିତ୍ରାଗୁଡାର ଧନର ପୂଜାରୀ (୫୨)। ଗୁରୁବାର ସନ୍ଧ୍ୟା ୫ ଟାରେ ଚିତ୍ରାଗୁଡାର ଧନର ପୂଜାରୀ ଓ ଚିତାଗାଁର ଡୁମର ପୂଜାରୀ ମାଛ ଧରିବାକୁ ଉକ୍ତ ପାଖରୀକୁ ଯାଇଥିଲେ । ଗତ ଏକ ସପ୍ତାହ ହେବ ଲଘୁଚାପ ଯୋଗୁ ବର୍ଷା ଲାଗି ରହିଥିବା ବେଳେ ପାଖରୀର ଜଳ ବୃଦ୍ଧି ପାଇଛି। ଦୁହେଁ ପଶି ମାଛ ଧରୁଥିବା ବେଳେ ମଝିରେ ଜାଲରେ ଛନ୍ଦି ହୋଇଯାଇଥିଲେ। ବାହାରି ନ ପାରିବାରୁ ପାଣିରେ ବୁଡି ଯାଇଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ କୋଟପାଡ଼ ଦମକଳ ବାହିନୀକୁ ଖବର ଦେବାପରେ ସେମାନେ ପୋଖରୀରେ ପଶି ଖୋଜା ଖୋଜି କରିଥିଲେ । ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ସନ୍ଧ୍ୟା ଯୋଗୁ ଦମକଳ ବାହିନୀ ଖୋଜା ଖୋଜି ବନ୍ଦ ରଖିଥିବା ବେଳେ ଶୁକ୍ରବାର ପୁଣି ଖୋଜା ଆରମ୍ଭ ହେବ ବୋଲି ଜିଣାପଡିଛି ।

# ଇପ୍‌ସିତା, ଗ୍ରୀଷ୍ମୟଙ୍କୁ ଆଇକନିକ୍ ଓଏଭି ସଫଳତା

ନନ୍ଦପୁର, ୩।୭ (ତୁଷାରକାନ୍ତ ମହାନ୍ତି)



ଇପ୍‌ସିତା ଖରା



ଗ୍ରୀଷ୍ମୟ ସାହୁ

ନନ୍ଦପୁର ବ୍ଲକ୍‌ରେ ଥିବା ଗଣିନାୟକପୁଟ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଇପ୍‌ସିତା ଖରା ଓ ଛାତ୍ର ଗ୍ରୀଷ୍ମୟ ସାହୁ ରାଜ୍ୟ ଆଇକନିକ୍ ଓଏଭି ପ୍ରବେଶ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ପରୀକ୍ଷାଫଳ ପ୍ରକାଶ ପରେ ୨ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସମେତ ସେମାନଙ୍କ ଅଭିଭାବକମାନଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ସୂଚନା ଥାଉକି ସିବିଏସ୍‌ଇ ପାଠ୍ୟକ୍ରମର ଦଶମ ପରୀକ୍ଷାରେ ଗ୍ରୀଷ୍ମୟ ସ୍କୁଲ ଟପ୍ପର ହୋଇଥିବାବେଳେ ଇପ୍‌ସିତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରବେଶିକା ପରୀକ୍ଷାରେ ସଫଳତା ପାଇ ଦୁଇ ଛାତ୍ରୀ ଛାତ୍ର ଭୁବନେଶ୍ୱରସ୍ଥିତ ଆଇକନିକ୍ ଓଏଭିରେ ନନ୍ଦପୁର ଓଏଭିର ପ୍ରତିନିଧିତ୍ୱ କରିବେ। ସେଠାରେ ଥିବା ଉଚ୍ଚମାନର ଆବାସିକ ସୁବିଧା, ବୈଷୟିକ ଜ୍ଞାନକୌଶଳର ସହ ଯୁକ୍ତ୨ ପାଠ୍ୟକ୍ରମ ଓ ପ୍ରତିଯୋଗିତାମୂଳକ ପାଠ୍ୟକ୍ରମ ନିମନ୍ତେ ଅଧ୍ୟୟନ କରିବାର ସୁଯୋଗ ପାଇବେ ବୋଲି ଗଣିନାୟକପୁଟ ଓଏଭି ଅଧ୍ୟକ୍ଷ ନନ୍ଦ ଖରା ଓ ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆଇକନିକ୍ ଓଏଭି ବିଦ୍ୟାଳୟରେ ମନ ଦେଇ ପଢ଼ି ନିଜ ସ୍କୁଲ ସମେତ ପିତାମାତା ଓ ନନ୍ଦପୁରର ଟେକ ରଖିବୁ ବୋଲି କହିଛନ୍ତି ଉଭୟ ଇପ୍‌ସିତା ଓ ଗ୍ରୀଷ୍ମୟ କହିଛନ୍ତି।

# ଡିଏଲ୍‌ଏସ୍‌ଏର ବନ ମହୋତ୍ସବ କାର୍ଯ୍ୟକ୍ରମ



ଚାରାରୋପଣ କାର୍ଯ୍ୟକ୍ରମରେ ଡିଏଲ୍‌ଏସ୍‌ଏ ସଦସ୍ୟ ଓ ବନ ବିଭାଗ କର୍ମଚାରୀ।

ଜୟପୁର, ୩।୭(ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ, ଜୟପୁର ଏବଂ ବନ ବିଭାଗ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ଅବସରେ ଚାରାରୋପଣ କରାଯାଇଛି। ବୁଧବାର ଜିଲା ଜଜ୍ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଜିଲା ମୁଖ୍ୟ ଚିକିତ୍ସାଳୟ ଜୟପୁର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜଜ୍ ଚାରାରୋପଣ କରିଥିଲେ। ଏହି ସମୟରେ ବରିଷ୍ଠ ଦେୱାନୀ ବିଚାରପତି ସ୍ୱୟଂପ୍ରକାଶ ଦାସ, ସଚିବ ଜିଲା ଆଇନସେବା ପ୍ରାଧିକରଣ, ପ୍ରଦ୍ୟାମୟୀ ସୁଜତା, ରେଜିଷ୍ଟ୍ରାର ସିଭିଲ କୋର୍ଟ ବିଷ୍ଣୁପ୍ରସାଦ ଦେବତା, ଏସ୍‌ଡିଜେମ୍ ସନ୍ତୋଷ ବାରିକ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଦଣ୍ଡାଧିକାରୀ ହରମୋହନ ଦାସ, ଦ୍ୱିତୀୟଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରୀ ପ୍ରଜ୍ଞା ସୁମନ ମହାପାତ୍ର, ଦୀକ୍ଷା ରାଉତରାଏ, ଜୟପୁର ବନ ବିଭାଗ ଅଧିକାରୀ ପ୍ରତାପ ବେହେରା, ସିଡିଏମ୍‌ଓ ରବିନ୍ଦ୍ର ମିଶ୍ର, ହସ୍ପିଟାଲ ପରିଚାଳକା, ଡିଏଲ୍‌ଏସ୍‌ଏ କର୍ମଚାରୀ, ବିଭାଗୀୟ ବନ ସଂରକ୍ଷଣ କର୍ମଚାରୀ, ମେଡିକାଲ କର୍ମଚାରୀ ଚାରାରୋପଣ କରିଥିଲେ।

# ପାଣି, ବିଦ୍ୟୁତ୍ ବିଭ୍ରାଟରୁ ରୋଗୀ ହନ୍ତସନ୍ତ

**ଅବ୍ୟବସ୍ଥାରେ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ସୁନାବେଡ଼ା,୩।୭(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ପାଣି ଆସୁ ନ ଥିବା ଓ ଅନେକ ସମୟରେ ବିଦ୍ୟୁତ୍ ବିଭ୍ରାଟ ହେଉଥିବାରୁ ରୋଗୀମାନେ ହଇରାଣ ହେଉଥିବା ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସରକାର ସମସ୍ତ ଡାକ୍ତରଖାନାକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଜଳ ଯୋଗାଇବାକୁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ରୋଗୀମାନେ ସେବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ଏଠାରେ ଚିକିତ୍ସିତ ହେଉଥିବା କେତେଜଣ ରୋଗୀ କହିଛନ୍ତି, ଶୌଚାଳୟ ସହ ଲାଗିଥିବା ଆକ୍ୱାଗାର୍ଡରୁ ପାଣି ଆସୁ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ସମ୍ପର୍କୀୟମାନେ ବାହାରୁ ପିଇବା ପାଣି ଆଣୁଥିବା ଓ ଅନେକ ସମୟରେ ବାହାରକୁ ଶୌଚ ହେବାପାଇଁ ଯାଉଥିବା କହିଛନ୍ତି। ଏହା ବ୍ୟତୀତ ଅନେକ ସମୟରେ ବିଦ୍ୟୁତ୍ ରହୁ ନ ଥିବା ଅଭିଯୋଗ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅନେକ ସମୟରେ ଜରୁରିକାଳୀନ ୱାର୍ଡରେ ଡାକ୍ତରଙ୍କ ବଦଳରେ ନର୍ସମାନେ ଚିକିତ୍ସା କରୁଥିବା ଅଭିଯୋଗ ଆଣିଛନ୍ତି। ସେହିପରି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ଥିବା ବେଳେ ଏଠାରେ ତାହା ଦିଆଯାଉ ନାହିଁ। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ଉପୁଜିଥିବା ସମସ୍ୟା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ରୋଶନୀ ଖେସ୍‌ଙ୍କୁ ଯୋଗାଯୋଗ କରିବାରୁ କିଛିଦିନ ହେଲା ସପ୍ଲାଇ ପାଣି ଆସୁଛି। ସେଥିପାଇଁ ଟିକେ ସମସ୍ୟା ରହିଥିଲା। ବହୁଦିନ ହେବ ପାଣିପମ୍ପ ଚଲାଯାଇ ନ ଥିବାରୁ ସେଥିରେ ସମସ୍ୟା ଥିଲା। ଏବେ ତାକୁ ଠିକ୍ କରାଯାଇଛି ଏବଂ ଲାଇଟ ପାଇଁ ବ୍ୟାଟେରି ମଧ୍ୟ ମଗାଯାଇଛି। ସୋମବାର ସୁଦ୍ଧା ଆସିଯିବ। ଜରୁରିକାଳୀନ ୱାର୍ଡରେ ଡାକ୍ତର ରହୁଛନ୍ତି, କିନ୍ତୁ ପାଖରେ କ୍ୱାର୍ଟର୍ସ ଥିବାରୁ ଏପଟ ସେପଟ ହେଉଥିବେ। ତା'ଉପରେ ନଜର ରଖାଯିବ ବୋଲି କହିଛନ୍ତି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରବୀନ୍ଦ୍ରନାଥ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ କ'ଣ ହୋଇଛି ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ କଥା ହେବେ ବୋଲି କହିଥିଲେ ।




ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

# ନଈ ସୁଅରେ ୭ ଗ୍ରାମବାସୀଙ୍କ ମାନବ ଶୃଙ୍ଖଳ

**ଲଘୁଚାପଜନିତ ବର୍ଷା**

ନନ୍ଦପୁର ୩।୭ (ତୁଷାରକାନ୍ତ ମହାନ୍ତି)



ନଦୀପାରହେବାକୁ ଦେବଷଣ୍ଢଗୁଡା, ଉପର କଣ୍ଡାପାଲି ଓ ମେଣ୍ଡାଝୋଲା ଗ୍ରାମବାସୀଙ୍କ ମାନବ ଶୃଙ୍ଖଳ ।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଚାଟୁଆ, ହାତୀବାରି, ନନ୍ଦକା, ରାଇସିଂ ଓ ବାଡେଲ ପଞ୍ଚାୟତରେ ଲଘୁଚାପଜନିତ ବର୍ଷାରୁ ଉପର କଣ୍ଡାପାଲି, ତଳ କଣ୍ଡାପାଲି, ସାରିଆପୁଟ, ମେଣ୍ଡାଝୋଲା, ରାଙ୍ଗିନିଗୁଡ଼ା, ଦେବଷଣ୍ଢଗୁଡା ଓ ଗୋଡିପୁଟ ଆଦି ୭ ଗ୍ରାମର ପ୍ରବେଶ ପଥରେ ଥିବା ନଦୀ, ନାଳର ଜଳସ୍ରୋତ ବଢ଼ି ଗ୍ରାମବାସୀଙ୍କ ଜୀବନ ଦୁର୍ବିଷହ ହୋଇଛି। ଗୁରୁବାର ଗ୍ରାମବାସୀ ନଦୀ ପାରିହେବାକୁ ଜଣେ ଆରଜଣଙ୍କ ହାତ ଧରି ଶୃଙ୍ଖଳ କରି ବିପଦସଙ୍କୁଳ ଯାତାୟାତ କରୁଛନ୍ତି। ଦେବଷଣ୍ଢଗୁଡା ଗ୍ରାମବାସୀଙ୍କ ଗତ ବିଧାନସଭା, ଲୋକସଭା ନିର୍ବାଚନରେ ଭୋଟ ବର୍ଜନ ପରେ ବି ଉକ୍ତ ନଦୀ, ନାଳ ଉପରେ ପୋଲ ହେଉ ନ ଥିବାରୁ ୭ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଗତ ୫ ଦିନ ହେଲା ବଜାର ଘାଟ, ସରକାରୀ କାର୍ଯ୍ୟାଳୟ, ପିଲାଙ୍କ ପଢ଼ା, ରୋଗୀ ଓ ଗର୍ଭବତୀଙ୍କ ଚିକିତ୍ସା ସୁବିଧା ପାଇଁ ନଦୀପାର ହେବାକୁ ଆମ ପାଇଁ ମାନବ ଶୃଙ୍ଖଳ ହିଁ ସାହା ଭରସା ବୋଲି କହିଛନ୍ତି। ଗ୍ରାମଗୁଡିକକୁ କୌଣସି ଗାଡ଼ି, ରୋଗୀବୁହା ଯାନ ଯାଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ବ୍ଲକ ତରଫରୁ ଉକ୍ତ ନଦୀଗୁଡ଼ିକ ଉପରେ ପୋଲ ନିର୍ମାଣ ପାଇଁ ଦାବି ହେଉଛି।

ସୁନାବେଡ଼ା ଆର୍‌ଡି ବିଭାଗ ଯନ୍ତ୍ରୀ ଜୟନ୍ତ ସାହୁ ଉପରକଣ୍ଡାପାଲି, ଦେବଷଣ୍ଢଗୁଡା ଓ ଗୋଡ଼ିପୁଟରେ ପୋଲ ତିଆରି ପାଇଁ ସର୍ବେକ୍ଷଣ ସରିଛି। ପାଣ୍ଠି ବରାଦ ହେଲେ ପୋଲ ତିଆରି କରାଯିବ । ବଳକା ରାସ୍ତା ପୋଲ ପାଇଁ ସର୍ବେକ୍ଷଣ କରାଯାଇ ବିଭାଗ ତରଫରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

## ବର୍ଷାରେ ଭାଙ୍ଗିଲା ୪୪ ଘର କାନ୍ଥ

ନନ୍ଦପୁର, (ତୁଷାରକାନ୍ତ ମହାନ୍ତି)

ଲଘୁଚାପ ଜନିତ ବର୍ଷା କାରଣରୁ ଗୁରୁବାର ନନ୍ଦପୁର ବ୍ଲକ ଅଞ୍ଚଳର ୩ ଗୋଟି ଘର ସମେତ କୋରାପୁଟ ଜିଲାରେ ୪୪ ଗୋଟି ଘର କାନ୍ଥ ଭାଙ୍ଗି ଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ନନ୍ଦପୁର ବ୍ଲକର କୁଲାରସିଂ ପଞ୍ଚାୟତ, ତାନସିଂ ଗ୍ରାମରେ ପ୍ରଦୀପ କୁମାର ନାୟକଙ୍କ ଘର ଉପରେ ପାର୍ଶ୍ୱର ପଣସ ଗଛ ଉପୁଡ଼ି ପଡ଼ିବାରେ ଘରର ଆଜବେଷ୍ଟସ ଭାଙ୍ଗି ଯାଇଛି। ନନ୍ଦପୁର ଅଗ୍ନିଶମ ବାହିନୀ କର୍ମକର୍ତ୍ତା ପହଞ୍ଚି ଗଛ କାଟିଥିଲେ। ସେହିଭଳି ବର୍ଷା ପ୍ରଭାବରେ ପାଛଲୁଙ୍ଗ ପଞ୍ଚାୟତର ଗୋଡିପୁଟ ଗ୍ରାମର ମୁକ୍ତା ପ୍ରଧାନି ଓ ପାଛଲୁଙ୍ଗ ଗ୍ରାମର ଡମ୍ବାଇ ହନ୍ତାଳଙ୍କ ଘର କାନ୍ଥ ଭାଙ୍ଗି ଭାଙ୍ଗିଯାଇଛି। ଫଳରେ ଉଭୟ ପରିବାର ଆଶ୍ରୟହୀନ ହୋଇଛନ୍ତି। ସମସ୍ତଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ ପ୍ରଦାନ କରାଯାଇଥିବା ନନ୍ଦପୁର ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

# ବର୍ଷାପାଣି, କାଦୁଅରେ ସାପ୍ତାହିକ ହାଟ

**ଚାଷୀ, ଖାଉଟି ଓ ବେପାରୀ ହନ୍ତସନ୍ତ**

ନନ୍ଦପୁର, (ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲାରେ ବର୍ଷା ଲାଗି ରହିଛି। ଫଳରେ ନନ୍ଦପୁର ବ୍ଲକ୍ ସଦର ମହକୁମାର ବୁଧବାର ହୋଇଥିବା ସାପ୍ତାହିକ ହାଟରେ ଚାଷୀ, ଖାଉଟି ଓ ବେପାରୀ ବର୍ଷାପାଣି କାଦୁଅରେ ଘାଣ୍ଟିହୋଇ ହଟହଟା ହୋଇଛନ୍ତି। ହାଟ ପରିଚାଳନା କରୁଥିବା ଜିଲା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) କର୍ତ୍ତୃପକ୍ଷଙ୍କ ସମେତ ନନ୍ଦପୁର ପଞ୍ଚାୟତ, ବ୍ଲକ୍ ଓ କୋରାପୁଟ ଜିଲା ପ୍ରଶାସନ ନୀରବତା ଅବଲମ୍ବନ କରୁଥିବାରୁ ବୁଧବାର ସାପ୍ତାହିକ ହାଟ ଉପରେ ନିର୍ଭରଶୀଳ ନନ୍ଦପୁର, ଲମତାପୁଟ ଓ ସେମିଳିଗୁଡ଼ା ବ୍ଲକର ଚାଷୀ ଖାଉଟି ଓ ବେପାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାଛଡ଼ା ହାଟରେ ସ୍ଥାପିତ ଏକାଧିକ ସିମେଣ୍ଟ ପିଣ୍ଡିର ନିମ୍ନଭାଗରୁ ମାଟି ସିମେଣ୍ଟ ଖସିଯାଇଛି। ଗଦାହୋଇଥିବା ଅଳିଆ ଆବର୍ଜନା ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବା ବେଳେ ଲଗାଣ ବର୍ଷା ହାଟକୁ କାଦୁଅମୟ କରିଛି। ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଚାଷୀ ଓ ବେପାରୀଙ୍କଠାରୁ ହାଟପାନ୍ତୁ (ଟିକସ) ଆଦାୟ କରୁଥିବା ବେଳେ ହାଟଗୁଡ଼ିକର ଉନ୍ନତି ଓ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ କୌଣସି ବ୍ୟବସ୍ଥା କରୁନାହାନ୍ତି। ହାଟ ଭିତରର ଦୁରବସ୍ଥା ଦେଖି ଚାଷୀ ଓ ବେପାରୀ ରାସ୍ତାକଡ଼ରେ ନିଜର ପସରା ଖୋଲୁଛନ୍ତି। ହାଟଗୁଡ଼ିକ ମୁଖ୍ୟ ରାସ୍ତାକଡ଼ରେ ସ୍ଥାପନ ହୋଇଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟିହୋଇ ପୋଲିସ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ସାଜୁଛି। ଏଭଳି ସ୍ଥିତି ନନ୍ଦପୁର ବ୍ଲକ୍ ସଦର ମହକୁମାର ବୁଧବାର ହାଟ ସମେତ ଗୁରୁବାର ପାଡୁଆ ହାଟ, ଶନିବାର ଥୁବା ହାଟ, ସୋମବାର ସୁବାଇ ହାଟ, ମଙ୍ଗଳବାର ରାଇସିଂ ହାଟରେ ଦେଖିବାକୁ ମିଳିଛି। ତୁରନ୍ତ ସାପ୍ତାହିକ ହାଟ ପିଣ୍ଡିଗୁଡ଼ିକର ଦୁରବସ୍ଥା ସୁଧାର ଓ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ସୁଧାର କରିବାକୁ ପଞ୍ଚାୟତ, ବ୍ଲକ, ଜିଲା ପ୍ରଶାସନ ସମେତ ରାଜ୍ୟ ସରକାର ଯତ୍ନବାନ ହୁଅନ୍ତୁ ବୋଲି ଚାଷୀ ଖାଉଟି ଓ ବେପାରୀ ଅନୁରୋଧ କରିଛନ୍ତି। ହାଟଗୁଡ଼ିକର ଦୁରବସ୍ଥା ସମ୍ପର୍କରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତିୱାସନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନାକରି ହାଟଗୁଡ଼ିକରେ ସୁଧାର କରାଯିବ ବୋଲି କହିଛନ୍ତି।



ବୁଧବାର ସାପ୍ତାହିକ ହାଟରେ ପାଣି କାଦୁଅ।

# ଓଏଏସ୍ ସଂଘକୁ ସମର୍ଥନ କଲା ରାଜସ୍ୱ ଅମଲା ସଂଘ



ଓଆର୍ଏସ୍ ସଂଘ ପକ୍ଷରୁ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମାଲକାନଗିରି,୩।୭(ଦୁର୍ଯ୍ୟୋଧନ ପାତ୍ର)

ଭୁବନେଶ୍ୱର ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ନେଇ ସାରା ରାଜ୍ୟରେ ଓଏଏସ୍‌ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ବେଳେ ଏହାକୁ ନେଇ ମାଲକାନଗିରି ଜିଲା ଓଡ଼ିଶା ରାଜସ୍ୱ ଅମଲା ସଂଘ ସମର୍ଥନ କରିଛି। ଗୁରୁବାର ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଅମଲା ସଂଘ ଅଧ୍ୟକ୍ଷ ଶିବ ଚରଣ ସିଆ, କାର୍ଯ୍ୟକାରୀ ସଭାପତି ନୀଳକଣ୍ଠ ଭୂମିଆ, ଉପ ସଭାପତି ଏମ୍‌ଡି ଗୌସ୍ ମହିଦ୍ଦିନ୍, ସମ୍ପାଦକ ଦିଲୀପ କୁମାର ନାୟକ ଓ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପୃଷ୍ଟି ପ୍ରମୁଖ ଏହି ସମର୍ଥନ ପତ୍ର ପ୍ରଦାନ କରିଛନ୍ତି। ଘଟଣାକୁ ନେଇ ରାଜସ୍ୱ ଅମଲା ସଂଘ ନିନ୍ଦା କରିବା ସହ ଦୁଃଖ ପ୍ରକାଶ କରିଛି। ଓଏଏସ୍ ସଂଘର ଏହି ଆନ୍ଦୋଳନକୁ ସମ୍ପୂର୍ଣ୍ଣ ସମର୍ଥନ କରିବା ସହ ଏହି ଘଟଣାର ନ୍ୟାୟ ମିଳିଲା ପର୍ଯ୍ୟନ୍ତ ଓଏଏସ୍ ଅଫିସରଙ୍କ ସହ ମାଲକାନଗିରି ଜିଲା ଅମଲା ସଂଘ ସମର୍ଥନ କରିଛି।

## ଓଏଏସ୍ ଅଧିକାରୀଙ୍କ ଆନ୍ଦୋଳନ, ହଇରାଣ ହେଉଛନ୍ତି ଲୋକେ

କୋରାପୁଟ,୩।୭(ଅମିତାଭ ବେହେରା)



ବିଏମ୍‌ସି ଅଧିକାରୀଙ୍କୁ ଆକ୍ରମଣରେ ୩ ଦିନ ଧରି ଓଏଏସ୍ ଅଧିକାରୀମାନେ କାର୍ଯ୍ୟରେ ଯୋଗଦେଉ ନ ଥିବାରୁ ସରକାରୀ କାର୍ଯ୍ୟ ପ୍ରଭାବିତ ହୋଇଛି। ବିଭିନ୍ନ କାର୍ଯ୍ୟ ନେଇ ଦୂର ଦୁରାନ୍ତରୁ ଆସୁଥିବା ଲୋକେ ଅସୁବିଧା ଭୋଗୁଛନ୍ତି। ଓଏଏସ୍ ଅଧିକାରୀଙ୍କ ଆନ୍ଦୋଳନ ଯୋଗୁ ଉପଜିଲାପାଳ କାର୍ଯ୍ୟାଳୟଠାରୁ ଆରମ୍ଭକରି ସମସ୍ତ ବିଡ଼ିଓ, ତହସିଲଦାର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ସିଡିଓଙ୍କ ଅଫିସ ଖାଁ ଖାଁ ଲାଗୁଛି। ଏନେଇ ସାଧାରଣ ଲୋକମାନେ ବିଭିନ୍ନ କାର୍ଯ୍ୟରେ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷାକରି ନିରାଶରେ ଫେରୁଛନ୍ତି । ଗୁରୁବାର କୋରାପୁଟ ବିଡିଓଙ୍କ ନିକଟକୁ ବଡସୁକୁ ଗ୍ରାମର ଭଗବାନ ପାଙ୍ଗି ଓ ଲଙ୍କାପୁଟ ପଞ୍ଚାୟତ ପାଇଦାପୁଟ ଗ୍ରାମର ପଦଲାମ ଖରା ରାସ୍ତା ଓ ଡ୍ରେନ୍ ସମସ୍ୟା ନେଇ ଆସିଥିବା ବେଳେ ବିଡ଼ିଓ ଦେବାଶିଷ ଗୌଡ଼ ଆନ୍ଦୋଳନ ଯୋଗୁ ଛୁଟିରେ ଥିବାରୁ ଗ୍ରାମବାସୀ ୪ଘଣ୍ଟା ଅପେକ୍ଷା କରି ଫେରୁଥିବା କହିଥିଲେ। ପ୍ରବଳ ବର୍ଷାରେ ୧୨ କି.ମି.ଦୂର ପାଇଦାପୁଟରୁ ଆସି କିଛି କାମ ନ ହେବାରୁ ସେ ଏପରି ଆନ୍ଦୋଳନକୁ ନିନ୍ଦା କରିଛନ୍ତି। ଚାକିରିକୁ ଆସିବା ବେଳେ ଲୋକଙ୍କ ସେବା କରିବୁ ବୋଲି କହି ଆସି ଏପରି ଜନ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗ କରି ପଦଲାମ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବୋଲେରୋ ଅଟକାଇ ୧ଲକ୍ଷ ଟଙ୍କା ଲୁଟ୍, ଥାନାରେ ଅଭିଯୋଗ

ଜୟପୁର, ୩।୭(ପବନ ପାଣିଗ୍ରାହୀ)

ଜୟପୁର ବେଲରୋଡ ନିକଟରେ ଏକ ବୋଲେରୋକୁ ଅଟକାଇ ୩ଜଣ ଦୁର୍ବୃତ୍ତ ୧ଲକ୍ଷ ଟଙ୍କା ଲୁଟି ନେଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। କିନ୍ତୁ ପୁଲିସ ଏନେଇ କିଛି ଜାଣି ନ ଥିବା କହିଛି। ଗୁରୁବାର ମଧ୍ୟାହ୍ନରେ ଜୟପୁର ବ୍ଲକ ହାଡିଆ ଗ୍ରାମର କମଳ ଲୋଚନ ଭତ୍ରା ଓ ତାଙ୍କ ୫ଜଣ ସହଯୋଗୀ ଏକ ବୋଲେରୋରେ ଜୟପୁର ଗାନ୍ଧିଛକ ଷ୍ଟେଟ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସିଥିଲେ। ବ୍ୟାଙ୍କରୁ କମଳ ଲୋଚନ ୩ ଲକ୍ଷ ୯୦ ହଜାର ଟଙ୍କା ଉଠାଇଥିଲେ। ଟଙ୍କା ଗାଡିରେ ରଖି ସମସ୍ତେ ଗାନ୍ଧିଛକ ନିକଟସ୍ଥ ଏକ ହୋଟେଲକୁ ଖାଇବାକୁ ଗଲେ। ଖାଇସାରିବା ପରେ ବେଲରୋଡ ଦେଇ ରାଜନହର ଯିବା ସମୟରେ ବେଲରୋଡ ନିକଟରେ ଗୋଟିଏ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଠିଆ ହୋଇଥିଲେ। ଜଣେ ବୋଲେରୋ ସମ୍ମୁଖରେ ଠିଆହୋଇ ଗାଡି ଅଟକାଇଥିବା ବେଳେ ଅନ୍ୟ ଜଣେ ଭିତରେ ହାତ ପୁରାଇ ବ୍ୟାଗରୁ ଟଙ୍କା କାଢି ନେଇଯାଇଥିବା ବେଳେ ଅନ୍ୟଜଣେ ଗାଡିରେ ବସି ଥିଲେ। ଗାଡିରେ ଥିବା ବ୍ୟାଗରୁ ୫ଶହର ଦୁଇଟି ବଣ୍ଡେଲ ଅର୍ଥାତ ୧ ଲକ୍ଷ ଟଙ୍କା ଝାମ୍ପିନେଇ ୩ଜଣ ବାଇକ୍‌ରେ ଚାଲିଯାଇଥିଲେ। ଏନେଇ କମଳଲୋଚନ ଏବଂ ତାଙ୍କ ୫ ସହଯୋଗୀ ଟାଉନଥାନାରେ ଅଭିଯୋଗ କରିଛନ୍ତି। ପରେ ସନ୍ଧ୍ୟାରେ ଏନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ ଏ ବିଷୟରେ କିଛି ଜାଣିନାହିଁ ବୋଲି କହିଛନ୍ତି। ପୋଲିସର ଏହିପରି ଉତ୍ତର ଶୁଣିବା ଯୋଗୁ ସମସ୍ତଙ୍କର ଭରସା ତୁଟିଯାଉଛି। ସହରରେ ଅଘଟଣ ଘଟିଲେ ଯଦି ପୋଲିସ ନିଷ୍କ୍ରିୟ ପରି ବ୍ୟବହାର କରୁଛି । ସେହିପରି ସ୍ଥାନୀୟ ପାଣିନଳା ସାହିରେ ଜଣେ ଛାତ୍ର ଟିଉସନ ଯାଉଥିବା ସମୟର କେତେକ ଦୁର୍ବୃତ୍ତ ତାଙ୍କ ମୋବାଇଲ ଫୋନ ଟାଣି ନେଇଯାଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ସିସିଟିଭି ଦେଖି ତଦନ୍ତ କରୁଛି ।

### ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୩।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ନୀଳାଗୁଡ଼ା ଜଙ୍ଗଲରେ ଗୁରୁବାର ସକାଳ ୮ଟାରୁ ଅବକାରୀ ଚଢ଼ାଉ କରାଯାଇଛି। ଏହି ଚଢାଉ ଅପରାହ୍ନ ୨ଟାରେ ଶେଷ ହୋଇଛି। ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରିଛି। ଖବରପାଇ ମଦ ମାଫିଆମାନେ ଚମ୍ପଟ ମାରିଛନ୍ତି। ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୫ ଶହ ଲିଟର ପୋଚ ଓ ୪୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଜବତ କରାଯାଇଥିବା ଜୟପୁର ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ମାଉସୀ ମା' ମନ୍ଦିରରେ ଭକ୍ତଙ୍କୁ ରାମ ବଳରାମ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ ।

## ଲଗାଣ ବର୍ଷାରେ ତହସିଲ କାର୍ଯ୍ୟାଳୟ ପରିସର ଜଳମଗ୍ନ



ତହସିଲ କାର୍ଯ୍ୟାଳୟ ପରିସରରେ ଜଳ ଭର୍ତ୍ତି ହୋଇ ରହିଛି ।

ମାଲକାନଗିରି, ୩।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଦୀର୍ଘ ୫ ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବା ବେଳେ ସଦର ମହକୁମା ତହସିଲ କାର୍ଯ୍ୟାଳୟ ପରିସର ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ କାର୍ଯ୍ୟରେ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟାଳୟ ପରିସରରେ ସବ୍ ରେଜିଷ୍ଟ୍ରାର ଅଫିସ ମଧ୍ୟ ଥିବା ଯୋଗୁ ଜମି ସମ୍ବନ୍ଧୀୟ ରେଜିଷ୍ଟ୍ରି ଓ ଦଲିଲ ପ୍ରସ୍ତୁତ କରିବା ପାଇଁ ଆସୁଥିବା ଜନସାଧାରଣ ମଧ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏପରିକି ବିଭିନ୍ନ କୋଠର ଛାତରୁ ପାଣି ଗଳୁଥିବା ମଧ୍ୟ ଦେଖିବାକୁ ମିଳିଛି।

## ଡ୍ରେନ୍‌ରେ ପଡିଥିବା ଗାଈ ଉଦ୍ଧାର

କୋରୁକୋଣ୍ଡା,୩।୭(ଶିବଦତ୍ତ ସାହୁ )

ବାଲିମେଳା ସହରର ଏକ ଡ୍ରେନ୍‌ରେ ଖସି ଗୁରୁତର ଅବସ୍ଥାରେ ଥିବା ଏକ ଗୋରୁକୁ ଏନ୍ଏସି କର୍ତ୍ତୃପକ୍ଷ ଗୁରୁବାର ଉଦ୍ଧାର କରିଛନ୍ତି। ବୁଧବାର ସନ୍ଧ୍ୟାରେ ବାଲିମେଳା ସହରରେ ଲଗାଣ ବର୍ଷା ଜାରି ରହିଥିଲା। କେତେକ ଗୋରୁ ସହରର ମୁଖ୍ୟ ରାସ୍ତା ଆମ୍ବେଦକର ଛକରେ ଜମା ହୋଇ ରହିଥିଲେ। ସେମାନଙ୍କ ମଧ୍ୟରୁ ଗୋଟିଏ ଗାଈ କୌଣସି କାରଣରୁ ରାସ୍ତା ଉପରେ ପଡି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାକୁ ସେଠାରୁ ଉଦ୍ଧାର କରାଯାଇଥିଲା। ଗୁରୁବାର ସକାଳୁ ଉକ୍ତ ଗାଈଟି ମେଡିକାଲ ସମ୍ମୁଖ ତଥା ଦୈନିକ ବଜାରକୁ ଯିବା ମୁଖ୍ୟ ରାସ୍ତା ପାର୍ଶରେ ଥିବା ଏକ ବଡ଼ ଡ୍ରେନ୍‌ରେ ପ୍ରବାହିତ ହେଉଥିବା ପ୍ରବଳ ପାଣି ଭିତରେ ଗୁରୁତର ଅବସ୍ଥାରେ ପଡି ରହିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ନଗରପାଳ ପ୍ରଦୀପ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ କର୍ମଚାରୀ ସାଧୁ ଚରଣ ମାହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ରସି ଓ ପାଇପ୍ ସହାୟତାରେ ବହୁ ଚେଷ୍ଟା କରିବା ପରେ ଉକ୍ତ ଗାଈକୁ ଡ୍ରେନ୍‌ରୁ ଉଦ୍ଧାର କରାଯାଇଥିଲା। ଘଟଣା ସ୍ଥଳରେ ଉପସ୍ଥିତ ଥିବା ୯ ନମ୍ବର ୱାର୍ଡର କାଉନ୍‌ସିଲର କୃଷ୍ଣ ବାଘ, ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟକୁ ଫୋନ କରି ଜଣାଇବାପରେ ସଙ୍ଗେ ସଙ୍ଗେପ୍ରାଣୀ ଚିକିତ୍ସାଳୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଈଟିର ଚିକିତ୍ସା କରିଥିଲେ। ଏହି ଗାଈଟି କାହାର ତାହା ଏ ପର୍ଯ୍ୟନ୍ତ ଜଣା ପଡି ନାହିଁ।



ଗାଈକୁ ଏନ୍ଏସି କର୍ମଚାରୀ ଉଠାଉଛନ୍ତି।

## ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ, ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ମାଥିଲି,୩।୭(ସୁବାଷ ଚନ୍ଦ୍ର ଖୁଡୁପିଆ)

ବିଜେଡି ସମ୍ମିଳନୀ ଓ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମାଥିଲି ବ୍ଲକ୍ ସଭାପତି ସଦାଶିବ ପୂଜାରୀଙ୍କ ନେତୃତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ବିଜେଡି ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ନିର୍ବାଚନ ଅଧିକାରୀ ଘନଶ୍ୟାମ ମାଡକାମୀ, ସରପଞ୍ଚ ସଂଘ ଜିଲା ସଭାପତି ଶ୍ରୀନିବାସ ମୁଦୁଲି, ଅତିରିକ୍ତ ବ୍ଲକ ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ଅଗରିଆ,ଜିଲା ପରିଷଦ ଜୋନ୍-୩ ସଭ୍ୟା ସସ୍ମିତା ମାଝୀ, ପାଙ୍ଗାମ ସରପଞ୍ଚ ଇନ୍ଦ୍ର ନାୟକ, ମେଙ୍କା ସରପଞ୍ଚ ରଞ୍ଜିତା ପୂଜାରୀ, ଟେମୁରୁପାଲ୍ଲୀ ସରପଞ୍ଚ ତୁମ୍ବେଶ୍ୱର ସମରଥ,ଉଦୁଲିବେଡା ସରପଞ୍ଚ ଦେବାନନ୍ଦ ଖିଲ,ଆମ୍ବାଗୁଡା ସରପଞ୍ଚ ସୁକୁମଣି ଚାଲାଣ,କୁରୁଣିପାଲ୍ଲୀ ସରପଞ୍ଚ କମିଳି ନାୟକ,ଭଣ୍ଡାରୀ ପାଙ୍ଗାମ ସରପଞ୍ଚ ଭାରତୀ କାଲାଖୁରା ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ମାଥିଲି ବ୍ଲକ୍‌ର ନୂତନ ଭାବରେ ଚୟନ ହୋଇଥିବା ୨୦ ପଞ୍ଚାୟତ ସଭାପତିଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଗାମୀ ଦିନରେ ବିଜେଡି କିପରି ଆଗକୁ ବଢ଼ିବାରେ ସହଯୋଗ କରିପାରିବେ ସେ ନେଇ ଜିଲା ସଭାପତି ମାଡକାମୀ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ ମାଧବ ନାଲି ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚାୟତ ସଭାପତି ଶ୍ୟାମପ୍ରସାଦ ପଟ୍ଟନାୟକ ସହଯୋଗ କରିଥିଲେ।




କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ନେତୃବୃନ୍ଦ।


ଓଡ଼ିଶା ସରକାର

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

ଘୋଷଣା

File No. 1376/2025 Date: 14.05.2025

No. XXVII-6: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିରେ ନିମ୍ନ ସୂଚିତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜଯପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମେନ୍ତ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୩/୨୦୨୩ ତା୧୬।୦୬।୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ମାଥିଲି, ଥାନା: ମାଥିଲି, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରିର ଜଯପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଯଜପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ତଥା ତହସିଲଦାର, ମାଥିଲିଙ୍କ ତହସିଲ କାର୍ଯ୍ୟାଳୟ, ମାଥିଲି କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମାଲକାନଗିରି ତହସିଲ: ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାଥିଲି | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ଭୂମି ଅନୁସୂଚୀ

ମୌଜା: ମାଥିଲି, ଥାନା: ମାଥିଲି ନଂ. ୭୧, ତହସିଲ: ମାଥିଲି, ଜିଲ୍ଲା: ମାଲକାନଗିରି

ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨୪ | ୧୮୨୬ | ୨.୦୦୨ | ୦.୯୩୮୭ | ଧାନ ଦୁଇ | ନିମକୁ କପେ, ପି:ଗଙ୍ଗାଧର କପେ, ଜା:ଭୂମିଆ, ବା:ନିଜଗାଁ |
| ୬୫ | ୧୭୩୫ | ୦.୪୯୪ | ୦.୪୧୨୭ | ଡଙ୍ଗର ଏକ | ଘେନୁ ପ୍ରଧାନି, ପି:କାଲିଆ ମାଳନି, ମଙ୍ଗୁ ପ୍ରଧାନି, ଜା:ରଣା, ବା:ଧଉଡାଗୁଡା |
| | ୧୭୩୩ | ୦.୫୪୪ | ୦.୦୦୫୧ | ଡଙ୍ଗର ଏକ | |
| | ୧୭୨୨ | ୦.୫୫୧ | ୦.୦୧୧୮ | ଧାନ ଏକ | |
| | ୧୭୩୦ | ୩.୧୬୩ | ୦.୮୮୬୨ | ଧାନ ଦୁଇ | |
| ୮୯ | ୧୭୮୪ | ୦.୮୧୫ | ୦.୦୦୨୧ | ଧାନ ଦୁଇ | ଜଗବନ୍ଧୁ ନାୟକ, ପି:ମାନସିଂହ ନାୟକ, ଭଗବାନ ନାୟକ, ପି:ମଙ୍ଗଳା ନାୟକ, ହାତିରାମ ନାୟକ, ପି:ଭାଗିରଥୀ ନାୟକ, ନରସିଂହ ନାୟକ, ପି:ଅର୍ଜୁନି ନାୟକ, ଘାସିରାମ ନାୟକ, ପି:ଅର୍ଜୁନ ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୯୯ | ୧୮୩୫ | ୧.୯୯୭ | ୧.୯୯୬୬ | ଧାନ ଦୁଇ | ଡମ୍ବୁ ମାଝି, ହରି ମାଝି, ପି:ଜୟସିଂହ ମାଝି, ଜା:ଭୂମିଆ, ବା:ନିଜଗାଁ |
| | ୧୮୩୭ | ୦.୬୩୮ | ୦.୦୩୨୧ | ଡଙ୍ଗର ଏକ | |
| | ୧୮୩୬ | ୦.୨୩୫ | ୦.୦୦୨୪ | ଧାନ ଦୁଇ | |
| ୧୭୦ | ୧୮୦୦ | ୪.୦୦୩ | ୧.୭୨୦୫ | ଧାନ ଦୁଇ | ବଳରାମ ନାୟକ, ପି:ଘାସି ନାୟକ, ଜା:ଭୂମିଆ, ବା:ନିଜଗାଁ |
| ୧୯୬ | ୧୭୪୯ | ୦.୬୪୦ | ୦.୦୭୮୮ | ଧାନ ଏକ | ଭଗବାନ ପରଜା, ପି:ଗୁରୁ ପରଜା, ଲଛମି ପରଜା, ସ୍ୱା:ଗୁରୁ ପରଜା, ଜା:ପରଜା, ବା:ନିଜଗାଁ (ଧୋତବ ଗୁଡା) |
| | ୧୭୩୮ | ୩.୦୬୨ | ୨.୧୯୫୪ | ଧାନ ଏକ | |
| ୧୯୮ | ୧୭୬୨ | ୦.୧୨୧ | ୦.୧୨୧୧ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ, ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| | ୧୭୬୫ | ୧.୮୬୮ | ୧.୬୫୧୪ | ଧାନ ଦୁଇ | |
| | ୧୭୭୫ | ୨.୫୮୨ | ୦.୩୫୮୮ | ଧାନ ଦୁଇ | |
| ୨୦୪ | ୧୮୨୦ | ୨.୦୦୨ | ୦.୦୫୫୭ | ଧାନ ଦୁଇ | ଭାଜି କୋପେ, ସ୍ୱା:ବୁଦୁରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୨୨୬ | ୧୭୭୨ | ୪.୨୮୨ | ୦.୦୧୫୫ | ଧାନ ଦୁଇ | ରସୁଲ ଖାଁ, ପି:ଏନାୟା ତୁଲା ଖାଁ, କୁଲୁସୁମୁ ବିବି, ସ୍ୱା:ଏନାୟା ତୁଲା ଖାଁ, ହସୋନେ ଖାଁ, ପି:ମଜର ଖାଁ, ଜା:ମୁସଲମାନ,ବା:ନିଜଗାଁ |
| ୨୨୮ | ୧୭୮୯ | ୨.୦୭୬ | ୦.୦୨୪୦ | ଧାନ ଦୁଇ | କାନମ ରାଜୁ ନାଏକ, ପି:ରାମ ନାଏକ, ମତୋ ନାଏକ, ସ୍ୱା:ରାମ ନାଏକ, ତିଳକ ନାଏକ, ପି:ମକୁନ୍ଦ ନାଏକ, ଶଶୀ ନାଏକ, ସ୍ୱା:ମକୁନ୍ଦ ନାଏକ,ଜା:ଭୂମିଆ, ବା:ନିଜଗାଁ |
| ୨୯୦ | ୧୭୯୭ | ୧.୭୭୯ | ୦.୩୬୬୮ | ଧାନ ଦୁଇ | ହରି ଦରୋ, ପି:ବୁଦୁରା ଦରୋ, ଜା:ଭୂମିଆ, ବା:ବାରିଆ ବାହାଲା |
| ୨୯୧ | ୧୬୧୯ | ୧.୩୩୨ | ୦.୨୦୮୩ | ଧାନ ଦୁଇ | ହରି ପରଜା, ପି:ରଙ୍ଗିଆ ପରଜା, ଜା:ପରଜା, ବା:ଧଉଡାଗୁଡା |
| ୨୯୪ | ୧୮୨୭ | ୦.୧୫୧ | ୦.୧୧୦୭ | ଧାନ ଦୁଇ | ହରେକୃଷ୍ଣ ପରଜା, ପି:ଆକୁଳି ଚରଣ ପରଜା, ଜା:ଭୂମିଆଁ, ବା:ନିଜଗାଁ |
| | ୧୮୩୦ | ୦.୧୪୮ | ୦.୧୪୮୩ | ଡଙ୍ଗର ଏକ | |
| ୪୯୪/୧୬୦ | ୧୭୯୬/୨୧୧୨ | ୧.୦୦୧ | ୦.୨୨୨୩ | ଧାନ ଦୁଇ | ସାଦବେ ମାଝୀ, ଗୁରୁ ମାଝୀ, ପି:ସୋନୁ ମାଝୀ, ଜା:ରଣା, ବା:ନିଜଗାଁ |
| ୪୯୪/୩ | ୧୮୩୨ | ୩.୨୮୬ | ୦.୬୨୫୧ | ଧାନ ଦୁଇ | ମୁନୀ ପୂଜାରୀ, ପି:ଚନ୍ଦ୍ର ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୪୯୪/୪ | ୧୮୩୩ | ୧.୬୮୦ | ୦.୧୬୯୮ | ଧାନ ଦୁଇ | ବୁଦୁରା ପୂଜାରୀ, ପି:ଲକିନାଥ ପୂଜାରୀ, ଜା:ଭୂମିଆ, ବା:ମାଥିଲି |
| ୧୯୮ | ୧୭୭୪ | ୧.୪୮୨ | ୧.୦୬୫୩ | ଧାନ ଦୁଇ | ଭଗବାନ ଚାଲାଣ, ଲକ୍ଷ୍ମୀଧର ଚାଲାଣ, ପି:ମଙ୍ଗରାଜ ଚାଲାଣ, ଖଗପତି ଚାଲାଣ,ଉଦ୍ଧବ ଚାଲାଣ, ସମନ ଚାଲାଣ, ପି:ହାତିରାମ ଚାଲାଣ, ସନାଦୀ ଚାଲାଣ, ସ୍ୱା:ହାତିରାମ ଚାଲାଣ, ଜା:ଭୂମିଆ, ବା:ନିଜଗାଁ |
| ୪୯୪/୩୦୯ | ୧୮୩୫/୨୦୯୨ | ୦.୬୫୦ | ୦.୪୪ | ଧାନ ଦୁଇ | ହରି କୋପେ, ଭାଗୀରଥି କୋପେ, ପି:ବୁଦରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/୩୦୯ | ୧୮୩୭/୨୦୯୩ | ୦.୩୫୧ | ୦.୩୪୮୪ | ଡଙ୍ଗର ଏକ | ହରି କୋପେ, ଭାଗୀରଥୀ କପୋ, ପି:ବୁଦ୍ରା କୋପେ, ଜା:ଭୂମିଆ, ବା:ମୁଣ୍ଡାଗୁଡା |
| ୪୯୪/୫୪୮ | ୧୮୩୫/୨୩୮୭ | ୦.୧୩୭ | ୧.୦୩୨୮ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| ୪୯୪/୫୪୮ | ୧୮୩୬/୨୩୮୮ | ୦.୮୪ | ୦.୪୭୯୩ | ଧାନ ଦୁଇ | ବିଷ୍ଣୁ ନାୟକ, ପି:ଅଭିମନ୍ୟୁ ନାୟକ, ଜା:ଭୂମିଆ, ବା:ତଳସାହି, ମାଥିଲି |
| | ମୋଟ | ୪୩.୪୨୮ | ୧୫.୭୨୬ | | |

ତଫସିଲ-ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ-ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ– ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ମାଲକାନଗିରିଠାରେ ତା.୦୧.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./–ଜିଲ୍ଲାପାଳ,ମାଲକାନଗିରି

OIPR-24074/14/0017/2526

**ଦିଲ୍ଲୀ ଏମ୍ସ ଟ୍ରମା ସେଣ୍ଟର ନିକଟରେ ଅଗ୍ନିକାଣ୍ଡ**

ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ର ଟ୍ରମା ସେଣ୍ଟର ନିକଟରେ ଥିବା ଟ୍ରାନ୍ସଫର୍ମର ଗୁରୁବାର ଅପରାହ୍ନରେ ବିସ୍ଫୋରଣ ହେବାରୁ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ କେହି ମୃତାହତ ହୋଇ ନ ଥିବା ଦିଲ୍ଲୀ ଫାୟାର ସର୍ଭିସ ମୁଖ୍ୟ ଅତୁଲ ଗର୍ଗ କହିଛନ୍ତି। ନିଆଁଲିଭା କାର୍ଯ୍ୟରେ ୮ଟି ଦମକଳ ସାମିଲ ହୋଇଥିଲେ।



## ସଂକ୍ଷେପରେ

## ମାଲିରେ ୩ ଭାରତୀୟ ଅପହୃତ

### ତୁରନ୍ତ ମୁକ୍ତ କରିବାକୁ ଭାରତର ନିବେଦନ

ନୂଆଦିଲ୍ଲୀ,୩।୭

ମାଲିର କାୟେସ ସହରରେ ଥିବା ଡାଇମଣ୍ଡ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ୩ ଜଣ ଭାରତୀୟଙ୍କୁ ସଶସ୍ତ୍ର ଉଗ୍ରପନ୍ଥୀମାନେ ଅପହରଣ କରିନେଇଛନ୍ତି। ଗତ ମଙ୍ଗଳବାର ଘଟିଥିବା ଏହି ଘଟଣାରେ ଭାରତ ସରକାର ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସେମାନଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ମୁକ୍ତ କରିବା ଦିଗରେ ମାଲି ସରକାର ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିବେଦନ କରାଯାଇଛି। ପଶ୍ଚିମ ଏବଂ କେନ୍ଦ୍ରୀୟ ମାଲିରେ ସୈନ୍ୟବାହିନୀ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରି ସମନ୍ୱିତ ଆତଙ୍କବାଦୀ ଆକ୍ରମଣ ଜାରି ରହିଥିବାବେଳେ ଅଜଣା ସଶସ୍ତ୍ର ଆକ୍ରମଣକାରୀମାନେ କାରଖାନା ପରିସରରେ ଧସେଇ ପଶି କର୍ମଚାରୀମାନଙ୍କୁ ଅପହରଣ କରିନେଇଥିଲେ। ଭାରତ ସରକାର ଏହାର ନିନ୍ଦା କରିବା ସହ ରିପବ୍ଲିକ୍ ଅଫ୍ ମାଲି ସରକାର ସେମାନଙ୍କୁ ସୁରକ୍ଷିତ ମୁକ୍ତି ପାଇଁ ସମସ୍ତ ଜରୁରୀ ପଦକ୍ଷେପ ନେବା ଲାଗି ନିବେଦନ କରିଛନ୍ତି। ରାଜଧାନୀ ବମାକୋରେ ଥିବା ଭାରତୀୟ ଦୂତାବାସ ଅପହୃତମାନଙ୍କ ମୁକ୍ତି ପାଇଁ ମାଲି ସରକାର, ସ୍ଥାନୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଏବଂ ଡାଇମଣ୍ଡ କାରଖାନାର ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚଳାଇଛି।

## ମୋଦିଙ୍କୁ ଘାନାର ସର୍ବୋଚ୍ଚ ନାଗରିକ ସମ୍ମାନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘାନା ରାଷ୍ଟ୍ରପତି ଜନ୍ ମହାମା ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରୁଛନ୍ତି।

ଆକ୍ରା, ୩।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁରୁବାର ଘାନାର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅଫିସର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର୍ ଅଫ୍ ଘାନା'ରେ ସମ୍ମାନୀତ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୨୪ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ମିଳିଛି। ତାଙ୍କୁ ଘାନା ରାଷ୍ଟ୍ରପତି ଜନ୍ ମହାମା ଏହି ସମ୍ମାନ ପ୍ରଦାନ କରିଥିଲେ।ଏହି ଘାନାର ଜନସାଧାରଣଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହ ମୋଦି କହିଛନ୍ତି, ଏହି ସମ୍ମାନକୁ ସେ ଦେଶର ୧୪୦ କୋଟି ଜନସାଧାରଣଙ୍କୁ ସମର୍ପିତ କରୁଛନ୍ତି। ଗୁରୁବାର ଆକ୍ରାଠାରେ ଭାରତ ଏବଂ ଘାନା ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପର ସହ ୪ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛନ୍ତି।



## ୪୮ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗାଜାରେ ୬୦ ଦିନିଆ ଯୁଦ୍ଧବିରତି ପାଇଁ ଦେଇଥିବା ଆହ୍ୱାନକୁ ଇସ୍ରାଏଲ୍ ଅମାନ୍ୟ କରି ଆକ୍ରମଣ ଜାରି ରଖିଛି। ଇସ୍ରାଏଲୀ ସୈନ୍ୟଙ୍କ ଘନଘନ ମିଶାଇଲ ମାଡ଼ରେ ୪୮ ଘଣ୍ଟାରେ ୩୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଖାନ୍ ୟୁନିସ୍‌ରେ ଏକ ଛୋଟପିଲାକୁ ଧରି ମୃତକଙ୍କ ସମ୍ପର୍କୀୟମାନେ କାନ୍ଦୁଛନ୍ତି।

## ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ଏମ୍‌ପିଙ୍କ ସ୍ୱାକ୍ଷର ସଂଗ୍ରହ ହେବ

ନୂଆଦିଲ୍ଲୀ,୩।୭(ପି.ଟି.)



ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ବହିଷ୍କାର ପ୍ରସ୍ତାବକୁ ସମର୍ଥନ କରିବା ଲାଗି ପ୍ରମୁଖ ବିରୋଧୀ ଦଳଗୁଡ଼ିକ ନୀତିଗତ ଭାବେ ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ସାଂସଦମାନଙ୍କ ଦସ୍ତଖତ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସାଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗୁରୁବାର କହିଛନ୍ତି। ତେବେ ଏହି ପ୍ରସ୍ତାବ ଲୋକ ସଭାରେ ଆସିବ କି ରାଜ୍ୟ ସଭାରେ ତାହା ଏପର୍ଯ୍ୟନ୍ତ ସରକାର ସ୍ଥିର କରିନାହାନ୍ତି। ଲୋକ ସଭାରେ ପ୍ରସ୍ତାବ ଆଗତ କରିବା ନିମନ୍ତେ ଅନ୍ୟୂନ ୧୦୦ ଏମ୍‌ପିଙ୍କ ସ୍ୱାକ୍ଷର ଆବଶ୍ୟକ ଥିବାବେଳେ ରାଜ୍ୟ ସଭା ପାଇଁ ଅନ୍ୟୂନ ୫୦ ଏମ୍‌ପିଙ୍କ ସମର୍ଥନ ଜରୁରୀ। ପ୍ରସ୍ତାବ କେଉଁ ସଦନରେ ଅଣାଯିବ, ତାହା ନିଷ୍ପତ୍ତି ହେବା ପରେ ଦସ୍ତଖତ ସଂଗ୍ରହ ଆରମ୍ଭ ହେବ।

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବ। ବିଚାରପତି ତଦନ୍ତ ଆଇନ, ୧୯୬୮ ଅନୁଯାୟୀ, ବିଚାରପତିଙ୍କୁ ବହିଷ୍କାର କରିବା ପ୍ରସ୍ତାବ ଯେକୌଣସି ସଦନରେ ଆଗତ ହେବା ପରେ ବାଚସ୍ପତି କିମ୍ବା ଅଧ୍ୟକ୍ଷ ଏହାର ତଦନ୍ତ ପାଇଁ ଏକ ୩ ଜଣିଆ କମିଟି ଗଠନ କରିବେ। କମିଟିରେ ଭାରତ ପ୍ରଧାନ ବିଚାରପତି (ସିଜେଆଇ) କିମ୍ବା ସୁପ୍ରିମକୋର୍ଟର ଜଣେ ବିଚାରପତି, ଯେକୌଣସି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଣେ ଖ୍ୟାତନାମା ନ୍ୟାୟବିତ୍ ରହିବେ। ଏହି ମାମଲା ସହ ନ୍ୟାୟପାଳିକାରେ ଦୁର୍ନୀତି ପ୍ରସଙ୍ଗ ସମ୍ପୃକ୍ତ ଥିବାରୁ ସରକାର ସବୁ ରାଜନୈତିକ ଦଳଙ୍କ ସହମତି ଚାହୁଁଛନ୍ତି। ଜଷ୍ଟିସ୍ ବର୍ମାଙ୍କ ବାସଭବନରୁ ବିପୁଳ ଟଙ୍କା ଜବତ ହୋଇଥିବା ଅଭିଯୋଗକୁ ପୂର୍ବରୁ ୩ ଜଣିଆ ବିଚାରପତି କମିଟି ପ୍ରମାଣିତ କରିଥିବାବେଳେ ତାଙ୍କ ବହିଷ୍କାର ସମ୍ପର୍କରେ ପାର୍ଲାମେଣ୍ଟ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସୁପାରିସ କରିଥିଲା। ସୂଚନାଯୋଗ୍ୟ, ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ତାଙ୍କ ସରକାରୀ ବାସଭବନ ପରିସରରେ ଥିବା ଷ୍ଟୋର୍ ରୁମ୍‌ରେ ଅଗ୍ନିକାଣ୍ଡ ଘଟି ଅନେକ ଟଙ୍କା ବଣ୍ଡଲ ପୋଡ଼ିଯାଇଥିବା ଅବସ୍ଥାରେ ମିଳିଥିଲା।

## ପିଉସାଙ୍କୁ ବାହାହେବା ପାଇଁ ସ୍ୱାମୀଙ୍କୁ ହତ୍ୟା

### ବିବାହର ୪୫ ଦିନ ପରେ ସ୍ତ୍ରୀଙ୍କ ବର୍ବରତା

ପାଟନା,୩।୭



ପ୍ରିୟାଂଶୁ



ଗୁଞ୍ଜା ଦେବୀ



ଜୀବନ ସିଂ

ବିହାରର ଔରଙ୍ଗାବାଦ ଜିଲାରେ ଜଣେ ମହିଳା ବିବାହର ୪୫ ଦିନ ପରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମେଘାଳୟ ହନିମୁନ୍ ହତ୍ୟାକାଣ୍ଡ ପରେ ବିହାରର ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁଞ୍ଜା ଦେବୀ ନାମ୍ନୀ ନବବିବାହିତା ତାଙ୍କ ସ୍ୱାମୀ ପ୍ରିୟାଂଶୁ(୨୫)ଙ୍କୁ ହତ୍ୟା କରିବା ପାଇଁ ନିଜ ପିଉସା ତଥା ପ୍ରେମିକ ଜୀବନ ସିଂ (୫୫)ଙ୍କ ସହ ଷଡ଼ଯନ୍ତ୍ର ରଚିଥିଲେ। ପ୍ରିୟାଂଶୁଙ୍କୁ ହତ୍ୟା କରିବା ପାଇଁ ଜୀବନ ସୁପାରି କିଲର ବ୍ୟବସ୍ଥା କରିଥିଲେ। ଜୀବନ ଫେରାର ଥିବାବେଳେ ପୋଲିସ ୨ ସୁପାରି କିଲରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିଛି।

ଜୀବନଙ୍କ ସହ ଗୁଞ୍ଜା ରିଲେଶନ୍‌ରେ ଥିଲେ ଓ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ। କିନ୍ତୁ ଗୁଞ୍ଜାଙ୍କ ପରିବାର ଏଥିରେ ରାଜି ନ ହୋଇ ତାଙ୍କୁ ଜବରଦସ୍ତି ନବିନଗର ଥାନା ଅନ୍ତର୍ଗତ ବରୱାନ ଗ୍ରାମର ପ୍ରିୟାଂଶୁଙ୍କ ସହ ବିବାହ କରାଇଥିଲେ। ପୋଲିସ କହିବା ଅନୁଯାୟୀ, ଭଉଣୀ ଘରକୁ ଯାଇଥିବା ପ୍ରିୟାଂଶୁ ଗତ ୨୫ ତାରିଖରେ ଘରକୁ ଫେରିଥିଲେ। ସେ ନବିନଗର ଷ୍ଟେଶନରେ ଓହ୍ଲାଇବା ପରେ ତାଙ୍କୁ ନେବା ପାଇଁ କାହାକୁ ବାଇକ୍ ସହ ପଠାଇବାକୁ ସ୍ତ୍ରୀଙ୍କୁ ଫୋନ୍ କରି କହିଥିଲେ। ଷ୍ଟେଶନରୁ ଘରକୁ ଫେରୁଥିବାବେଳେ ତାଙ୍କୁ ୨ ଜଣ ଗୁଳି କରିଥିଲେ। ପୋଲିସ ହତ୍ୟା ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବାବେଳେ ଗୁଞ୍ଜା ଗାଁରୁ ଖସି ପଳାଇବାକୁ ଉଦ୍ୟମ କରିବାକୁ ନେଇ ପ୍ରିୟାଂଶୁଙ୍କ ପରିବାର ସନ୍ଦେହ କରିଥିଲେ। ତାଙ୍କ କଲ୍ ରେକର୍ଡ ଯାଞ୍ଚ କରାଯିବାରୁ ସେ ପିଉସା ଜୀବନଙ୍କ ସହ କ୍ରମାଗତ ସମ୍ପର୍କରେ ଥିବା ଜଣାପଡ଼ିଥିଲା। ଜୀବନଙ୍କ କଲ୍ ରେକର୍ଡ ଯାଞ୍ଚରୁ ସେ ସୁପାରି କିଲରଙ୍କ ସହ ଯୋଗାଯୋଗ କରିଥିବା ଘଟଣା ପଦାକୁ ଆସିଥିଲା। ପୋଲିସ ଗୁଞ୍ଜା ଓ ୨ ଶୁଟରଙ୍କୁ ଗିରଫ କରିଥିବାବେଳେ ଜୀବନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ସୂଚନାଯୋଗ୍ୟ, ଗତ ମେ'ରେ ମେଘାଳୟକୁ ହନିମୁନ୍‌ରେ ଯାଇଥିବା ରାଜା ରଘୁବଂଶୀଙ୍କୁ ତାଙ୍କ ସ୍ତ୍ରୀ ସୋନମ୍ ଓ ପ୍ରେମିକ ରାଜ କୁଶ୍‌ୱା ସୁପାରି କିଲର ଲଗାଇ ହତ୍ୟା କରିଥିଲେ। ଏହି ମାମଲାରେ ସମସ୍ତ ଅଭିଯୁକ୍ତ ଗିରଫ ହୋଇଛନ୍ତି।

## ମାଆ, ପୁଅଙ୍କୁ ହତ୍ୟାକଲେ ଘରୋଇ ସହାୟକ

### ଦିଲ୍ଲୀରେ ଡବଲ ମର୍ଡର

ନୂଆଦିଲ୍ଲୀ,୩।୭

ଦିଲ୍ଲୀର ଲଜପତ ନଗର ଅଞ୍ଚଳରେ ଡବଲ ମର୍ଡର ଘଟିଛି। ମାଲିକାଣୀ ଗାଳି ଦେବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ଘରୋଇ ସହାୟକ ମୁକେଶ ତାଙ୍କୁ ଓ ତାଙ୍କ ନାବାଳକ ପୁଅଙ୍କୁ ହତ୍ୟା କରିଛନ୍ତି। ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ମୁକେଶ(୨୪) ଟ୍ରେନ୍ ଯୋଗେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ରେଲୱେ ପୋଲିସ ତାଙ୍କୁ ଧରିଛି। ଲଜପତ ନଗର-୧ରେ ରହୁଥିବା କୁଲ୍‌ଦୀପ ସେୱାନୀ ବୁଧବାର ସକାଳେ ଘରକୁ ଫୋନ୍ କରିଥିଲେ ମଧ୍ୟ ସ୍ତ୍ରୀ ରୁଚିକା(୪୨) ଓ ପୁଅ ଫୋନ୍ ଉଠାଇ ନ ଥିଲେ। ଘରେ ପହଞ୍ଚି କୁଲଦୀପ ଶିଡ଼ି ପାହାଚରେ ରକ୍ତ ପଡ଼ିଥିବା ଦେଖି ପୋଲିସକୁ ଖବର କରିଥିଲେ। ପୋଲିସ କବାଟ ଭାଙ୍ଗି ଘରେ ପଶିବା ପରେ ମହିଳା ଓ ତାଙ୍କ ପୁଅଙ୍କ ମୃତଦେହ ଦେଖିବାକୁ ପାଇଥିଲା। ରୁଚିକାଙ୍କ ବେକ କଟାଯାଇଥିବାବେଳେ ମୃତଦେହ ବେଡ୍‌ରୁମ୍‌ରେ ପଡ଼ିଥିଲା। ତାଙ୍କ ପୁଅଙ୍କ ମୃତଦେହ ବାଥ୍‌ରୁମ୍‌ରୁ ମିଳିଥିଲା। ସେମାନଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବା ପୋଲିସ କହିଛି। ମୁକେଶ କୁଲଦୀପ୍‌ଙ୍କ ଘରେ ୩/୪ ବର୍ଷ ହେଲା କାମ କରୁଥିଲେ। ସେ ଘରକାମ କରିବା ସହ ସେମାନଙ୍କ ପୋଷାକ ଦୋକାନରେ ମଧ୍ୟ ସହାୟତା କରୁଥିଲେ ଓ ଡ୍ରାଇଭର ଭାବେ ମଧ୍ୟ କାମ କରୁଥିଲେ। ମଙ୍ଗଳବାର ରୁଚିକା ତାଙ୍କୁ ଗାଳିଦେବାରୁ ସେ ପ୍ରତିଶୋଧ ପରାୟଣ ହୋଇ ହତ୍ୟାକାଣ୍ଡ ଘଟାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।

## ବେପରୁଆ ଗାଡ଼ିଚାଳନା: ଚାଳକଙ୍କ ମୃତ୍ୟୁରେ ପରିବାରକୁ ମିଳିବନି କ୍ଷତିପୂରଣ

### କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ କାଏମ

ନୂଆଦିଲ୍ଲୀ,୩।୭ (ପି.ଟି.)

ନିଜର ବେପରୁଆ ଗାଡ଼ିଚାଳନା ପାଇଁ ଜଣକର ମୃତ୍ୟୁ ଘଟିଲେ, ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ବୀମା କମ୍ପାନୀ ଉତ୍ତରଦାୟୀ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଦ୍ରୁତବେଗରେ କାର୍ ଚଳାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ସ୍ତ୍ରୀ, ପୁଅ ଓ ମା'ବାପା ୮୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଜଷ୍ଟିସ୍ ନରସିଂହା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ସେମାନଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ଗତବର୍ଷ ନଭେମ୍ବର ୨୩ରେ ସେମାନଙ୍କ ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଥିବାବେଳେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟ ରାୟ ଦେଇସାରିଥିବାରୁ ସ୍ୱତନ୍ତ୍ର ଲିଭ୍ ପିଟିଶନ ଖାରଜ ହେଲା ବୋଲି ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ଜୁନ୍ ୧୮ରେ ଏସ୍. ରବିଶ୍ ଟ୍ରାଫିକ୍ ନିୟମ ନ ମାନି ବେପରୁଆ ଗାଡ଼ିଚାଳନା କରୁଥିବାରୁ କର୍ଣ୍ଣାଟକର ଅରସିକେରେ ସହରକୁ ଯାଉଥିବାବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଟ୍ରମ୍ପ୍‌ଙ୍କ ସ୍ତ୍ରୀଙ୍କୁ ବିଦା ପାଇଁ ପିଟିଶନ ସ୍ୱାକ୍ଷର ଅଭିଯାନ

### ଆମେରିକାରେ ଜନ୍ମ ହୋଇ ନ ଥିଲେ ଫାର୍ଷ୍ଟ ଲେଡି ମେଲାନିଆ

ୱାଶିଂଟନ୍, ୩।୭



ମେଲାନିଆ ଟ୍ରମ୍ପ୍

ଆମେରିକାରୁ ଆପ୍ରବାସୀଙ୍କୁ ହଟାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନେତୃତ୍ୱାଧୀନ ପ୍ରଶାସନର ତ୍ୱରିତ ପଦକ୍ଷେପ ମଧ୍ୟରେ ଏକ ପିଟିଶନ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଫାର୍ଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍, ତାଙ୍କ ମା'ବାପା ଏବଂ ପୁଅ ବାରୋନ ଟ୍ରମ୍ପ୍‌ଙ୍କୁ ଆମେରିକାରୁ ନିର୍ବାସନ କରିବା ପାଇଁ ଦାବି ହୋଇଛି। ଆପ୍ରବାସନକୁ ନେଇ ଟ୍ରମ୍ପ୍ ଯେଉଁ ନୀତି ଗ୍ରହଣ କରିଛନ୍ତି, ସେଥିରୁ ନିଜ ପରିବାରକୁ ବାଦ୍‌ଦେବା ଉଚିତ ନୁହେଁ ବୋଲି ଆମେରିକାର ଏକ ପ୍ରଗତିଶୀଳ ଆଇନଜୀବୀ ଗୋଷ୍ଠୀ 'ମୁଭ୍ ଅନ୍' ପକ୍ଷରୁ ଏହି ପିଟିଶନରେ କୁହାଯାଇଛି। ଅନ୍‌ଲାଇନରେ ଏବେ ଏହି ପିଟିଶନ ଲୋକପ୍ରିୟତା ହାସଲ କରୁଛି।

ଯେହେତୁ ଟ୍ରମ୍ପ୍ ଆପ୍ରବାସୀ ଏବଂ ଆମେରିକାରେ ଜନ୍ମ ହୋଇ ନ ଥିବା ନାଗରିକଙ୍କୁ ନିର୍ବାସିତ କରିବାକୁ ଚାହୁଁଛନ୍ତି, ତେଣୁ ତାଙ୍କୁ ପ୍ରଥମେ ନିଜ ସ୍ତ୍ରୀ ମେଲାନିଆ ଏବଂ ତାଙ୍କ ପରିବାରକୁ ନିର୍ବାସନ କରିବା ଉଚିତ। ଜାତୀୟ ସୁରକ୍ଷାକୁ ଆଳ କରି ଆପ୍ରବାସୀମାନଙ୍କୁ ଦେଶରୁ ତଡ଼ିବା ପାଇଁ ଟ୍ରମ୍ପ୍ କରିଥିବା ଯୋଜନା ପକ୍ଷପାତପୂର୍ଣ୍ଣ। ଟ୍ରମ୍ପ୍‌ଙ୍କ ନିର୍ବାସନ ଏଜେଣ୍ଡାର ଏହା ଦ୍ୱୈତ ମାନଦଣ୍ଡ ବୋଲି ପିଟିଶନରେ କୁହାଯାଇଛି।

ପିଟିଶନରେ ମେଲାନିଆଙ୍କ ଇବି-୧ ଭିଜା ବ୍ୟବହାରକୁ ନେଇ ସମାଲୋଚନା କରାଯାଇଛି। ସାଧାରଣତଃ ବିଜ୍ଞାନ, କଳା, ବ୍ୟବସାୟ ଭଳି କ୍ଷେତ୍ରରେ ଅସାଧାରଣ କ୍ଷମତା ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ସଂରକ୍ଷିତ ରହିଥାଏ। ସେ ଏହି ଭିଜାର ଫାଇଦା ଉଠାଉଛନ୍ତି। ମେଲାନିଆ ୧୯୭୦ ଏପ୍ରିଲ ୨୬ରେ ୟୁଗୋସ୍ଲାଭିଆରେ ଜନ୍ମ ହୋଇଥିଲେ। ଏବେ ଏହା ସ୍ଲୋଭେନିଆ ନାମରେ ପରିଚିତ। ୨୦୦୬ରେ ସେ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିଲେ। ମେଲାନିଆ ହେଉଛନ୍ତି ଆମେରିକାର ଦ୍ୱିତୀୟ ଫାର୍ଷ୍ଟ ଲେଡି, ଯିଏ ଅନ୍ୟ ଦେଶରେ ଜନ୍ମଗ୍ରହଣ କରିଛନ୍ତି। ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁଯାୟୀ, ୨୦୧୮ରେ ମେଲାନିଆଙ୍କ ନିର୍ଦ୍ଦେଶରେ ତାଙ୍କ ମା'ବାପାଙ୍କୁ ଆମେରିକାରେ ଗ୍ରୀନ୍ କାର୍ଡ ଏବଂ ନାଗରିକତ୍ୱ ମିଳିଥିଲା।

'ମୁଭ୍ ଅନ୍'ର ଏହି ପିଟିଶନ ୫ ମାସ ତଳର ହୋଇଥିବା ବେଳେ ସମ୍ପ୍ରତି ଏହା ଲୋକପ୍ରିୟ ହେବାରେ ଲାଗିଛି। କିଛିଦିନ ପୂର୍ବରୁ ଏହି ପିଟିଶନରେ ମାତ୍ର ୧୦୦ ଜଣ ସ୍ୱାକ୍ଷର କରିଥିବା ବେଳେ ଏବେ ୬ ହଜାରରୁ ଅଧିକ ଲୋକ ଏଥିରେ ସ୍ୱାକ୍ଷର କରିସାରିଲେଣି।

## ଛୁରିରେ ତିଆରି ୨୭ ଫୁଟର ମୂର୍ତ୍ତି

### ଅପରାଧ ଓ ହିଂସା ବିରୋଧୀ ପ୍ରତୀକ ଭାବେ ଲୋକଙ୍କ ପସନ୍ଦ ପାଲଟିଛି

ଲଣ୍ଡନ



ପ୍ରତ୍ୟେକ ମୂର୍ତ୍ତିର ଏକ କାହାଣୀ ରହିଥାଏ। ମୂର୍ତ୍ତିକାରମାନେ ସେମାନଙ୍କର କଠିନ ପରିଶ୍ରମ ଦ୍ୱାରା ମୂର୍ତ୍ତିଗୁଡ଼ିକୁ ଏକ ଆକାର ଦେଇଥାନ୍ତି। ଅନେକ ମୂର୍ତ୍ତି କିଛି ବିଶେଷ ଘଟଣାର ସାକ୍ଷୀ ହୋଇଥାଏ। ସେହିପରି କେତେକ ମୂର୍ତ୍ତି ଅନନ୍ୟ ଉପାୟରେ ତିଆରି ହୋଇ ପ୍ରସିଦ୍ଧି ମଧ୍ୟ ପାଇଥାଏ।

ଇଂଲଣ୍ଡର ଓସ୍‌ୱେଷ୍ଟ୍ରିରେ ଥିବା ବ୍ରିଟିଶ୍ ଆଇରନ୍‌ୱାର୍କସ୍ ସେଣ୍ଟରରେ ଏକ ୨୭ ଫୁଟ ଉଚ୍ଚତାର ନିଆରା ମୂର୍ତ୍ତି ରହିଛି, ଯାହାକୁ କେବଳ ଛୁରିରେ ତିଆରି କରାଯାଇଛି। ଏହି ମୂର୍ତ୍ତିରେ ବ୍ୟବହୃତ ହୋଇଥିବା ପ୍ରତ୍ୟେକଟି ଛୁରି କୌଣସି ନା କୌଣସି ଅପରାଧରେ ବ୍ୟବହୃତ ହୋଇଛି ଏବଂ ପ୍ରତ୍ୟେକ ଛୁରିର କିଛି ନା କିଛି ଦୁଃଖଦ କାହାଣୀ ରହିଛି। ଏହି ନିଆରା ମୂର୍ତ୍ତିକୁ ଆଲ୍‌ଫି ବ୍ରାଡ୍‌ଲି ନାମକ ଜଣେ ବ୍ରିଟିଶ ମୂର୍ତ୍ତିକାର ତିଆରି କରିଛନ୍ତି। ନାଇଫ୍ ଆଞ୍ଜେଲ ଭାବରେ ଜଣାଶୁଣା ଏହି ମୂର୍ତ୍ତି ହିଂସା ଏବଂ ଆକ୍ରମଣ ବିରୋଧୀ ଜାତୀୟ ସ୍ମାରକୀ ଭାବେ ଲୋକପ୍ରିୟତା ହାସଲ କରିଛି। ଅପରାଧ ଏବଂ ହିଂସା ବିରୋଧରେ ଏକ ଶକ୍ତିଶାଳୀ ପ୍ରତୀକ ଭାବେ ନାଇଫ୍ ଆଞ୍ଜେଲକୁ ତିଆରି କରାଯାଇଥିଲା। ଏହାକୁ ତିଆରି କରିବା ପାଇଁ ମୋଟ ଏକ ଲକ୍ଷ ଛୁରି ଏବଂ ବ୍ଲେଡ୍‌ର ବ୍ୟବହାର ହୋଇଥିଲା। ଛୁରି ଦ୍ୱାରା ହୋଇଥିବା ବିଭିନ୍ନ ଅପରାଧର ପୀଡିତଙ୍କ ପ୍ରତି ଅତ୍ୟାଚାର ଏବଂ ଦୁଃଖକୁ ଏହି ମୂର୍ତ୍ତି ମନେ ପକାଇଥାଏ। ନାଇଫ୍ ଆଞ୍ଜେଲରେ ବ୍ୟବହୃତ ଛୁରିଗୁଡ଼ିକୁ ସଂଗ୍ରହ କରିବାକୁ ମୂର୍ତ୍ତିକାର ବ୍ରାଡ୍‌ଲିଙ୍କୁ ପ୍ରାୟ ୧୦ ବର୍ଷ ସମୟ ଲାଗିଥିଲା। ୨୦୧୮ ମସିହାରେ ସେ ଏହି ମୂର୍ତ୍ତିର ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ ଏବଂ ଏହା ନାଇଫ୍ ଆଞ୍ଜେଲ ଭାବେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହୋଇଥିଲା।

ବ୍ରାଡ୍‌ଲି କହିଛନ୍ତି, ବ୍ରିଟେନରେ ଛୁରିର ବ୍ୟବହାରରେ ହେଉଥିବା ବିଭିନ୍ନ ଅପରାଧ ବିଷୟରେ ସଚେତନତାର ପ୍ରସାର କରିବା ପାଇଁ ସେ ଏହି ମୂର୍ତ୍ତିକୁ ତିଆରି କରିଥିଲେ। ହିଂସାତ୍ମକ ଆଚରଣ ପୀଡ଼ିତ ବ୍ୟକ୍ତି ଏବଂ ତାଙ୍କ ପରିବାରଗୁଡ଼ିକୁ କେତେ ମାତ୍ରାରେ ପ୍ରଭାବିତ କରିପାରେ, ତାହା ଯୁବପିଢ଼ିଙ୍କୁ ଅନୁଭବ କରାଇବା ତାଙ୍କର ଉଦ୍ଦେଶ୍ୟ ଥିଲା। ଏଥିପାଇଁ ତାଙ୍କୁ ପ୍ରାୟ ୫ କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା।

## ଫୁରସତ୍

## କ୍ରିତି, ଧନୁଷ୍‌ଙ୍କ ଲଭ୍ କେମେଷ୍ଟ୍ରି

### 'ତେରେ ଇସ୍କ ମେଁ' ଶୁଟିଂ ଶେଷ

ମୁମ୍ବାଇ



କ୍ରିତି ସାନୋନ୍

ଆନନ୍ଦ ଏଲ୍ ରାୟଙ୍କ ନିର୍ଦ୍ଦେଶିତ 'ତେରେ ଇସ୍କ ମେଁ' ଫିଲ୍ମ ଆସନ୍ତା ନଭେମ୍ବର ୨୮ରେ ରିଲିଜ୍ ହେବ। ଫିଲ୍ମରେ ଅଭିନେତା ଧନୁଷ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ କ୍ରିତି ସାନୋନ୍ ନଜରକୁ ଆସିବେ। ଏହି ଫିଲ୍ମରେ ଉଭୟ ଧନୁଷ୍ ଏବଂ କ୍ରିତିଙ୍କ ମଧ୍ୟରେ ଲଭ୍ କେମେଷ୍ଟ୍ରି ଦେଖିବା ପାଇଁ ଦର୍ଶକ ଉତ୍ସାହର ସହ ଅନାଇ ବସିଛନ୍ତି। 'ତେରେ ଇସ୍କ ମେଁ' ଫିଲ୍ମର ଶୁଟିଂ ଶେଷ ହୋଇଥିବା ନେଇ କ୍ରିତି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଉକ୍ତ ପୋଷ୍ଟରେ ସେ ବିଭିନ୍ନ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ଶୁଟିଂ ଶେଷ ହେବା ଖୁସିରେ ଧନୁଷ, କ୍ରିତି ଏବଂ ନିର୍ଦ୍ଦେଶକ ଆନନ୍ଦ ଏଲ୍ ରାୟଙ୍କ ସମେତ ଫିଲ୍ମର ପୂରା କ୍ରୁ ଟିମ୍ କେକ୍ କାଟି ଉତ୍ସବ ପାଳୁଥିବାର ନଜରକୁ ଆସିଛନ୍ତି। କ୍ୟାପ୍‌ଶନ୍‌ରେ କ୍ରିତି ଲେଖିଛନ୍ତି, ଆନନ୍ଦଙ୍କ ନିର୍ଦ୍ଦେଶନାରେ ଫିଲ୍ମ ଶୁଟିଂ ବେଳର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ଉପଭୋଗ କରିଛନ୍ତି। ସେହିପରି ଇଣ୍ଡଷ୍ଟ୍ରିରେ ପ୍ରତିଭାଶାଳୀ ଏବଂ ବୁଦ୍ଧିମାନ ଅଭିନେତାଙ୍କ ମଧ୍ୟରୁ ଧନୁଷ୍ ଅନ୍ୟତମ। ଆଗକୁ ମଧ୍ୟ ସେ ଧନୁଷ୍‌ଙ୍କ ସହ ଅନେକ ପ୍ରୋଜେକ୍ଟରେ କାମ କରିବେ ବୋଲି କ୍ରିତି ଆଶାବ୍ୟକ୍ତ କରିଛନ୍ତି।

# ବାର୍ଷିକ ୧ କୋଟି ଫ୍ଲାଏ ଆଶ୍ ଇଟା ଉତ୍ପାଦନ ଆକଳନ

## ଶୁଭଲକ୍ଷ୍ମୀ ସମବାୟ ସହ ବେଦାନ୍ତର ବୁଝାମଣା



ଭୁବନେଶ୍ୱର,୩।୭

ବର୍ତ୍ତମାନ ସମୟରେ ଫ୍ଲାଏ ଆଶ୍ ଇଟାର ଚାହିଦା ସବୁ କ୍ଷେତ୍ରରେ ରହିଛି। ଏପରିକି ଏକ ଅନନ୍ୟ ମହିଳା ନେତୃତ୍ୱାଧୀନ ଫ୍ଲାଏ ଆଶ୍ ଇଟା ଉତ୍ପାଦନ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରିବାରେ ବେଦାନ୍ତ ଆଲୁମିନିୟମ ଆବଶ୍ୟକ ସାହାଯ୍ୟ କରିଛି। ଏହା ବାର୍ଷିକ ପ୍ରାୟ ୧ କୋଟି ଇଟା ଉତ୍ପାଦନ କରିବ ବୋଲି ଆକଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଝାରସୁଗୁଡ଼ାଠାରେ ଏହି ସୁବିଧା କେନ୍ଦ୍ର ସ୍ଥାପନ ପାଇଁ ଭାରତର ସର୍ବବୃହତ୍ ଗ୍ରାମୀଣ ମହିଳା ସମବାୟ ମଧ୍ୟରୁ ଗୋଟିଏ ଶୁଭଲକ୍ଷ୍ମୀ ସମବାୟ ସହ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛି। ବିଶେଷକରି ବେଦାନ୍ତର ମେଗା ଆଲୁମିନିୟମ ପ୍ଲାଣ୍ଟରୁ ସମବାୟକୁ ମାଗଣାରେ ଫ୍ଲାଏ ଆଶ୍ ପ୍ରଦାନ କରାଯିବ। ଫଳରେ ଅନନ୍ୟ ଭାବେ ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ସହ ବୃତ୍ତାକାର ଅର୍ଥନୀତି ମାର୍ଗର ବିକାଶକୁ ଦୃଢ଼ କରିଛି। ଅପରପକ୍ଷରେ ଦୈନିକ ୨୫,୦୦୦ ରୁ ଅଧିକ ଇଟା ଉତ୍ପାଦନ କରିବାର କ୍ଷମତା ସହିତ ଏହି ସୁବିଧା ସମ୍ପୂର୍ଣ୍ଣ ଭାବେ ଶୁଭଲକ୍ଷ୍ମୀ ସମବାୟର ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହେବ। ବେଦାନ୍ତ ଆଲୁମିନିୟମ ଇଟା ଉତ୍ପାଦନ ୟୁନିଟ୍ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରିବାରେ ସହାୟତା ପ୍ରଦାନ କରିବ। ଏହା ଅପରେଟରମାନଙ୍କୁ ତାଲିମ ଦେବା ଏବଂ ନମୁନା ଇଟାର ତୃତୀୟ ପକ୍ଷ ଗୁଣବତ୍ତା ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରିବ, ଯାହାଦ୍ୱାରା ସମ୍ପ୍ରଦାୟ ମଧ୍ୟରେ ବୈଷୟିକ ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି ପାଇବ। ଉଲ୍ଲେଖଯୋଗ୍ୟ, ଫ୍ଲାଏ ଆଶ୍ ହେଉଛି, ତାପଜ ବିଦ୍ୟୁତ୍ ଉତ୍ପାଦନ। ପ୍ରକ୍ରିୟାର ଏକ ଉପ ଉତ୍ପାଦ ଏବଂ ଏହାକୁ ସିମେଣ୍ଟ ଉତ୍ପାଦନ, ଇଟା ଉତ୍ପାଦନ ଏବଂ ରାସ୍ତା ନିର୍ମାଣ ଭଳି ଅନେକ ସ୍ଥାୟୀ ଉପାୟରେ ବର୍ଦ୍ଧିତ ଭାବେ ବ୍ୟବହାର କରାଯାଉଛି। ୨୦୨୨ମାର୍ଚ୍ଚଠାରୁ ବେଦାନ୍ତ ଆଲୁମିନିୟମ ପ୍ରମୁଖ ସିମେଣ୍ଟ ନିର୍ମାତାମାନଙ୍କୁ ୧.୫ ନିୟୁତ ଟନ୍‌ରୁ ଅଧିକ ଫ୍ଲାଏ ଆଶ୍ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)କୁ ସେମାନଙ୍କର ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ୩ ନିୟୁତ ଟନ୍ ଯୋଗାଇଛି। ଏହି ପ୍ରୟାସ ପାଇଁ ସମ୍ପ୍ରତି ଝାରସୁଗୁଡାରୁ ଏହାର ୬୫୦ ତମ ଫ୍ଲାଏ ଆଶ୍ ରେକ୍ ପଠାଯାଇଛି।

ଶୁଭଲକ୍ଷ୍ମୀ ସମବାୟର ୪୪୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ୫,୦୦୦ରୁ ଅଧିକ ମହିଳା ସଦସ୍ୟ ଅଛନ୍ତି। ଏହା ସମବାୟର ସଦସ୍ୟମାନଙ୍କୁ କ୍ଷୁଦ୍ର ଅର୍ଥ, ଦକ୍ଷତା ବିକାଶ, ଆର୍ଥିକ ସାକ୍ଷରତା ଏବଂ ବଜାର ସଂଯୋଗ ମାଧ୍ୟମରେ ସଶକ୍ତ କରିବା ପାଇଁ କାର୍ଯ୍ୟ କରିଥାଏ। ଏହି ପ୍ରୟାସଗୁଡ଼ିକ ଗ୍ରାମୀଣ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ନିର୍ବାହ କରିବାରେ ସାହାଯ୍ୟ ସହ ସେମାନଙ୍କ ସମ୍ପ୍ରଦାୟର ବିକାଶ ଏବଂ ପ୍ରଗତିରେ ମଧ୍ୟ ଅଧିକ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଥାଏ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ (ମୁଖ୍ୟ ପରିଚାଳନା ଅଧିକାରୀ) ସୁନୀଲ ଗୁପ୍ତା କହିଛନ୍ତି, ଫ୍ଲାଏ ଆଶ୍ ଭଳି ଶିଳ୍ପ ଉପ ଉତ୍ପାଦକୁ ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀରେ ପୁନଃ ପ୍ରୟୋଗ କରି ଆମେ କେବଳ ଏକ ବୃତ୍ତାକାର ଅର୍ଥନୀତିରେ ଯୋଗଦାନ ଦେଉ ନାହୁଁ ବରଂ ହଜାର ହଜାର ଗ୍ରାମୀଣ ମହିଳାଙ୍କ ପାଇଁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ।

# ୪ ଜଣଙ୍କୁ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ




ଭୁବନେଶ୍ୱର,୩।୭ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡାଲମିଆ ଭାରତ ପକ୍ଷରୁ ୪ ଜଣ ବିଶିଷ୍ଟ ଶିଳ୍ପକାରଙ୍କୁ ପୁରୀ ରଥଯାତ୍ରା ଅବସରରେ 'ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର' ସମ୍ମାନରେ ସମ୍ମାନିତ କରାଯାଇଛି। ଡାଲମିଆ ଭାରତ ଲିମିଟେଡ୍ (ଡିବିଏଲ) ର ବହୁ ପ୍ରତିଷ୍ଠିତ ତଥା ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନର ୪ର୍ଥ ସଂସ୍କରଣ ବୁଧବାର ପୁରୀରେ ପାଳିତ ହୋଇଯାଇଛି। ଏହି ଅବସରରେ ବର୍ଷ ଡାଲମିଆ ଭାରତ ପକ୍ଷରୁ ରଘୁନାଥ ସୁଣ୍ଡି, ରମେଶ ମହାପାତ୍ର, ବାବନା ମହାରଣା ଓ କାର୍ତ୍ତିକ ଭୋଇଙ୍କୁ ତାଙ୍କର ଚମତ୍କାର କାରିଗରି ଓ ଏହି ପବିତ୍ର ପରମ୍ପରା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ୨୦୨୫ ଜୁନ୍ ୨୭ରୁ ଜୁଲାଇ ୫ ପର୍ଯ୍ୟନ୍ତ ଆୟୋଜନ ହେଉଥିବା ପୁରୀ ରଥଯାତ୍ରା ସମୟରେ ଏହି ବାର୍ଷିକ ଉତ୍ସବ ପାଳିତ ହେଉଛି। ବିଶେଷକରି କମ୍ପାନୀର ପ୍ରମୁଖ ଅଭିଯାନ 'ସାଲ୍ୟୁଟିଂ ଦି ଏକ୍ସପର୍ଟ'ର ଏକ ପ୍ରମୁଖ ଅଂଶ ବିଶେଷ ହୋଇଥିଲାବେଳେ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ ପ୍ରତିଷ୍ଠିତ ଶିଳ୍ପକାରମାନଙ୍କର ଅସାଧାରଣ କାରିଗରିକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏହା ସେମାନଙ୍କୁ ରଥ ନିର୍ମାଣ ଓ କାରିଗରିରେ ସମ୍ମାନିତ କ୍ଷେତ୍ରରେ ପ୍ରମୁଖ ବିଶେଷଜ୍ଞ ଭାବେ ମାନ୍ୟତା ଦେଇଥାଏ। ଓଡ଼ିଶା ଓ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତି ନିଜର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ବଜାୟ ରଖିବା ସହ ବରିଷ୍ଠ କାରିଗର ଓ ସାଂସ୍କୃତିକ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ସମ୍ମାନିତ ଜୁରି ଦ୍ୱାରା ଏହି ଦକ୍ଷ କାରିଗରମାନଙ୍କର ଚୟନ କରାଯାଇଥିଲା।

# ୟୁଏସ୍ଏଫ୍‌ବିଏଲ୍‌ର ନୂତନ ଅଭିଯାନ

ଭୁବନେଶ୍ୱର,୩।୭




ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ୟୁଏସଏଫବିଏଲ)ର ନୂତନ ଅଭିଯାନ ତଥା 'ମନ୍ କୀ ରଥ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଏହା ହେଉଛି ଏକ ଅଭିନବ ଗ୍ରାହକ ସମ୍ପୃକ୍ତି କ୍ୟାମ୍ପେନ। ଯେଉଁଠାରେ ଅଂଶଗ୍ରହଣକାରୀମାନେ ନିଜ ମସ୍ତିଷ୍କର ଶକ୍ତିକୁ ବ୍ୟବହାର କରି ଏକ ଭର୍ଚୁଆଲ ରଥ ଟାଣିପାରିବେ। ଏହି ଅଭିନବ ପଦ୍ଧତି ଧ୍ୟାନ ଓ ଶାନ୍ତ ଭଳି ମସ୍ତିଷ୍କ ତରଙ୍ଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାପ (ଇଇଜି) ନ୍ୟୁରୋ–ସେନ୍ସିଙ୍ଗ ହେଡବ୍ୟାଣ୍ଡଗୁଡ଼ିକର ବ୍ୟବହାର କରୁଛି। ସେହିଭଳି ଏହାକୁ ବ୍ରେନ–କମ୍ପ୍ୟୁଟର ଇଣ୍ଟରଫେସ୍ ଟେକ୍ନୋଲୋଜି ମାଧ୍ୟମରେ କରାଯାଉଛି। ଯେତେବେଳେ ଅଂଶଗ୍ରହଣକାରୀ ହେଡ୍‌ବ୍ୟାଣ୍ଡ କନ୍‌ସେନ୍‌ଟ୍ରେଟକୁ ପିନ୍ଧିବେ, ଭର୍ଚୁଆଲ ରଥ ଆଗକୁ ବଢ଼ିବା ଆରମ୍ଭ କରିବ, ଯାହା ଏକ ପ୍ରଥମ ଧରଣର ଅନୁଭୂତିରେ ନ୍ୟୁରୋଟେକ୍ନୋଲୋଜି ସହ ଆଧ୍ୟାତ୍ମିକତାକୁ ମିଶ୍ରଣ କରୁଛି।

ମନ୍ କୀ ରଥ'କ୍ୟାମ୍ପେନ ହେଉଛି ଏକ ଚାରି ଦିନିଆ ଆକ୍ଟିଭେଶନ ଇଭେଂଟ, ଯାହା ନିକଟରେ ଆରମ୍ଭ ହୋଇଛି। ଏହି ଇଭେଂଟକୁ ୟୁଏସଏଫବିଏଲର ଶାଖାଗୁଡ଼ିକରେ ପରିଚାଳନା କରାଯିବ, ଯେପରିକି ଭୁବନେଶ୍ୱରରେ ସାମନ୍ତରାପୁର ଓ ସହିଦ ନଗର ଓ ଚନ୍ଦ୍ରଶେଖରପୁର ଶାଖା ଏବଂ ପୁରୀ ଶାଖା ଓ କଟକର ବକ୍ସିବଜାର ଶାଖାରେ ପରିଚାଳିତ ହେବ। ରଥକୁ ଦିଗ ଓ ଉଦ୍ଦେଶ୍ୟ ପାଇଁ ଏକ ସୂଚକ ଭାବେ ବ୍ୟବହାର କରି ଏହି କ୍ୟାମ୍ପେନ ଏକ ଚିନ୍ତାଶୀଳ ଓ ବିଶ୍ୱସନୀୟ ଆର୍ଥିକ ସହଯୋଗୀ ଭାବେ ଉଜ୍ଜୀବନ ଏସଏଫବିର ସ୍ଥିତିକୁ ସୁଦୃଢ଼ କରିଛି, ଯିଏ ସଚେତନ ବ୍ୟାଙ୍କିଙ୍ଗ ସେବାଗୁଡ଼ିକୁ ଅନୁସରଣ କରିବା ପାଇଁ ଏହାର ଗ୍ରାହକଙ୍କୁ ପ୍ରୋତ୍ସାହିତ କରିଥାଏ।

# ବଜାରରେ ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦

ଭୁବନେଶ୍ୱର,୩।୭



ଟିଭିଏସ ମୋଟର କମ୍ପାନିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦କୁ ନିକଟରେ ଅନାବରଣ କରାଯାଇଛି। ମୋଟରସାଇକଲର ଏହି ନୂଆ ଭର୍ସନ ବେଶ ବଳିଷ୍ଠ ହୋଇଥିବାବେଳେ ଉନ୍ନତ ସୁରକ୍ଷା ପାଇଁ ଏଥିରେ ଡୁଆଲ ଚ୍ୟାନେଲ ଏବିଏସ ସାମିଲ ରହିଛି। ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦କୁ ଓବିଡି୨ବି ନିୟମକୁ ପାଳନ କରି ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ବ୍ୟବହାର କରାଯାଇଥିବା ଡୁଆଲ ଚ୍ୟାନେଲ ଏବିଏସ ଉନ୍ନତ ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଦାନ କରିବ। ଏହି ମୋଟରସାଇକଲ ଶ୍ରେଷ୍ଠ ମାନର ପ୍ରଦର୍ଶନ ଏବଂ ଉନ୍ନତ ଗାଡ଼ି ପରିଚାଳନା ପ୍ରଦାନ କରୁଛି ଯାହା ଏହାକୁ ନିଜ ବର୍ଗର ଅନ୍ୟମାନଙ୍କଠାରୁ ଅଲଗ। କରିଛି। ଆଜିର ଚାଳକମାନଙ୍କ ଚାହିଦା ଅନୁସାରେ ଏଥିରେ ସୁବିଧାସୁଯୋଗ ରହିଛି। ଟିଭିଏସ ଆପାଚି ଆରଟିଆର ୧୬୦ରେ ଶ୍ରେଷ୍ଠ ମାନର ପ୍ରଯୁକ୍ତି, ଉନ୍ନତ ଡିଜାଇନ ଓ ଦକ୍ଷତା ରହିଛି। ଏଥିରେ ଲାଲ ଆଲୟ ହ୍ୱିଲ ମଧ୍ୟ ରହିଛି। ଟିଭିଏସ ଆପାଚି ଆରଟିଆର ୧୬୦ ମୋଟରସାଇକଲ ୮୭୫୦ ଆରପିଏମରେ ୧୬.୦୪ ପିଏସ ଓ ୭୦୦୦ ଆରପିଏମରେ ୧୩.୮୫ ଏନଏମ ଟର୍କ ପ୍ରଦାନ କରୁଛି। ଏ ସମ୍ପର୍କରେ ଟିଭିଏସ ମୋଟର କମ୍ପାନିର ବ୍ୟବସାୟ ମୁଖ୍ୟ (ପ୍ରିମିୟମ) ବିମଳ ସୁମ୍ବଲି କହିଛନ୍ତି, ଟିଭିଏସ ଆପାଚି ଆରଟିଆର ୧୬୦ ନିଜ ବର୍ଗରେ ନିରନ୍ତର ଭାବେ ମାନଦଣ୍ଡ ବଢ଼ାଉଥିବା ବେଳେ ପ୍ରତି ପିଢ଼ିରେ ଉନ୍ନତ ହେବା ସହ ଆପାଚିର ରେସିଂ ଡିଏନଏର ମୂଳମନ୍ତ୍ରକୁ ଧରି ରଖିଛି। ରାଇଡ ମୋଡ, ସ୍ମାର୍ଟଏକ୍ସକନେକ୍ଟ ଭଳି ନିଜ ଶ୍ରେଣୀର ଅଗ୍ରଣୀ ସୁବିଧା ସହିତ ଭଏସ ଆସିଷ୍ଟ ଓ ଡୁଆଲ ଚ୍ୟାନେଲ ଏବିଏସ ଭଳି ନିଜ ବର୍ଗର ଅଗ୍ରଣୀ ସୁବିଧା ସହିତ ଚାଳକମାନେ ଏହି ମୋଟରସାଇକଲରୁ ଅନେକ କିଛି ଆଶା କରିପାରିବେ।

# କେଡିଏମ୍‌କୁ ଜି ଭାରତ କି ଉଡାନ ପୁରସ୍କାର

ଭୁବନେଶ୍ୱର,୩।୭

କେଡିଏମ ଇଣ୍ଡିଆକୁ ନିକଟରେ ଆଉ ଏକ 'ଜି ଭାରତ କି ଉଡାନ ପୁରସ୍କାର' ସମ୍ମାନରେ ସମ୍ମାନିତ କରାଯାଇଛି। ଜି ଭାରତର ପ୍ରମୁଖ କାର୍ଯ୍ୟକ୍ରମ 'ଭାରତ କି ଉଡାନ'ରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ କେଡିଏମକୁ ଭାରତ କା ଚାର୍ଜର ମହାକୁମ୍ଭ ଅଭିଯାନ ପାଇଁ 'ଜି ଭାରତ କି ଉଡାନ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। ଏହି ମାନ୍ୟତା ମହାକୁମ୍ଭରେ କେଡିଏମର ସ୍ଥାୟୀ ପ୍ରଭାବକୁ ପ୍ରତିଫଳିତ ଏବଂ ଭକ୍ତମାନଙ୍କୁ ଚାର୍ଜିଂ ସହାୟତା ପ୍ରଦାନ କରିବା ପାଇଁ ୧୦୮୦ ମୋବାଇଲ ଚାର୍ଜିଂ ପଏଣ୍ଟ୍ ସ୍ଥାପନ କରିଥାଏ। କେଡିଏମ୍–ଟି ଟେକ୍ନୋଲୋଜି ଚାର୍ଜରରେ ସଜ୍ଜିତ ଏହି ଷ୍ଟେସନଗୁଡ଼ିକ ୪୫ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୩ ଲକ୍ଷରୁ ଅଧିକ ଫୋନ୍ ଚାର୍ଜ କରିଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ କେଡିଏମ୍‌ର ପ୍ରତିଷ୍ଠାତା ଏନ୍ ଡି ମାଲି କହିଛନ୍ତି, ନିତିନ ଗଡ଼କରୀଙ୍କ ହାତରୁ 'ଜିଭାରତ କି ଉଡାନ ପୁରସ୍କାର' ଗ୍ରହଣ କରି ଅତ୍ୟନ୍ତ ଗର୍ବିତ ଓ ଗୌରବାନ୍ୱିତ। ନିତିନ ଗଡକରୀ ଯାହା ମୋତେ ଭାରତ କା ଚାର୍ଜର ଅଭିଯାନକୁ ଆଗକୁ ନେବା ପାଇଁ ଉତ୍ସାହିତ, ପ୍ରେରଣା ଏବଂ ପ୍ରେରଣା ଅନୁଭବ କରୁଛି।



## ODISHA CONSTRUCTION CORPORATION LIMITED
## BHUBANESWAR, ODISHA

PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
GSTIN-21AAACO2571K2ZM

No.CAD-958 "e-Procurement NOtice No-15/OCCL/2025-26 (On-line)

On-line item rate tenders are invited for the following work ;

| Sl. No. | Name of Work | Bid Identification No. | Approx value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1 | Tank Improvement/Renovation/Modernisation works of 13 nos. of MIPs in Ganjam District (Cluster-I) under OIIPCRA Scheme | OCCL_TSI_CL_I_01/2025-26 | Rs.6.69 Crore | Rs.6,69,000/- | 510 days | From 04/07/2025, 10.00 Hrs to 02/08/2025, 15.00 Hrs. |
| 2 | Tank Improvement/Renovation/Modernisation works of 22 nos. of MIPs in Ganjam & Boudh District (Cluster-III) under OIIPCRA Scheme | OCCL_TSI_CL_III_01/2025-26 | Rs.10.00 Crore | Rs.10,00,000/- | | |

Procurement Officer : Managing Director, OCCL
Date of Opening of the Tender : 02.08.2025, 15.30 Hrs. onwards
Further details can be seen from the e-Procurement portal https://www.tendersodisha.gov.in https://octdms.in https://odishaconstruction.com

OIPR-34120/11/0036/2526 Sd./- MANAGING DIRECTOR

## ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ, ରାଉରକେଲା

ପତ୍ର ସଂଖ୍ୟା ୮୩୬୭ ତା: ୦୧।୦୭।୨୦୨୫

No. C-605: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି ରାଉରକେଲା ମହାନଗର ନିଗମ ଅଧୀନରେ ଥିବା ନିମ୍ନଲିଖିତ ସଇରାତଗୁଡ଼ିକ ତା୧୫।୦୭।୨୦୨୫ରିଖରୁ ତା୧୪।୦୭।୨୦୨୬ ପର୍ଯ୍ୟନ୍ତ ଜଉମୁଦ ନିଲାମ ଡାକଦ୍ୱାରା ଆବଣ୍ଟନ କରାଯିବ। ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ/ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ଜଉମୁଦ ନିଲାମ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ବିଭିନ୍ନ ସଇରାତଗୁଡ଼ିକର ନିର୍ଦ୍ଧାରିତ ମୂଲ୍ୟ ଓ ଏମନ୍ତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନ ମତେ ଦିଆଗଲା।

| କ୍ର.ନଂ. | ସଇରାତର ନାମ | ନିର୍ଦ୍ଧାରିତ ମୂଲ୍ୟ | ଅମାନତ ରାଶି | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|
| ୧ | ଟ୍ରାଫିକଗେଟ ପରିବା ମାର୍କେଟ, ରାଉରକେଲା | ଟ.୯୫୧୭୨୦/– | ଟ.୯୫୧୭୨/– | ଟେଣ୍ଡର ଖୋଲିବା ତାରିଖ: ୧୦।୦୭।୨୦୨୫ ସମୟ: ଅପରାହ୍ନ ୪.୦୦ ଘଟିକା ସ୍ଥାନ: ରାଉରକେଲା ମହାନଗର ନିଗମ ସଭାଗୃହ (Council Hall) |
| ୨ | ଛେଣ୍ଡ ସାପ୍ତାହିକ (ଶୁକ୍ରବାର) ବଜାର | ଟ.୨୯୨୬୦୦/– | ଟ.୨୯୨୬୦/– | |
| ୩ | ଅମର ଭବନ ପାର୍କିଂ ସ୍ପେସ୍ | ଟ.୬୦୪୩୮୮/– | ଟ.୬୦୪୩୯/– | |
| ୪ | ପାନପୋଷ ପରିବା ମାର୍କେଟ | ଟ.୪୯୮୩୦୦/– | ଟ.୪୯୮୩୦/– | |

**ସର୍ତ୍ତାବଳୀ:**

୧. ପୂର୍ବ ବର୍ଷରୁ ବକେୟା ରଖିଥିବା ବ୍ୟକ୍ତି/ଅନୁଷ୍ଠାନ ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡର ସମ୍ବନ୍ଧିତ ସମସ୍ତ ସର୍ତ୍ତାବଳୀ ଏବଂ ଟେଣ୍ଡର Paper, ରାଉରକେଲା ମହାନଗର ନିଗମସ୍ଥିତ, ପ୍ରକୋଷ୍ଠ ନଂ.–୩୮ରୁ ଯେ କୌଣସି କାର୍ଯ୍ୟ ଦିବସରେ (ତା୦୨।୦୭।୨୦୨୫ରୁ ତା୧୦।୦୭।୨୦୨୫, ସମୟ: ଅପରାହ୍ନ ୧.୦୦ ଘଟିକା) ପର୍ଯ୍ୟନ୍ତ ଟ.୫୦୦ ପଇଠ କରି ସଂଗ୍ରହ କରିପାରିବେ। ଏହି ଫର୍ମଟି ରାଉରକେଲା ମହାନଗର ନିଗମର Website: (www.rmc.nic.in)ରେ ମଧ ଉପଲବ୍ଧ ଅଛି। ମାତ୍ର ଏଥିପାଇଁ ଟ.୫୦୦ର Demand Draft (Non refundable) ଆବେଦନ ଫର୍ମ ସହିତ ସଂଲଗ୍ନ କରିବେ।
୩. ସମସ୍ତ ଆବେଦନ ପତ୍ର ବନ୍ଦ ଲଫାପା ଗୁଡ଼ିକ ତା୧୦।୦୭।୨୦୨୫ରିଖ ଅପରାହ୍ନ ୦୪.୦୦ ଘଟିକାରେ ରାଉରକେଲା ମହାନଗର ନିଗମ, Council Hallରେ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯାଇ ସର୍ବାଧିକ ଡାକମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସମ୍ପତ୍ତିକୁ ଆବଣ୍ଟନ କରାଯିବ।
୪. ନିଲାମ ସଂକ୍ରାନ୍ତୀୟ ସବିଶେଷ ବିବରଣୀ କାର୍ଯ୍ୟାଳୟ ସ୍ଥିତ ପ୍ରକୋଷ୍ଠ ନଂ.୩୮ ରେ ପାଇପାରିବେ।
୫. ଉକ୍ତ ଆବଣ୍ଟନ ପ୍ରକ୍ରିୟାରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ବାତିଲ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି।

OIPR-13131/11/0146/2526 ସ୍ୱା./– ଆୟୁକ୍ତ, ରାଉରକେଲା ମହାନଗର ନିଗମ

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NOTICE**

FOR PM-JANMAN UNDER PRADHAN MANTRI GRAM SADAK YOJANA (PMGSY)
NATIONAL COMPETITIVE BIDDING THROUGH "e"-Procurement
Bid identification No. Online Tender/08-2025-26/PMGSY/BPR

No.O-370 : **The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads / Bridges under **PRADHAN MANTRI- JANJATI ADIVASI NYAYA MAHA ABHIYAN (PM-JANMAN Batch-1 /2024-25)** under Pradhan Mantri Gram Sadak Yojana (PMGSY) in the districts of **Ganjam for 06 (Six)** number of packages with estimated cost totalling to **Rs 14.73 Cr (Approximate)** including their maintenance for five years from the eligible contractors registered with **State PWD / CPWD/MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract Date of release of Invitation for Bids through e-procurement. Dtd. **05.07.2025**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security and (c) Original Affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/Time for receipt of bids through e-procurement : **19.07.2025** upto **5.30 P.M**

For further details and corrigendum (if any) please log on to **www.pmgsytenders.gov.in**.

Sd./- Chief Construction Engineer, R.W.Circle, Berhampur
OIPR-25071/11/0099/2526

## ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ

SIDAC No. PP-

ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଭୁବନେଶ୍ୱର-୭୫୧୦୩୦

**ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଗଣ୍ଡମୁଣ୍ଡା, ଭୁବନେଶ୍ୱର ୨୦୨୫-୨୬ ନିମନ୍ତେ ନିମ୍ନଲିଖିତ ୧ ବର୍ଷୀୟା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛନ୍ତି।**

| ପାଠ୍ୟକ୍ରମ | ମୌଳିକ ତାଲିମ ପାଠ୍ୟକ୍ରମ (Basic Course) | ଉଚ୍ଚତର ତାଲିମ ପାଠ୍ୟକ୍ରମ (Higher Course) | ଉଚ୍ଚତମ ତାଲିମ ପାଠ୍ୟକ୍ରମ (Master Course) | ଜିଲ୍ଲାସ୍ତରୀୟ ମୌଳିକ ତାଲିମ ପାଠ୍ୟକ୍ରମ (District Level Basic Course) |
|---|---|---|---|---|
| ତାଲିମ ଦିଆଯାଉଥିବା ହସ୍ତଶିଳ୍ପର ନାମ ଓ ସ୍ଥାନ ସଂଖ୍ୟା | ପଥର ଖୋଦେଇ, କାଠ ଖୋଦେଇ, ତାଳପତ୍ର ଖୋଦେଇ, ପଟ୍ଟଚିତ୍ର, ଚାନ୍ଦୁଆ ଓ ଟେରାକୋଟା (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, କାଠ ଖୋଦେଇ, ତାଳପତ୍ର ଖୋଦେଇ, ପଟ୍ଟଚିତ୍ର, ଚାନ୍ଦୁଆ ଓ ଟେରାକୋଟା (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଥର ଖୋଦେଇ, କାଠ ଖୋଦେଇ, ତାଳପତ୍ର ଖୋଦେଇ ଓ ପଟ୍ଟଚିତ୍ର (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) | ପଟ୍ଟଚିତ୍ର, ସ୍ଥାନ-ଆଙ୍ଗୁଲା (ଆଠଗଡ଼ ବ୍ଲକ), ଜିଲ୍ଲା- କଟକ ପଟ୍ଟଚିତ୍ର, ସ୍ଥାନ- ପଟ୍ଟଚିତ୍ର, କେନ୍ଦୁବିଲ୍ୱ (ବାଲିଅନ୍ତା ବ୍ଲକ), ଜିଲ୍ଲା- ଖୋର୍ଦ୍ଧା। ପଥର ଖୋଦେଇ, ସ୍ଥାନ- କୋଣାର୍କ, ଜିଲ୍ଲା-ପୁରୀ (ପ୍ରତ୍ୟେକ ବିଭାଗରେ ୧୦ ଗୋଟି ସ୍ଥାନ) |
| ନାମ ଲେଖାଇବା ପାଇଁ ନ୍ୟୁନତମ ଯୋଗ୍ୟତା ଓ ଅଭିଜ୍ଞତା | ଆବେଦନକାରୀ ଅଷ୍ଟମ ଶ୍ରେଣୀ ପାସ କରିଥିବା ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ। ଆବେଦନକାରୀ ଯଦି କାରିଗର ପରିବାରର ସଦସ୍ୟ ହୋଇଥିବେ ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ। | ଆବେଦନକାରୀ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ମୌଳିକ ତାଲିମ ପାଠ୍ୟକ୍ରମ ପାସ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୁନ ୫ ବର୍ଷ କାର୍ଯ୍ୟ କରିଥିବେ କିମ୍ବା ତାଲିମ ଗ୍ରହଣର ଅଭିଜ୍ଞତା ଥିବ। | ଆବେଦନକାରୀ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବେ ତଥା ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା କୌଣସି ସରକାରୀ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରରୁ ସମ୍ପୃକ୍ତ ହସ୍ତଶିଳ୍ପରେ ଉଚ୍ଚତର ତାଲିମ ପାଠ୍ୟକ୍ରମ ପାସ୍ କରିଥିବେ କିମ୍ବା କୌଣସି ନିପୁଣ ଶିଳ୍ପୀଙ୍କ ଅଧୀନରେ ଅନ୍ୟୁନ ୭ ବର୍ଷ କାର୍ଯ୍ୟ କରିଥିବେ କିମ୍ବା ତାଲିମ ଗ୍ରହଣର ଅଭିଜ୍ଞତା ଥିବ। | ଆବେଦନକାରୀ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ତଥା ହସ୍ତଶିଳ୍ପରେ ରୁଚି ଓ ଆଗ୍ରହ ଥିବା ଆବଶ୍ୟକ। ଆବେଦନକାରୀ ଯଦି କାରିଗର ପରିବାରର ସଦସ୍ୟ ହୋଇଥିବେ ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ। |
| ବୟସ | ୦୪-୦୭-୨୦୨୫ ସୁଦ୍ଧା ୧୪ରୁ ୪୦ ବର୍ଷ। | ୦୪-୦୭-୨୦୨୫ ସୁଦ୍ଧା ୧୫ରୁ ୪୦ ବର୍ଷ। | ୦୪-୦୭-୨୦୨୫ ସୁଦ୍ଧା ୧୬ରୁ ୪୦ ବର୍ଷ। | ୦୪-୦୭-୨୦୨୫ ସୁଦ୍ଧା ୧୪ରୁ ୪୦ ବର୍ଷ। |
| ନାମ ଲେଖାଇବା ପାଇଁ ଚୟନ ପ୍ରଣାଳୀ | ରାଜ୍ୟସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱରଠାରେ ଏବଂ ଜିଲ୍ଲାସ୍ତରୀୟ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସମ୍ପୃକ୍ତ ତାଲିମ୍ କେନ୍ଦ୍ରଠାରେ ଚିତ୍ରାଙ୍କନ/ପ୍ରୟୋଗ ଓ ମନୋବୃତ୍ତି ପରୀକ୍ଷା ଭିତ୍ତିରେ ଶିକ୍ଷାର୍ଥୀ ଚୟନ କରାଯିବ। ଏହି ପରୀକ୍ଷାରେ ଯୋଗ ଦେବା ନିମିତ୍ତ କୌଣସି ଗସ୍ତ ଖର୍ଚ୍ଚ/ଭତ୍ତା ଦିଆଯିବ ନାହିଁ। ଚୟନ ହୋଇଥିବା ଯୋଗ୍ୟ ଶିକ୍ଷାର୍ଥୀଙ୍କୁ ପରୀକ୍ଷା ତାରିଖ ପରେ ମୋବାଇଲ/ଇମେଲ ମାଧ୍ୟମରେ ଜଣାଇ ଦିଆଯିବ, ତେଣୁ ଆବେଦନକାରୀ ଦରଖାସ୍ତ ଫର୍ମରେ ଗୋଟିଏ କିମ୍ବା ଦୁଇଟି କାର୍ଯ୍ୟକ୍ଷମ ଥିବା ମୋବାଇଲ ନମ୍ବର ଦେବା ନିତାନ୍ତ ଆବଶ୍ୟକ। | | | |
| ସ୍ଥାନ ସଂରକ୍ଷଣ ସହ ଅନ୍ୟାନ୍ୟ ସୁବିଧା | ତଫସିଲଭୁକ୍ତ ଜାତି ମହିଳା ଓ ସଂଖ୍ୟାଲଘୁ ସଂପ୍ରଦାୟ/ଶାରୀରିକ ଭିନ୍ନକ୍ଷମ/ଜନଜାତି ପ୍ରାର୍ଥୀମାନଙ୍କ ପାଇଁ ସରକାରୀ ନିୟମାନୁସାରେ ବୟସ କୋହଳ ଓ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ଅଛି। ସମସ୍ତ ମୌଳିକ ବିଦ୍ୟାର୍ଥୀମାନଙ୍କୁ ମାସିକ ବୃତ୍ତି ୨୦୦୦ ଟଙ୍କା, ଉଚ୍ଚତର ବିଦ୍ୟାର୍ଥୀମାନଙ୍କୁ ମାସିକ ବୃତ୍ତି ୩୦୦୦ ଟଙ୍କା ଓ ଉଚ୍ଚତମ ବିଦ୍ୟାର୍ଥୀମାନଙ୍କୁ ମାସିକ ବୃତ୍ତି ୫୦୦୦ ଟଙ୍କା ଏବଂ ଜିଲ୍ଲାସ୍ତରୀୟ ତାଲିମ ନିମନ୍ତେ ୨୦୦୦ ଟଙ୍କା ଦିଆଯିବାର ବ୍ୟବସ୍ଥା ଅଛି। | | | |
| ଆବେଦନ ପ୍ରଣାଳୀ | ଆଗ୍ରହୀ ଛାତ୍ର/ଛାତ୍ରୀମାନେ ତା୦୩।୦୮।୨୦୨୫ ମଧ୍ୟରେ କେବଳ Online ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ ପାଇଁ **www.spdp.odisha.gov.in** ପରିଦର୍ଶନ କରି ନିର୍ଦ୍ଦିଷ୍ଟ ସାରଣୀରେ ଆବଶ୍ୟକ ଦସ୍ତାବିଜର ପ୍ରମାଣପତ୍ର ସଂଲଗ୍ନ କରି ଆବେଦନ କରିବେ। ଅଫ୍‌ଲାଇନ୍ ମାଧ୍ୟମରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ। ସମସ୍ତ ଯୋଗାଯୋଗ ଫୋନ୍/ଇମେଲ୍ ମାଧ୍ୟମରେ କରାଯିବ। ତେଣୁ ଆବେଦନକାରୀମାନେ ନିର୍ଭୁଲ ଦୁଇଟି ଫୋନ ନମ୍ବର ସହ ଇମେଲ ଠିକଣା ଦେବା ପାଇଁ ଅନୁରୋଧ। | | | |

**Onlineରେ ଆବେଦନ କରିବାର ଶେଷ ତାରିଖ: ୦୩।୦୮।୨୦୨୫। ବି.ଦ୍ର.: କ) ବର୍ତ୍ତମାନ ଅଧ୍ୟୟନରତ ମୌଳିକ ତାଲିମ ଶିକ୍ଷା ଓ ଉଚ୍ଚତର ତାଲିମ ଶିକ୍ଷାର ଛାତ୍ର/ଛାତ୍ରୀମାନେ ପରବର୍ତ୍ତୀ ତାଲିମ ପାଠ୍ୟକ୍ରମ ନିମନ୍ତେ ମଧ୍ୟ ଆବେଦନ କରିପାରିବେ। ସେମାନଙ୍କର ପରୀକ୍ଷାଫଳ ପ୍ରକାଶ ପାଇସାରିବା ପରେ ସେମାନଙ୍କୁ ନୂତନ ଶିକ୍ଷାବର୍ଷରେ ନାମ ଲେଖାଇବାର ସୁଯୋଗ ପାଇଁ ବ୍ୟବସ୍ଥା ରହିଅଛି। ଖ) ସବିଶେଷ ବିବରଣୀ ନିମନ୍ତେ ମୋବାଇଲ ନମ୍ବର ୦୬୭୪-୨୯୧୫୩୫୦ ଓ ୦୬୭୪-୨୩୫୦୩୧୮ରେ ଯୋଗାଯୋଗ କରିପାରିବେ।**

**ସଦସ୍ୟ ସଚିବ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ, ଭୁବନେଶ୍ୱର**
OIPR-31036/11/0023/2526

## ODISHA LIVELIHOODS MISSION

Department of Mission Shakti, Government of Odisha
SIRD & PR Campus, Unit-VIII, Bhubaneswar-751012, Odisha
No.g-54 Tel : (0674) 2560166/2560126, E-mail : smmu.olm@gmail.com
EOI No : 719125 Date : 30/06/2025
File No : OLM-PROC-AGNCY-0003-2021

**Request for Expression of Interest**

1. The Odisha Livelihoods Mission under Department of Mission Shakti now invites eligible Consultant to indicate their interest in providing the service of **Financial Inclusion Consultant (State)**.
2. Interested Consultant should provide information demonstrating that they have the required qualifications and relevant experience to perform the Services in the prescribed format at Annexure-A (ToR)
3. Further information can be obtained at the address below during office hours i.e. 10.00 to 17.30 hours and the details ToR can be seen and downloaded in website https://missionshakti.odisha.gov.in/.
4. In case of any Addendum/Clarification/Corrigendum/Extension regarding this EOI, the same will be published in the above websites only.
5. Expressions of interest in sealed envelope Superscribed as **"Expression of Interest for Financial Inclusion Consultant (State)"** must be delivered in a written form to the State Mission Director, Odisha Livelihoods Mission, SIRD & PR Campus, Unit-VIII, Bhubaneswar, 751012, (post/courier) latest by Dt **23/07/2025, 5.30 pm.**
6. Authority reserves the right to accept or reject any application, and to cancel the procurement process and reject all application, at any time prior to the selection, without assigning any reason thereof.

**Contact Person** : Shri Rabi Prasad Mishra, Dy CEO (Admin & Procurement), OLM
**Contact No** : 9937462008

Sd./- State Mission Director, Odisha Livelihoods Mission
OIPR-48002/11/0009/2526

## CHIEF DISTRICT MEDICAL & PUBLIC HEALTH OFFICER, MALKANGIRI


No. 7617/CS-09/2025-, dated Malkangiri the 30th June 2025

**TENDER CALL NOTICE**

**No.E-202** : Sealed Tenders/Bids are invited from the intending purchasers in the prescribed format for AUCTION SALE OF DIFFERENT CONDEMNED UNSERVICEABLE EQUIPMENTS / INSTRUMENT / FURNITURES OF DHH, MALKANIGIRI dumping at District Head Quarter Hospital Campus, Malkangiri on "AS IS WHERE IS BASIS, AS IS WHAT IS BASIS". The Tender papers in details along with the term and condition of tenders are available **THROUGH DISTRICT WEBSITE** https://malkangiri.odisha.gov.in. Bidders can download the tender papers from the website and such bidders have to enclose a non-refundable State Bank of India demand draft of Rs.3000/- (Rupees Three Thousand) Only in favour of Chief District Medical & Public Health Officer, Malkangiri payable at SBI, Malkangiri with BID document and subscribe the BID document that it has been downloaded from the website. The sealed tender should reach to the undersigned on or before **21.07.2025 up to 05.00 P.M. through Regd. Post/ Speed Post only**.

The Seal tender will be opened 22.07.2025 at 11.00 A.M. in the presence of tenderer or their authorized representative by the Chairman of Purchase Committee at the O/O CDM & PHO, Malkangiri.

Sd./- B.B.Dash
Chief District Medical & Public Health Officer, Malkangiri
OIPR-10206/11/0011/2526



ଧ-୧୧୫୪

# ମୋବାଇଲ ପାଇଁ ସାଙ୍ଗଙ୍କୁ ହତ୍ୟା

## ୪ ଦିନ ପରେ ଜଙ୍ଗଲରୁ ଗଳିତ ମୃତଦେହ ଜବତ

ଆନନ୍ଦପୁର,୩।୭(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ରାଇଘାଟି ଗାଁରେ ମୋବାଇଲ ଫୋନ୍ ପାଇଁ ଏକ ହତ୍ୟାକାଣ୍ଡ ଘଟିଛି। ମୋବାଇଲ ବିବାଦକୁ ନେଇ ସାଙ୍ଗଙ୍କୁ ହତ୍ୟା କରିଛି ସାଙ୍ଗ। ମୃତକ ହେଲେ ରାଇଘାଟି ଗ୍ରାମର ସିଲାଇ ପୂର୍ତ୍ତିଙ୍କ ପୁଅ ଗୁସା(୧୪)। ପୋଲିସ ଅଭିଯୁକ୍ତ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ମୁତବାକ, ଗୁସା ଓ ତାଙ୍କ ସାଙ୍ଗ କୁଣ୍ଡିଆ ପୁଡୁଚେରୀରେ କାମ କରୁଥିଲେ। ସେହି ସମୟରେ ଗୁସା ଏକ ମୋବାଇଲ କିଣିଥିଲେ। ଗୁସାଙ୍କ ମୋବାଇଲକୁ କୁଣ୍ଡିଆ ଲୁଚାଇ ଦେଇଥିଲେ। ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ତେବେ ପରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଯାଇଥିଲା। ମାତ୍ର କୁଣ୍ଡିଆ ରାଗ ରଖିଥିଲେ। କୁଣ୍ଡିଆ ଗତ ରବିବାର ଗୁସାଙ୍କୁ ନିଜ ଭଉଣୀ ଘରକୁ ଯିବାକୁ କହି ଡାକିନେଇଥିଲେ। ପରଦିନ କୁଣ୍ଡିଆ ଫେରିଥିବା ବେଳେ ଗୁସାଙ୍କ ଦେଖାଦର୍ଶନ ନ ଥିଲା। ଗୁରୁବାର ଗାଁଠାରୁ ୨ କି.ମି. ଦୂର ଜଙ୍ଗଲରେ ଗୁସାଙ୍କ ଗଳିତ ମୃତଦେହ ପଡିଥିବା ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୋବାଇଲ ଘଟଣାରେ ରାଗ ରଖି କୁଣ୍ଡିଆ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୯/୨୫) ରୁଜୁ କରି କୁଣ୍ଡିଆଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଗୁଣିଗାରେଡ଼ି ସନ୍ଦେହରେ ହୋଇଥିଲା ହତ୍ୟା

## ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼,୩।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଉରିମୁଣ୍ଡା ଗ୍ରାମର ଏକ ପୋଖରୀରୁ ବୁଧବାର ସକାଳେ ମହନ୍ତ ଟପ୍ପୋ ନାମକ ବ୍ୟକ୍ତିଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୁନୀଲ ଓରାମ। ଗୁଣିଗାରେଡି ସନ୍ଦେହରେ ମହନ୍ତଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସୁନୀଲ ସ୍ୱୀକାର କରିଥିବା ନେଇ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ଥାନାରେ ଏକ ହତ୍ୟା ମାମଲା ନଂ.୨୩୮/୨୫ ରୁଜୁ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁସାରେ, ମହନ୍ତ (୫୯) ଗତ ଶୁକ୍ରବାରଠାରୁ ନିଖୋଜ ଥିଲେ। ବୁଧବାର ସକାଳେ ପୋଖରୀରେ ମହନ୍ତଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ସାଇଣ୍ଟିଫିକ ଟିମ୍‌ଙ୍କ ସହାୟତାରେ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା।

## ନିରୁଦ୍ଦିଷ୍ଟ



ନାମ: କେ.ଅନନ୍ତ ମଣିଦୀପ(୧୫), ଉଚ୍ଚତା: ୫'୪'', ପିତା: କୋଲା ମାଜ୍ଝିବାବୁ, ଗୌତମ ନଗର, ଲେନ-୨, ପୋ/ଜି: ରାୟଗଡ଼ା ଗତ ୨୩।୦୬।୨୦୨୫, ୨.୩୦ ସମୟରେ ଘରୁ ବାହାରି ଯାଇଥିଲେ। ପୋଲିସ ତଦନ୍ତ ବେଳେ ମଣିଦୀପ ରାୟଗଡ଼ା ରେଳଷ୍ଟେସନ ପ୍ଲାଟ୍‌ଫର୍ମ ନଂ.-୫ ଠାରେ ଛିଡ଼ା ହୋଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। ୬୦୦୦୦୧୪୪୩୯/୬୩୭୦୧୨୧୫୩୪. ଧ-୧୧୪୪

# Classified Everyday

0674-2580101, 9692975378



REAL ESTATE SALE

କ ଟ କ - ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281




Positively health benifits SPA expert female therapist homely atmosphere. Contact- 9114559860. D-1112

## AFFIDAVIT

By virtue of an affidavit sworn before Notary Public, Bhubaneswar, dated- 13.06.2025, I, Alina Behera, Wife of Rabindra Behera, Address- Haripur, P.O.- Haripur Jemadeipur, P.S.- Sukinda, Dist.- Jajpur, Odisha-755018 declare that I have changed my name from ELINA PRIYADARSHINI ROUT (Old Name) to ALINA BEHERA (New Name). Henceforth, I shall be known as ALINA BEHERA for all purposes.
ALINA BEHERA D-76470

I, Antarjyami Sahu, S/o- Late Dinabandhu Sahu, resident of ward No.- 4, New Kalupatro Street, Aska Road, Brahmapur, P.S.-Brahmapur Sadar, P.O.-Panigrahipentho, District.- Ganjam, PIN-760006, Odisha declare by this affidavit No.- A-615, dtd- 03.07.2025. That now onwards I shall be known as Antarjami Sahu for all future purposes. D-1153

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sahnaz Bari, W/o- Late Sk Abdul Bari, R/o.146, Chintamaniswar Area, Bhubaneswar have changed my name from Sahnaz Bari to Shanaz Bari for all purposes by an affidavit sworn before Executive Magistrate, Bhubaneswar dated- 26.06.2025. D-1148

I, Gagan Bihary Pal, S/o- Late Gopabandhu Pal, resident of flat No.- B- 204, Supratik Exotica, Paikarapur Road, Gothapatna, P.S.- Chandaka, Bhubaneswar, Dist.- Khordha. PIN- 751003, Odisha declare by this affidavit No.- 72AA 498099, dated- 04.04.2025 that now onwards, I shall be known as Gagan Behari Pal for all future purposes. D-1142

By virtue of an affidavit sworn before Executive Magistrate, Bhubaneswar, dated- 14.05.2025, I, Smitajyotshna Patra, D/o of Gadadhar Patra of Village- Patra Sahi, Ketakipatna, P.O.- Lalitapahandi, P.S.- Balanga, Dist.- Puri- 752045, declare that my actual name is Smitajyotshna Patra as per Birth certificate but in Aadhaar Card wrongly Mentioned as Smitojoshna Patra which need correction. D-1155

I, Lili Patra, W/o Trailokyanath Patra, Resident at plot No.- 479/ 2934 Near Ram Mandir, At- Kantilo, P.O.- Kuha, P.S.- Air Field, Bhubaneswar, Dist.- Khurda, PIN- 751002, declare by this affidavit No.-CF- 46, dt- 18.06.2025, that now onwards, I shall be known as **LILI KHATEI** for all future purposes. D-1141

By virtue of an affidavit sworn before the Notary Public, Titilagarh, dated- 20.06.2025, I, Kshirabati Behera, formerly called Khira Behera, D/o. Ainthapatar Behera(Father), Debaki Behera(Mother), R/o. At- Silpara, Digsira, P.O.- Kushkela, P.S.- Sindhekela, Dist.- Bolangir, Odisha- 767035, declare that I have changed my name from Khira Behera to Kshirabati Behera. Henceforth, I shall be known as Kshirabati Behera for all purposes.
Kshirabati Behera D-1151

By virtue of an affidavit sworn before Executive Magistrate, Bhubaneswar, on dated- 24.06.2025, I Priyadarsani Rout, Address: W/o.- Banamali Kandi, AT- Balipada, P.O.- Dadha, P.S.- Nandankanan, Bhubaneswar, Dist.- Khordha, Odisha, PIN- 754005 declare that I have changed my name from "SANGITA KANDI" to "PRIYADARSANI ROUT". Henceforth, I shall be known as "PRIYADARSANI ROUT" for all purposes.
PRIYADARSANI ROUT D-1150

By virtue of an affidavit sworn before Executive Magistrate, Pipili, dated- 23.06.2025, AF. No.- 2452, I Kanchan Kumari Das, Address: At- Mahasinghpatna, P.O.- Dandamukundapur, P.S.- Pipili, Dist.- Puri, Odisha, PIN-752104, declare that I have changed my name from Kanchan Das to Kanchan Kumari Das. Henceforth, I shall be known as Kanchan Kumari Das for all purposes. D-1146

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

In the Court of C.J.J.D. Chandbali
C.S. 533/01
Rangadhar Nayak & others ....Plaintiffs
(Vrs)
State of Odisha & others ....Defendants

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବୃତ୍ତିକୁ ନିଜ ନାମରେ ସ୍ୱତ୍ୱସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞା ଚାନ୍ଦବାଲିଙ୍କ ଇଜିଲାସରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଏଣୁ ଉକ୍ତ ବୃତ୍ତି ପକ୍ଷେ ଯଦି ସର୍ବସାଧାରଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଉକ୍ତ ମୋକଦ୍ଦମାର ଧାର୍ଯ୍ୟ ତା 08.07.25ରିଖ ଦିବା 10.30 AM ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ନିଜର ଆପତ୍ତି ଅଭିଯୋଗମାନ ଜଣାଇବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ତଫସିଲ ବୃତ୍ତି

ଜି: ଭଦ୍ରକ, ତହସିଲ- ଚାନ୍ଦବାଲି, ମୌ- ଶେଣ୍ଡଗଡ଼ା C.S. ଖାତା ନଂ.- 88, C.S. Plot No.- 281, Southern side A0. $33^1/_2$ dec of A0.67dec, C.S. Plot No.- 312 Southern side A0.57dec out of A1-14dec, C.S. Plot No.- 320 Southern side A0.22dec out of A0.44dec, C.S. Plot No.-322 Southern Side A0.06dec out of A0.12dec, C.S. Plot No.- 605 Southern Side A0.06dec out of A0.12dec, CS Plot No.- 607 Southern side A0.58dec out of A1-16dec, CS Plot No.-706 Southern side A0.$25^1/_2$dec out of A0.51dec, CS Plot No.- 720 Western side A0.10dec out of A0.20dec, CS Plot No.-753 Southern side A0.$68^1/_2$dec out of A1-37dec, CS Plot No.- 856 Southern side and West A0.$06^1/_2$dec., CS Plot No.- 881 Southern side A0.$35^1/_2$dec out of A0.71dec Corresponds to MS Khata No.- 380, MS Plot No.-326/1646 A0.32dec., MS Plot No.- 312 Southern side A0.29dec out of MS Plot No.- 306 A0.19dec., MS Plot No.- 394 A0.09dec., MS Plot No.- 893 A0.06dec., MS Plot No.- 892 A0.60dec., MS Plot No.- 890 A0.28dec., MS Plot No.- 871 Western side A0.04dec., MS Plot No.- 871/1652 Western side A0.04dec., MS Plot No.- 760 A0.90dec., MS Plot No.- 1256 Southern side A0.03dec., MS Plot No.- 1256/1648 Western side A0.$02^1/_2$dec., MS Plot No.- 853 Southern side A0.12dec., MS Plot No.- 853/1642 Southern side A0.12dec., MS Plot No.- 854 Southern side A0.12dec ଅଦ୍ୟ ତା ୦୩।୦୭।୨୪ରିଖ ଅଦାଲତକର ସହିମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।
ସ୍ୱା./- ସିଭିଲ ଜଜ୍ ଜୁନିଅର ଡିଭିଜନ ଚାନ୍ଦବାଲି, Dt.- 23.06.25
D-1152

Letter No.- 966/ Dt.- 17.05.2025

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.-୪, ସ୍ଥାନ ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.- ୧୫୯/୨୦୨୪
ଜୟରାମ ନାୟକ ....ବାଦୀ
ବନାମ
ରମେଶ ଚନ୍ଦ୍ର ନାୟକ ଏବଂ ଅନ୍ୟମାନେ ...ପ୍ରତିବାଦୀ
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

୧. ରମେଶ ଚନ୍ଦ୍ର ନାୟକ, ପିତା- ଘନଶ୍ୟାମ ନାୟକ, ୨. ଆନନ୍ଦ ଚନ୍ଦ୍ର ଗଡ଼ବାଡ଼, ପିତା- ସ୍ୱର୍ଗତ- କେଲୁ ଚରଣ ଗଡ଼ବାଡ଼ ଉଭୟଙ୍କର ବାସସ୍ଥାନ ସା/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୨ ନୋଟିସ୍ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ.-୧ଙ୍କୁ ନୋଟିସ୍ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୪।୦୮।୨୫ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.- ୧୪୪, ସାବକ ପ୍ଲଟ୍ ନଂ.-୨୩୦୬, ଏରିଆ- ଏ.୦.୦୩୬ଡି., ହାଲ୍ ଖାତା ନଂ.- ୧୮, ହାଲ୍ ପ୍ଲଟ୍ ନଂ.-୩୦୮୭, ଏରିଆ- ଏ.୦.୦୩୬ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷ ଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.- ୪ଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୧୪୯

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ଁ ଇଂ.ବିଜୟ କୁମାର ବେଉରା
ଚକେଇସିଆଣି, ଭୁବନେଶ୍ୱର
ଜନ୍ମ ତାରିଖ: ୧୪।୦୧।୧୯୫୩
ତିରୋଧାନ: ୨୪।୦୬।୨୦୨୫
ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ମାର୍ଗଦର୍ଶନଗୁଡ଼ିକ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ।
ଶୋକସନ୍ତପ୍ତ: ଜିଡୁ, ବାପି, ହାପି, ଟୁଟୁ, ଝିଅ ଓ ଜ୍ୱାଇଁ, ନାତି, ନାତୁଣୀ, ବୋହୂ ଓ ପରିବାରବର୍ଗ
ଧ-୧୧୨୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁଚାରୁଲତା ବାରିକ
କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର
ଆବିର୍ଭାବ: ୧୩।୦୧।୧୯୫୧
ତିରୋଧାନ: ୧୪।୦୭।୨୦୨୪
ଆପଣଙ୍କର ନିରଳସ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସ୍ମୃତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ- ଗଗନ ବିହାରୀ ବାରିକ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ଧ-୭୬୦୬୭

### ୩୫ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ତା୧୨।୦୪।୧୯୪୫ରିଖ
ତିରୋଧାନ: ତା୦୪।୦୭।୧୯୯୦ରିଖ
ଆମେ ଆଜିର ୩୫ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ
ଧ-୧୧୪୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଖଡ଼ିଆଳ ତହସିଲଦାରଙ୍କୁ ହତ୍ୟା ଧମକ

ଖଡ଼ିଆଳ,୩।୭
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ତହସିଲଦାର ତଥା ବିଡ଼ିଓ ଦାୟିତ୍ୱରେ ଥିବା ନରସିଂହ ଗାଡ଼ବାଙ୍କୁ ଫୋନରେ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଗାଡ଼ବା ଏ ନେଇ ଗୁରୁବାର ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଓଏଏସ୍ ସଂଘର ନିଷ୍ପତ୍ତି ଅନୁଯାୟୀ ସବୁ ଅଫିସରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି। ଖଡ଼ିଆଳ ବ୍ଲକରେ ମଧ୍ୟ ଆନ୍ଦୋଳନକୁ ସମର୍ଥନ କରାଯାଇଛି। ଏଣୁ ବିଭିନ୍ନ କାର୍ଯ୍ୟ ପ୍ରଭାବିତ ହୋଇଛି। ଏପରିସ୍ଥଳେ ବୁଧବାର ଗାଡ଼ବାଙ୍କ ପାଖକୁ ଏକ ଅଜଣା ନମ୍ବରରୁ ଫୋନକଲ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ନିଜକୁ ଏକ ରାଜନୈତିକ ଦଳର କର୍ମୀ ବୋଲି ପରିଚୟ ଦେଇ ତୁକଲାଠାରେ ନିର୍ମିତ ଆଡିଶନାଲ କ୍ଲାସ୍‌ରୁମ୍‌ର ଚେକ୍ ପାସ୍ କାହିଁକି କରୁନାହାନ୍ତି ବୋଲି ପଚାରିବା ସହ ଅଭଦ୍ର ଭାଷାରେ ଗାଳିକରି ମାରିଦେବାକୁ ଧମକ ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଡ଼ବା ଦାବି କରିଛନ୍ତି। ଏ ନେଇ ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଥିଲେ।

# ପୂର୍ବ ଶତ୍ରୁତାରୁ ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ

## ବାପ, ପୁଅଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୩।୭(ସତ୍ୟଜିତ୍ ରାଉତ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ ଘଟଣାରେ ଶହୀଦନଗର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶବରସାହିର ରଞ୍ଜିଆ ଓରଫ ରଞ୍ଜିତ ବେହେରା (୪୩) ଓ ନବୀନା ବେହେରା(୪୭) ଓ ନବୀନାଙ୍କ ପୁଅ ଦିନେଶ(୨୧)। ସେମାନଙ୍କ ନିକଟରୁ ପ୍ଲାଷ୍ଟିକ୍ ପାଇପ୍ ଏବଂ ବାଡ଼ି ଜବତ କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟା ବେଳେ ଦିଲୀପ ଦେହୁରୀ ଓ ତାଙ୍କ ଭଣଜା ଜିତୁ ଶବରସାହି ଛକ ନିକଟରେ ଠିଆ ହୋଇଥିଲେ। ରଞ୍ଜିଆ ସେଠାକୁ ଆସି ଉଭୟଙ୍କୁ ଗାଳି କରିଥିଲେ। ଦିଲୀପ ବିରୋଧ କରିବାରୁ ରଞ୍ଜିଆ ତାଙ୍କ ପରିବାର ସଦସ୍ୟମାନଙ୍କୁ ଡାକି ଦେଇଥିଲେ। ପରିବାର ସଦସ୍ୟମାନେ ବାଡ଼ି, ରଡ୍ ଏବଂ ପ୍ଲାଷ୍ଟିକ୍ ପାଇପ୍ ଧରି ସେଠାରେ ପହଞ୍ଚି ଦିଲୀପ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ହତ୍ୟା ଧମକ ଦେଇଥିଲେ। ରଞ୍ଜିଆ ଏକ ବାଡ଼ିରେ ଦିଲୀପଙ୍କୁ ପିଟିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଦିଲୀପଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିବାରୁ ବାବୁଲି ତାଙ୍କୁ ମଧ୍ୟ ଆକ୍ରମଣ କରିବାରୁ ତାଙ୍କ ବାମଗୋଡ଼ ଭାଙ୍ଗି ଯାଇଥିଲା। ଜିତୁଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୧୪/୨୦୨୫) ରୁଜୁ କରାଯାଇଛି।

# ସ୍ୱପ୍ନ ସାକାର ପଥରେ ସାତ୍ତ୍ୱିକ

**ଜୁନିୟର ସ୍ତରରେ ୱାର୍ଲ୍ଡ କ୍ୟାଡେଟ ଓ ଫିଡେ ବିଶ୍ୱକପରେ ପ୍ରତିଭା ପ୍ରଦର୍ଶନ ପରେ ଜାତୀୟ ଚାମ୍ପିୟନ ହୋଇ ଓଡ଼ିଶା ଚେସ୍‌ରେ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି ସାତ୍ତ୍ୱିକ ସ୍ୱାଇଁ। ହରିୟାଣାର ଗୁରୁଗ୍ରାମରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ଚାମ୍ପିୟନ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ନିଜ ପ୍ରତିଭାର ଭରପୂର ସଦୁପଯୋଗ କରି ନିଜ ସ୍ୱପ୍ନକୁ ସାକାର କରିବା ଦିଗରେ ଅଗ୍ରସର ହୋଇଛନ୍ତି ଏହି ଚେସ୍ ପ୍ରତିଭା...**

–ପ୍ରସ୍ତୁତି ତପନ ସ୍ୱାଇଁ



ଓଡ଼ିଶା ଚେସ୍‌ରେ ଏବେ ଖୁସିର ଲହରି। ଏହାର କାରଣ ଜଣେ ଶିଶୁ ପ୍ରତିଭା। ୱାର୍ଲ୍ଡ କ୍ୟାଡେଟ୍, ଫିଡେ ବିଶ୍ୱକପ୍ ପରେ ଜାତୀୟ ଚେସ୍‌ରେ ଦକ୍ଷତା ଦେଖାଇ ରାଜ୍ୟକୁ ଗର୍ବିତ କରିଥିବା ଏହି ବିସ୍ମୟ ବାଳକ ହେଲେ ସାତ୍ତ୍ୱିକ ସ୍ୱାଇଁ। ହରିୟାଣାର ଗୁରୁଗ୍ରାମରେ ନିକଟରେ ଅନୁଷ୍ଠିତ ଜାତୀୟ ୯ ବର୍ଷରୁ କମ୍ ଚେସ୍‌ରେ ଚାମ୍ପିୟନ ହୋଇ ସେ ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୧୦ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଥିଲେ ସାତ୍ତ୍ୱିକ। ପୂରା ଟୁର୍ନାମେଣ୍ଟରେ ସେ ଅପରାଜେୟ ରହିଥିଲେ। ପଞ୍ଜାବର ଆକର୍ଷ ଗୁପ୍ତାଙ୍କ ବିପକ୍ଷରେ ବିଜୟରୁ ତାଙ୍କ ଅଭିଯାନ ଆରମ୍ଭ ହୋଇଥିଲା। ଏହାପରେ ଉତ୍ତରାଖଣ୍ଡର ଅକ୍ଷତ ଜାନୋତି, ଦିଲ୍ଲୀର ଆରିଭ ଭୋରା, ତାମିଲନାଡୁର ରାୟାନ ମିକାଏଲ ରୋଜାରିଓ, କର୍ନାଟକର ଅଦ୍ୱିକ ଅଭିନବ କ୍ରିଷ୍ଣା, ତାମିଲନାଡୁର ତାମିଜ ଅମୁଧନ ଏସ୍, ତେଲେଙ୍ଗାନାର ଦିଭିଥ ଅଦୁଲ୍ଲା ରେଡ୍ଡୀଙ୍କୁ ହରାଇବା ପରେ ତାମିଲନାଡୁର ଶିଭିନ କେ.ଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲେ। ୯ମ ରାଉଣ୍ଡରେ ସେ ପଶ୍ଚିମବଙ୍ଗର ଆୟାନ ଗୁପ୍ତାଙ୍କୁ ହରାଇ ଥିବାବେଳେ ୧୦ମ ରାଉଣ୍ଡରେ ପଶ୍ଚିମବଙ୍ଗର ଅନ୍ୟତମ ଖେଳାଳି ଅନିକେତ ଦାସଙ୍କ ବିପକ୍ଷରେ ଡ୍ର ରଖି ଟାଇଟଲ ଆଶା ଉଜ୍ଜୀବିତ କରିଥିଲେ। ୧୧ତମ ତଥା ଅନ୍ତିମ ରାଉଣ୍ଡରେ ସେ ମଧ୍ୟପ୍ରଦେଶର ସମୃଦ୍ଧ ଖାରେଙ୍କୁ ପରାସ୍ତ କରି ଏକାକୀ ଅଗ୍ରଣୀ ସହ ମାତ୍ର ୯ ବର୍ଷ ବୟସରେ ହୋଇ ଯାଇଥିଲେ ଜାତୀୟ ଚାମ୍ପିୟନ। ଏହି ଟୁର୍ନାମେଣ୍ଟରୁ ତାଙ୍କୁ ୫୬.୮ ପଏଣ୍ଟର ଫାଇଦା ହୋଇଥିଲା। ପରିବାରରେ ମା'ଙ୍କ ନିକଟରୁ ଚେସ୍ ବୋର୍ଡକୁ ଚିହ୍ନିବା ଶିଖିଥିବା ସାତ୍ତ୍ୱିକ ପରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ବିଶ୍ୱଜିତ ରାୟଙ୍କ ପ୍ରଶିକ୍ଷଣ ସହ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ମାର୍ଗଦର୍ଶନରେ ନିଜ ପ୍ରଦର୍ଶନକୁ ମାର୍ଜିତ କରିଛନ୍ତି।

୨୦୧୬ ଜାନୁଆରୀ ୧୭ରେ ଜନ୍ମିତ ସାତ୍ତ୍ୱିକଙ୍କ ମା ହେଉଛନ୍ତି ସୋନମ ସରିତା ମହାନ୍ତି ଓ ବାପା ସମ୍ବିତ ସ୍ୱାଇଁ।

## ୨୦୨୭ ସୁଦ୍ଧା ଆଇଏମ୍ ଲକ୍ଷ୍ୟ: ବିଶ୍ୱଜିତ୍

ପିଲାବେଳୁ ଘରୋ ମା'ଙ୍କ ନିକଟରୁ ଚେସ୍ ସମ୍ପର୍କରେ ଶିକ୍ଷା ପାଇଥିବା ସାତ୍ତ୍ୱିକ କୋଭିଡ ସମୟରେ କିଙ୍ଗ୍ ଚେସ୍ ଏକାଡେମୀ କୋଚ୍ ବିଶ୍ୱଜିତ ରାୟଙ୍କ ନିକଟରୁ ଅନ୍‌ଲାଇନ୍‌ରେ କୋଚିଂ ନେଇଥିଲେ। ପରେ ୨୦୨୨ ସେପ୍ଟେମ୍ବରରୁ କିଙ୍ଗ୍ ଚେସ୍ ଏକାଡେମୀ ତାଙ୍କ ପ୍ରଶିକ୍ଷଣ କେନ୍ଦ୍ର ପାଲଟି ଯାଇଥିଲା। ସାତ୍ତ୍ୱିକଙ୍କ ଖେଳ ଦେଖି ଦୂରଦ୍ରଷ୍ଟା କୋଚ୍ ବିଶ୍ୱଜିତ ପ୍ରଭାବିତ ହୋଇଥିଲେ ଏବଂ ଏହି ପ୍ରତିଭା ବହୁ ଆଗକୁ ଯିବେ ବୋଲି ଜାଣି ପାରିଥିଲେ। ଏବେ ସାତ୍ତ୍ୱିକ ଯେପରି ଖେଳୁଛନ୍ତି ଯଦି ତାହା ଜାରିରୁହେ ତେବେ ୨୦୨୭ ବେଳକୁ ୧୧ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଟାଇଟଲ ହାସଲ କରିପାରିବେ ବୋଲି ପୂର୍ବାନୁମାନ କରୁଛନ୍ତି ବିଶ୍ୱଜିତ। ତେବେ ଏଥିପାଇଁ ସାତ୍ତ୍ୱିକଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ ଏବଂ ଦେଶ/ବିଦେଶରେ ଅନେକ ଟୁର୍ନାମେଣ୍ଟରେ ଖେଳିବାକୁ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ରହୁଥିବା ଏହି ଚେସ୍ ପ୍ରତିଭା ଏବେ ଚନ୍ଦ୍ରଶେଖରପୁର ଡିଏଭିରେ ୪ର୍ଥ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ। ମାତ୍ର ୬ ବର୍ଷ ବୟସରୁ ଚେସ୍‌ରେ ଗୋଟି ଚାଳନା ଆରମ୍ଭ କରିଥିବା ସାତ୍ତ୍ୱିକ କେବଳ ରାଜ୍ୟ ଏବଂ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ୨୦୨୩ ଅଗଷ୍ଟରେ କଟକର ବାରବାଟୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ରନରଅପ୍ ହୋଇ ଆରମ୍ଭ କରିଥିଲେ ଅଭିଯାନ। ସେହିବର୍ଷ ଭୁବନେଶ୍ୱରସ୍ଥିତ ଇନ୍‌ଫୋସିଟିରେ ଅନୁଷ୍ଠିତ ରାଜ୍ୟ ୭ ବର୍ଷରୁ କମ୍ ଚେସ୍‌ରେ ସେ ଟାଇଟଲ ଅର୍ଜନ କରିଥିଲେ। ପରେ ୨୦୨୪ ଅଗଷ୍ଟରେ କଟକ ଗୋପାଳପୁରସ୍ଥିତ କଳିଙ୍ଗ ଭାରତୀ ରେସିଡେନ୍ସିଆଲ କଲେଜରେ ଆୟୋଜିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ସେ ଚାମ୍ପିୟନ ହୋଇଥିଲେ। ଚଳିତ ବର୍ଷ ଅର୍ଥାତ୍ ୨୦୨୫ ମେ ୩ରୁ ୫ ପର୍ଯ୍ୟନ୍ତ ଭୁବନେଶ୍ୱରର ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜିରେ ଅନୁଷ୍ଠିତ ରାଜ୍ୟ ୯ ବର୍ଷରୁ କମ୍ ଚେସ୍‌ରେ ମଧ୍ୟ ସେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।

୨୦୨୪ ଥିଲା ସାତ୍ତ୍ୱିକଙ୍କ ପାଇଁ ସ୍ମରଣୀୟ ବର୍ଷ। ଏହି ବର୍ଷ ଜୁଲାଇରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ଚେସ୍ ୱାର୍ଲ୍ଡ କପ୍ (୮-୧୨ ବର୍ଷରୁ କମ୍)ର ୮ ବର୍ଷରୁ କମ୍ ଓପନ ବର୍ଗରେ ବ୍ରୋଞ୍ଜ ପଦକ ଜିତି ସେ ରାଜ୍ୟକୁ ଗର୍ବିତ କରିଥିଲେ। ଏହାପରେ ନଭେମ୍ବର ୧୫ରୁ ୨୬ ପର୍ଯ୍ୟନ୍ତ ଇଟାଲୀର ମୋଣ୍ଟେସିଲଭାନେରେ ଆୟୋଜିତ ଫିଡେ ୱାର୍ଲ୍ଡ କ୍ୟାଡେଟ ଚେସ୍‌ର ୮ ବର୍ଷରୁ କମ୍ ବର୍ଗରେ ସେ ରୌପ୍ୟ ପଦକ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ଚାଇନାର ଗୁଓ ଜିମିଙ୍ଗ୍ ଓ ଅନ୍ୟତମ ଭାରତୀୟ ଡିଭିଥ ରେଡ୍ଡୀଙ୍କ ସମକକ୍ଷ ୯ ପଏଣ୍ଟ ପାଇଥିଲେ। ତେବେ ଟାଇବ୍ରେକ୍ ସ୍କୋରରେ ଡିଭିଥ୍ ଚାମ୍ପିୟନ ଓ ସାତ୍ତ୍ୱିକ ରନରଅପ୍ ହୋଇଥିଲେ ଏବଂ ଜିମିଙ୍ଗ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଏବେ ହରିୟାଣାର ଗୁରଗାଓଁରେ ଅନୁଷ୍ଠିତ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ସେ ଟାଇଟଲ ହାସଲ କରି ଓଡ଼ିଶାର ବିଚକ୍ଷଣ ଚେସ୍ ପ୍ରତିଭାଙ୍କ କ୍ଲବରେ ନିଜକୁ ସାମିଲ କରାଇଛନ୍ତି। ସର୍ବଭାରତୀୟ ଚେସ୍ ଫେଡେରେଶନର ପୂର୍ବତନ ଯୁଗ୍ମ ସମ୍ପାଦକ ତଥା ଆୟକର ବିଭାଗର ବରିଷ୍ଠ ଅଧିକାରୀ ରଞ୍ଜନ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇ ସାତ୍ତ୍ୱିକଙ୍କୁ ପୁରସ୍କୃତ କରିଥିଲେ। ଜାତୀୟ ଚେସ୍ ଚାମ୍ପିୟନ ହୋଇଥିବାରୁ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସାତ୍ତ୍ୱିକଙ୍କ ନିକଟକୁ ଏବେ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜ, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ରଞ୍ଜନ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ବାଟ ଦେଖାଇଥିଲା କୋଭିଡ୍

କୋଭିଡ୍ ମହାମାରୀ ସମୟରେ ବାହାରକୁ ବାହାରିବାକୁ ନେଇ ଅନେକ କଟକଣା ରହିଥିଲା। ଏହି ସମୟ ଅନେକଙ୍କ ଜୀବନ ଦୁର୍ବିସହ କରିଥିବାବେଳେ ସାତ୍ତ୍ୱିକଙ୍କୁ କିନ୍ତୁ ଚେସ୍ ବୋର୍ଡ ଧରିବାକୁ ବାଟ ଦେଖାଇଥିଲା। ଘରେ ବସି ଟିଭିରେ କାର୍ଟୁନ ଦେଖିବାରେ ସମୟ ଅତିବାହିତ କରୁଥିବାରୁ ମା' ସୋନମ ସରିତା ତାଙ୍କୁ ଚେସ୍ ଖେଳିବାକୁ ପ୍ରବର୍ତ୍ତାଇଥିଲେ। ମା'ଙ୍କ କଥାକୁ ଗ୍ରହଣ କରି ସାତ୍ତ୍ୱିକ ଚେସ୍‌କୁ ଆପଣେଇଥିଲେ ଏବଂ ସୋସିଆଲ ମିଡିଆ ମାଧ୍ୟମରେ କିଛି ଜ୍ଞାନ ଆହରଣ କରିଥିଲେ। ମାତ୍ର ଏହା ଯେ ତାଙ୍କୁ ଦିନେ ଜାତୀୟ ଚାମ୍ପିୟନ କରାଇବ ତାହା କେବେ ଭାବି ନ ଥିଲେ। ମାତ୍ର ତୁଳସୀ ଦୁଇ ପତ୍ରରୁ ବାସିବାପରି ସାତ୍ତ୍ୱିକଙ୍କ ପ୍ରତିଭା ମହକିଥିଲା। କିଙ୍ଗ୍ ଚେସ୍ ସେଣ୍ଟରରେ ସେ ଚେସ୍‌ର ମୌଳିକତା ଶିକ୍ଷା କରି ସଫଳତାର ସ୍ୱାଦ ଚାଖିଥିଲେ ଏବଂ ପରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ସଂସ୍ପର୍ଶରେ ଆସିବାପରେ ପ୍ରଦର୍ଶନକୁ ମାର୍ଜିତ କରି ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସଫଳତା ହାସଲ କରିଥିଲେ। ତାଙ୍କୁ ବହୁ ଆଗକୁ ନେବାକୁ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ସାତ୍ତ୍ୱିକଙ୍କ ବାପା ସମ୍ବିତ ସ୍ୱାଇଁ।

## ଅଧୁରା ସ୍ୱପ୍ନ ପୂରଣ କରିବାକୁ ଚାହେଁ: ଦେବାଶିଷ

"୨୦୨୩ ଡିସେମ୍ବର ୮ରେ ସାତ୍ତ୍ୱିକ ମୋ ନିକଟକୁ ଆସିଥିଲେ। ସେବେଠାରୁ ମୋ ସହ ଅଛନ୍ତି। ସେତେବେଳେ ତାଙ୍କ ରେଟିଂ ଥିଲା ୧୨୩୦। ଏବେ ତାଙ୍କ ରେଟିଂ ୧୯୦୦ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ସେ ଜଣେ କ୍ୱାଲିଟି ଖେଳାଳି। ମୁଁ ସାଧାରଣତଃ ମୋ ଛାତ୍ର ମାନଙ୍କ ସହ ଫଟୋ ନେଇ ନ ଥାଏ। ମାତ୍ର ସାତ୍ତ୍ୱିକଙ୍କୁ ଯେବେ ପ୍ରଥମେ ଦେଖିଲି ତାଙ୍କସହ ଫଟୋ ଉଠାଇବାକୁ ଇଚ୍ଛାହେଲା। ଏ ପିଲା ଦିନେ ବହୁ ଆଗକୁ ଯିବ ବୋଲି ମୋର ଅନୁଭବ ହୋଇଥିଲା। ଏବେ ତାହା ସତ ହେବାକୁ ଲାଗିଛି। ୧୩ ବର୍ଷରେ ମୁଁ ଆର.ବି. ରମେଶଙ୍କଠାରୁ ଗ୍ରାଣ୍ଡମାଷ୍ଟର ଟ୍ରେନିଂ ନେବା ଆରମ୍ଭ କରିଥିଲି। ଆର୍ଥିକ ସଙ୍କଟରୁ ଆରମ୍ଭକରି ସେତେବେଳେ ମୁଁ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲି। ତେବେ ଜୀବନରେ ଅନେକକିଛି ହାସଲ କରିଛି ଏବଂ ଆହୁରି ଅନେକ ବାକି ରହିଛି। ମୁଁ ସେତେବେଳେ ଖେଳରେ ଯେଉଁ ତ୍ରୁଟି କରିଥିଲି ତାହା ସାତ୍ତ୍ୱିକଙ୍କ ଖେଳରେ ସୁଧାରିବାକୁ ଚେଷ୍ଟା କରୁଛି। ସାତ୍ତ୍ୱିକଙ୍କ ମାଧ୍ୟମରେ ମୁଁ ମୋ ମନର ଅଭିଳାଷ ପୂରଣ ସହ ଅଧୁରା ସ୍ୱପ୍ନକୁ ସାର୍ଥକ କରିବାକୁ ଚାହେଁ। ସେ ୧୪ ବର୍ଷରେ ଗ୍ରାଣ୍ଡମାଷ୍ଟର ହୁଅନ୍ତୁ ଏବଂ ୧୮ ବର୍ଷ ବେଳକୁ ତାଙ୍କ ରେଟିଂ ୨୭୦୦ ସ୍ପର୍ଶ କରୁବୋଲି ମୁଁ ଚାହୁଁଛି। ତାଙ୍କୁ ଏବେ ସରକାରୀ ଏବଂ ବେସରକାରୀ ସ୍ତରରୁ ସପୋର୍ଟ ଆବଶ୍ୟକ ହେଉଛି। କୌଣସି ନିର୍ଦ୍ଦିଷ୍ଟ ଗେମ୍‌ରେ ସୁଧାର ନୁହେଁ ବରଂ ତାଙ୍କୁ ଜଣେ କମ୍ପ୍ଲିଟ୍ ଚେସ ଖେଳାଳିଭାବେ ପରିଣତ କରିବାକୁ ମୋର ଇଚ୍ଛା ଅଛି" ବୋଲି ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ପ୍ରକାଶ କରିଛନ୍ତି।



କୋଚ୍ ବିଶ୍ୱଜିତ ରାୟ ଓ ଦେବାଶିଷ ଦାସଙ୍କ ସହ ସାତ୍ତ୍ୱିକ।

# ଆଶାରେ ସମ୍ବିତ୍

**ମୁମ୍ବାଇରେ ଅନୁଷ୍ଠିତ ସର୍ବପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଓଡ଼ିଶାର ୪ ଖେଳାଳି ବିଭିନ୍ନ ଦଳର ପ୍ରତିନିଧିତ୍ୱ କରିଥିଲେ। ହାଇଦ୍ରାବାଦ୍ ହିରୋଜ୍ ପକ୍ଷରୁ ଖେଳିଥିବା ସମ୍ବିତ୍ ପ୍ରଧାନ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଅନେକ ବିଦେଶୀ ଓ ତାରକା ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ସେ ଦଳର ନିୟମିତ ସଦସ୍ୟ ଥିଲେ...**



ମୁମ୍ବାଇରେ ଅନୁଷ୍ଠିତ ସର୍ବପ୍ରଥମ ରଗ୍‌ବୀ ପ୍ରିମିୟର ଲିଗ(ଆର୍‌ପିଏଲ୍)ରେ ଓଡ଼ିଶାର ୪ ଖେଳାଳି ବିଭିନ୍ନ ଦଳର ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ ସମ୍ବିତ ପ୍ରଧାନ ଅନ୍ୟତମ। ସମ୍ବିତ ସାମିଲଥିବା ହାଇଦ୍ରାବାଦ୍ ହିରୋଜ୍ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ଲିଗ୍ ପର୍ଯ୍ୟାୟରେ ଦଳ ୧୦ ମ୍ୟାଚରୁ ୯ ବିଜୟ ଓ ୧ ପରାଜୟ ସହ ୩୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ଦଳର ସଫଳ ପ୍ରଦର୍ଶନ ପଛରେ ଜୋଜି ନାସୋଭା, କେଭିନ ୱେକେସା, ଟେରିଓ ଟାମାନିଙ୍କ ଭଳି ବିଦେଶୀ ମାର୍କା ଖେଳାଳିଙ୍କ ସହ ଜାଭେଦ ହୁସେନ ଓ ସୁକୁମାର ହେମ୍ବ୍ରମ୍‌ଙ୍କ ଭଳି ଭାରତୀୟ ଖେଳାଳିଙ୍କ ଅବଦାନ ମଧ୍ୟ ରହିଥିଲା। ଫରୱାର୍ଡ ସମ୍ବିତ୍ ପ୍ରଧାନ ଦଳର ନିୟମିତ ଖେଳାଳି ପାଲଟିଥିଲେ। ଦଳ ପାଇଁ ସେ ସମସ୍ତ ମ୍ୟାଚ୍ ଖେଳିଥିଲେ।

ଦଳର ଲକର ରୁମ୍ ପରିବେଶ ସମ୍ପର୍କରେ ସମ୍ବିତ୍ କହିଛନ୍ତି, ଆମ ଦଳ ମଧ୍ୟରେ ଖୁବ୍ ଭଲ ପରିବେଶ ରହିଥିଲା। ଆମେ ଯଦିଓ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସଠାରୁ ପରାଜିତ ହୋଇଥିଲୁ ତେବେ କେହି ଆମ ଭୁଲ୍‌କୁ ଧରି ନଥିେ କିମ୍ବା ପରାଜୟ ଲାଗି କାହାକୁ ଦାୟୀ କରି ନ ଥିଲେ। ଏପରିକି ଆମ କୋଚ୍ ଡିଜେ ଫୋର୍ବ୍ସ ଆମ ମନୋବଳକୁ ଉପରେ ରଖିବା ପାଇଁ ବର୍ଗର ପାର୍ଟି ଦେଇଥିଲେ। ପରବର୍ତ୍ତୀ ମ୍ୟାଚ୍ ଲାଗି ଆମ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲୁ। ଆର୍‌ପିଏଲ୍ ଯୋଗୁ ଭାରତୀୟ ଖେଳାଳିଙ୍କ ଉପରେ ବିଦେଶୀ ଖେଳାଳିଙ୍କ ପ୍ରଭାବ ସମ୍ପର୍କରେ ସେ ପ୍ରକାଶ କରି କହିଛନ୍ତି ମୁଁ କଦାପି ଚିନ୍ତା କରି ନ ଥିଲି ଯେ, ମୁଁ ଏବେ ବଡ଼ ବଡ଼ ଅନ୍ତର୍ଜାତୀୟ ରଗ୍‌ବୀ ଷ୍ଟାରଙ୍କ ସହ ଖେଳିବି। ସେମାନଙ୍କୁ ମୁଁ ପୂର୍ବରୁ କେବଳ ଟିଭିରେ ଦେଖିଥିଲି। ଟେକ୍‌ନିକାଲି ସେମାନେ ବହୁତ ଭଲ। ସେମାନେ ସର୍ବଦା ନିଜ ବେସିକ୍ ଉପରେ ଧ୍ୟାନ ଦିଅନ୍ତି। ମ୍ୟାଚ୍ ଖେଳିଲାବେଳେ ସେମାନେ ଖୁବ୍ ଶାନ୍ତ ରୁହନ୍ତି। ଏଣୁ ସେମାନେ ଭୟଭୀତ ହୁଅନ୍ତି ନାହିଁ। ଏଥିଯୋଗୁ ସେମାନଙ୍କର ଭୁଲ୍ କମ୍ ହୁଏ। ଆମେ ଭାରତୀୟ ଖେଳାଳିମାନେ ନିଜ ତ୍ରୁଟିକୁ ଯଥାସମ୍ଭବ କମ୍ କରିବାକୁ ଚେଷ୍ଟା କରୁଛୁ। ଆମକୁ ଶୀର୍ଷସ୍ତରର ଖେଳ ପ୍ରଦର୍ଶନ କରିବା ଦରକାର। ସେ ପୁଣି ଆର୍‌ପିଏଲ୍ ସମ୍ପର୍କରେ କହିଛନ୍ତି, ଆଗାମୀ ୩ରୁ ୪ ବର୍ଷରେ ଆର୍‌ପିଏଲ୍ ଯୋଗୁ ନୂଆ ଭାରତୀୟ ଖେଳାଳି ଆଗକୁ ଆସିବେ। ଏହି ଲିଗ୍ ଜରିଆରେ ସେମାନେ ନିଜ ସ୍କିଲ ସୁଧାରିବେ ଓ ସେମାନଙ୍କ ପ୍ରତିଭା ପ୍ରଦର୍ଶିତ କରିବେ। ଯେମିତି ମୋ ସାଥୀ ଖେଳାଳି ଜାଭେଦ ହୁସେନ ଖୁବ୍ ଭଲ କରୁଛନ୍ତି ଏବଂ ନିଜ ପ୍ରଦର୍ଶନ ବଳରେ ଲୋକପ୍ରିୟତା ହାସଲ କରିଛନ୍ତି। ଏପରି ଆହୁରି ଅନେକ ଖେଳାଳି ଲୋକଲୋଚନକୁ ଆସିବେ।

୨୭ ବର୍ଷୀୟ ସମ୍ବିତ୍‌ଙ୍କ ଘର କଟକ ଜିଲା ଅଡଶପୁର। ସେ ଏକ ଚାଷୀ ପରିବାରରୁ ଆସିଛନ୍ତି। ସେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ କଲେଜରେ ପଢ଼ିବା ବେଳେ ରଗ୍‌ବୀ ସହ ପରିଚିତ ହୋଇଥିଲେ। ଏଠାରୁ ତାଙ୍କ ରଗ୍‌ବୀ ଅଭିଯାନ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି ଯେ, କଲେଜରେ ଜଣେ ସିନିୟର ମୋତେ ରଗ୍‌ବୀ ଖେଳିବାକୁ କହିଥିଲେ। ମୁଁ ଇଚ୍ଛୁକ ନ ଥିଲି। କିନ୍ତୁ ସେ ମୋତେ କହିଥିଲେ ଯେ, ତୁମକୁ ଷ୍ଟାଡିୟମରେ ଖେଳିବାକୁ ମିଳିବ। ଏହା ମୋ ଉତ୍ସାହ ବଢ଼ାଇ ଦେଇଥିଲା। କାରଣ ମୁଁ ପୂର୍ବରୁ କୌଣସି ଷ୍ଟାଡିୟମରେ କୌଣସି ପ୍ରକାର ଖେଳ ଖେଳି ନ ଥିଲି। ଏମିତି ମୁଁ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲି। ଏହାପରେ ମୁଁ ଓଡ଼ିଶା ପାଇଁ ଜାତୀୟ ସିନିୟର ସ୍ତରରେ ଖେଳିଥିଲି ଏବଂ ମୋ ରଗ୍‌ବୀ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୧୫ରେ ମୁଁ ଜାତୀୟ ସିନିୟର ପ୍ରତିଯୋଗିତା ଲାଗି ବିହାର ଯାଇଥିଲି, ଯେଉଁଠାରେ ମୁଁ ନିଜ ଗେମ୍‌କୁ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଥିଲି। ମୋ ଦଳରେ ମୁଁ ସବୁଠୁ ଯୁବ ଖେଳାଳି ଥିଲି ଏବଂ ନିଜକୁ ପ୍ରମାଣିତ କରିବାକୁ ଚାହୁଁଥିଲି। ସମ୍ବିତ୍ ନିଜ ରାଜ୍ୟ ଓ କ୍ଲବ ପାଇଁ ନିୟମିତ ଭାବେ ଟୁର୍ନାମେଣ୍ଟରେ ଖେଳୁଛନ୍ତି। ୨୦୧୯ରେ ସେ ଆହତ ହୋଇଥିଲେ। ଏଥିଯୋଗୁ ୩ ବର୍ଷ ତାଙ୍କୁ ରଗ୍‌ବୀଠାରୁ ଦୂରେଇ ରହିବାକୁ ପଡ଼ିଥିଲା। 'ମୁଁ ଅମ୍ରିତ୍‌ସରରେ ଏକ ଟୁର୍ନାମେଣ୍ଟରେ ଖେଳୁଥିବା ବେଳେ ମୋ ହାତ ଭାଙ୍ଗିଯାଇଥିଲା। ଏଥିଯୋଗୁ ମୋତେ ୩ ବର୍ଷ ଖେଳଠାରୁ ଦୂରେଇ ରହିବାକୁ ପଡ଼ିଥିଲା। ମୋର ସରକାରୀ ହସ୍ପିଟାଲରେ ଅପରେଶନ କରାଯାଇଥିଲା। ମୁଁ ପୁଣି ଥରେ ରଗ୍‌ବୀ ଖେଳିପାରିବି କି ନାହିଁ ଚିନ୍ତାରେ ଥିଲି। କିନ୍ତୁ ମୁଁ ରଗ୍‌ବୀ ଖେଳିବା ଜାରି ରଖିପାରିବି ବୋଲି ମୋତେ ଡାକ୍ତରମାନେ ଆଶ୍ୱାସନା ଦେଇଥିଲେ, ଯାହାକି ମୋ ଆତ୍ମବିଶ୍ୱାସ ବଢ଼ାଇଥିଲା। ଏହାପରେ ମୁଁ ଏକ ସ୍କୁଲରେ ପାର୍ଟଟାଇମ୍ ଜବ୍ କରିବା ସହ ମୋ ରିକଭରି ଉପରେ କଠିନ ପରିଶ୍ରମ କରିଥିଲି। ସେହି ସ୍କୁଲରେ ପିଲାମାନଙ୍କୁ ମୁଁ ବିଭିନ୍ନ ଖେଳ ସମ୍ପର୍କରେ ଶିଖାଉଥିଲି। ୨୦୨୨ରେ ମୁଁ ପୁଣି ଥରେ ଭୁବନେଶ୍ୱର ରଗ୍‌ବୀ କ୍ଲବ ପାଇଁ ଖେଳିବା ଆରମ୍ଭ କରିଥିଲି, ଯାହାଫଳରେ ମୁଁ ଆଜି ରଗ୍‌ବୀ ପ୍ରିମିୟର ଲିଗ୍‌ରେ ଖେଳିପାରୁଛି ବୋଲି ସେ ପ୍ରକାଶ କରିଛନ୍ତି।

## ସ୍ମରଣୀୟ

ବିଗ୍ ଉଇକେଟ ଡକେଟ ପଛକୁ
ହ୍ୟାରୀ ଉଇକେଟ ନେଇ
ଶାର୍ଦ୍ଦୂଳ ଠାକୁର ବ୍ରେକ୍ ଥ୍ରୁ ଗିଲ୍‌ର
ମନ ଟାଣ କଲା ଭାଇ
ଜେମି, ରୁଟ୍ ଦେଲେ ଥୋଇ
ଟାମ୍ବ ମାରି ଡ୍ୟାମ୍ବ କଲେ, ଇଂଲଣ୍ଡକୁ
ସ୍ମରଣୀୟ ୱିନ୍ ଦେଇ।

ବାଇଶ ବର୍ଷୀୟ ଆମ ତିଳକ ବର୍ମା
ହାମ୍ପଶାୟାର ପାଇଁ ଖେଳି
କାଉଣ୍ଟି ଚାମ୍ପିୟନଶିପ୍
ପଦାର୍ପଣ ମ୍ୟାଚରେ
ଶହେ କଲା ମାର ତାଳି
ଇଏ ସ୍ମରଣୀୟ ପାଳି
ଚାରି ଦିନିକିଆ ପଚିଶ ଟିଓ୍ୱେଣ୍ଟି
ଖେଳି ଟୋକା ଯାଏ ଜଳି।



ନ' ବର୍ଷରୁ କମ୍ ଜାତୀୟ ଓପନ ଚେସ୍
ଓଡ଼ିଶା ସାତ୍ତ୍ୱିକ ସ୍ୱାଇଁ
ତିନିଶ ଅଠର ଖେଳାଳିଙ୍କୁ କାଟି
ଚାମ୍ପିୟନ ଏଇ କଇଁ
ଡିଜିଟାଲ ପଛେ ଧାଇଁ
କିଶୋର ଏଣ୍ଡ ୟୁଥ୍ ଫ୍ୟୁଚର ଡ୍ୟାମେଜ
ମୋବାଇଲ ଚାହିଁ ଚାହିଁ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୪/୨୦୨୫ Bhubaneswar, Friday, July 4/ 2025

# ଗିଲ୍ ୨୬୯: ଭାରତ ୫୮୭

**ବର୍ମିଂହାମ,୩।୭**

ଇଂଲଣ୍ଡ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଧିନାୟକ ଶୁବମନ ଗିଲ୍ଙ୍କ ୨୬୯ ରନର ଦ୍ୱିଶତକୀୟ ପାଳି ଯୋଗୁ ଭାରତୀୟ ଦଳ ପ୍ରଥମ ଇନିଂସରେ ବିଶାଳ ସ୍କୋର କରିଛି। ଭାରତ ୧୫୧ ଓଭରରେ ୫୮୭ ରନ କରି ଅଲ୍ଆଉଟ୍ ହୋଇଯାଇଛି। ଏହି ମ୍ୟାଚ୍‌ରେ ଗିଲ୍ ଭାରତୀୟ ଅଧିନାୟକ ଭାବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି।

ଗୁରୁବାର ଭାରତୀୟ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର

**ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ**

୩୧୦/୫ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଗିଲ୍ ଓ ରବୀନ୍ଦ୍ର ଜାଡେଜା ସତର୍କତା ସହିତ ଦିନର ପ୍ରଥମ ସେଶନରେ ଖେଳିଥିଲେ। ଦୁହେଁ ଷଷ୍ଠ ଉଇକେଟ ପାଇଁ ୨୦୩ ରନର ଭାଗୀଦାରି କରି ଦଳୀୟ ସ୍କୋରକୁ ୪୦୦ ପାର କରାଇଥିଲେ। ୧୩୭ ବଲରେ ୧୦ ଚୌକା ଓ ୧ ଛକା ସହିତ ୮୯ ରନ କରି ଶତକ ଆଡ଼େ ଅଗ୍ରସର ହେଉଥିବା ଜାଡେଜା ପ୍ରତିପକ୍ଷ ଦଳର ପେସର ଜୋଶ ଟଙ୍ଗଙ୍କ ଏକ ବାଉନ୍ସର ବଲରେ ଉଇକେଟ କିପର ଜେମି ସ୍ମିଥଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଜାଡେଜା ପ୍ୟାଭିଲିଅନ ଫେରିବା ପରେ ଗିଲ୍ଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ୱାଶିଂଟନ ସୁନ୍ଦର। ଗୋଟିଏ ପକ୍ଷରୁ ଗିଲ୍ ଆଟାକିଂ ବ୍ୟାଟିଂ କରୁଥିବା ବେଳେ ସୁନ୍ଦର ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳିଥିଲେ। ଦୁଇ ବ୍ୟାଟର ସପ୍ତମ ଉଇକେଟରେ ଦଳୀୟ ସ୍କୋରରେ ୧୪୪ ରନ ଯୋଡ଼ିଥିଲେ। ଇତିମଧ୍ୟରେ ଗିଲ୍ ଦ୍ୱିଶତକ ପୂରଣ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଦ୍ୱିଶତକ ଥିବା ବେଳେ ସେ ଭାରତର ପଞ୍ଚମ ଟେଷ୍ଟ ଅଧିନାୟକ ଭାବେ ଦ୍ୱିଶତକ ହାସଲ କରିଥିଲେ। ଭଲ ବ୍ୟାଟିଂ କରୁଥିବା ସୁନ୍ଦରଙ୍କୁ ଜୋ ରୁଟ୍ କ୍ଲିନ ବୋଲ୍ଡ କରିଥିଲେ। ସୁନ୍ଦର ୩ ଚୌକା ଓ ୧ ଛକା ସହିତ ୪୨ ରନ କରି ଆଉଟ୍ ହୋଇଥିଲେ। ଚା' ପାନ ବିରତି ପରେ ଗିଲ୍ ଟଙ୍ଗଙ୍କ ଏକ ସର୍ଟ ପିଚ୍ ବଲକୁ ପୁଲ ମାରିବାକୁ ଯାଇ ସ୍କୋୟାର ଲେଗ୍‌ରେ ଓଲି ପୋପ୍ଙ୍କ ହାତରେ ଧରା ପଡ଼ିଥିଲେ। ସେ ଆଉଟ୍ ହେବା ପୂର୍ବରୁ ୩୮୭ ବଲରେ ୩୦ ଚୌକା ଓ ୩ ଛକା ସହିତ ୨୬୯ ରନ କରିଥିଲେ। ଏହା ଭାରତୀୟ ଅଧିନାୟକଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତିଗତ ସ୍କୋର। ପରବର୍ତ୍ତୀ ଓଭରରେ ଆକାଶ ଦୀପ ଆଉଟ୍ ହୋଇଥିଲେ। ମହମ୍ମଦ ସିରାଜ ୮ ରନ୍ କରି ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରେ ପ୍ରସିଦ୍ଧ କ୍ରିଷ୍ଣା ୫ ରନ୍ କରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ ବସୀର ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରିସ ୱୋକ୍ସ ଓ ଜୋଶ ଟଙ୍ଗ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ବ୍ରାଇଡନ କାର୍ସ, ଅଧିନାୟକ ବେନ ଷ୍ଟୋକ୍ସ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୫୧ ଓଭରରେ ୫୮୭/ଅଲ୍ଆଉଟ୍ (ଶୁବମନ ଗିଲ-୨୬୯, ରବୀନ୍ଦ୍ର ଜାଡେଜା-୮୯, ଯଶସ୍ୱୀ ଜୟସ୍ୱାଲ-୮୭, ୱାଶିଂଟନ ସୁନ୍ଦର-୪୨, କ୍ରିସ ୱୋକ୍ସ-୨/୮୧, ଜୋଶ ଟଙ୍ଗ-୨/୧୧୭, ଶୋଏବ ବସୀର-୩/୧୬୭)।



ଦ୍ୱିଶତକ ହାସଲ ପରେ ଉଲ୍ଲସିତ ଶୁବମନ ଗିଲ୍।

## ମିଳିତ ଶୀର୍ଷରେ ଗୁକେଶ

**ଜାଗ୍ରେଭ,୩।୭(ପି.ଟି.)**

ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ ଲଗାତର ଦୁଇ ବିଜୟ ସହ ସୁପର ୟୁନାଇଟେଡ୍ ରାପିଡ ଆଣ୍ଡ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ଦିନ ଶେଷ ସୁଦ୍ଧା ମିଳିତ ଶୀର୍ଷରେ ରହିଛନ୍ତି। ତାଙ୍କ ସହିତ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନ, ପୋଲାଣ୍ଡର ଦୁଦାଜାନ-କ୍ରଜିସଟଫ ଓ ଆମେରିକାର ୱେସଲେ ସୋ ଶୀର୍ଷରେ ରହିଛନ୍ତି।

ଦୁଦାଙ୍କଠାରୁ ମିଳିଥିବା ପରାଜୟ ସହ ଦିନ ଆରମ୍ଭ କରିଥିବା ଗୁକେଶ ଦ୍ୱିତୀୟ ମ୍ୟାଚ୍‌ରେ ଫ୍ରାନ୍ସର ଅଲିରେଜା ଫିରୌଜା ଓ ଭାରତର ଅନ୍ୟତମ ଖେଳାଳି ଆର ପ୍ରଜ୍ଞାନନ୍ଦଙ୍କୁ ହରାଇଛନ୍ତି। ତାଙ୍କ ପାଖରେ ୪ ପଏଣ୍ଟ ରହିଛି। ନରୱେର କ୍ଲାସେନ ପ୍ରଥମ ମ୍ୟାଚ୍‌ରେ ୱେସଲେ ସୋଙ୍କୁ ପରାସ୍ତ କରିଥିବା ବେଳେ ବଳକା ଦୁଇଟି ମ୍ୟାଚ୍‌କୁ ଡ୍ର' ରଖିଥିଲେ। ଗୁକେଶଙ୍କ ଭଳି ୱେସଲେଙ୍କୁ ମଧ୍ୟ ଗୋଟିଏ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ଆମେରିକାର ଫାବିଆନୋ କାରୁଆନା ଓ ହଲାଣ୍ଡର ଅନୀଶ ଗିରିଙ୍କୁ ପରାସ୍ତ କରିଥିଲେ। ଫର୍ମରେ ଥିବା ପ୍ରଜ୍ଞାନନ୍ଦଙ୍କ ଲାଗି ଆଜି ଏକ କଷ୍ଟକର ଦିନ ରହିଥିଲା। ସେ ଗୁକେଶଙ୍କଠାରୁ ପରାସ୍ତ ହୋଇଥିବା ବେଳେ ଫିରୌଜା ଓ ଉଜ୍‌ବେକିସ୍ତାନର ନୋଡିର୍ବେକ ଆବଦୁସାଟୋରୋଭଙ୍କ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିଲେ।

## ପୂର୍ବତନ ଫୁଟବଲରଙ୍କ ପରଲୋକ

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**


ସୁକାନ୍ତ ଦତ୍ତରାୟ

ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ସୁକାନ୍ତ ଦତ୍ତରାୟଙ୍କର କଟକସ୍ଥିତ ସୂତାହାଟ ବାସଭବନରେ ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି। ଦ୍ୱିତୀୟ ଝିଅ ବେଙ୍ଗାଲୁରୁରୁ ଆସିବାପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଦତ୍ତରାୟ ଜାତୀୟ ଫୁଟବଲ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଅନେକ ବର୍ଷଧରି ପ୍ରତିନିଧିତ୍ୱ କରିଥିଲେ। ପରେ ସେ ଓଡ଼ିଶା ସିନିୟର ଫୁଟବଲ ଦଳର କୋଚ୍ ମଧ୍ୟ ଥିଲେ। ଏହା ବ୍ୟତୀତ ସେ ଜୟଦୁର୍ଗା ଏବଂ ରୋହିତ ଏକାଡେମୀରେ କୋଚ୍‌ଭାବେ କାର୍ଯ୍ୟ କରିଥିଲେ। ଦତ୍ତରାୟ ଏବଂ ତାଙ୍କ ସ୍ତ୍ରୀ ଉଭୟେ ଭୁବନେଶ୍ୱରସ୍ଥିତ ଏଜି ଅଫିସରେ କାର୍ଯ୍ୟ କରୁଥିଲେ। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସହ ସମସ୍ତ କର୍ମକର୍ତ୍ତା, ଭୁବନେଶ୍ୱର ଫୁଟବଲ ପ୍ଲେୟର୍ସ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ତଥା ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଦଣ୍ଡସେନା, ସୁସ୍ମିତା, ସୁମନଙ୍କୁ ସ୍ୱର୍ଣ୍ଣ


ଅଶୋକ ଦଣ୍ଡସେନା


ସୁସ୍ମିତା ଟିଗା



ସୁମନ ଶେଖର ଦାସ

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

ଇଂଲଣ୍ଡର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶାର ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗାଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ଗୁରୁବାର ଏହି ଦୁଇ ଆଥ୍‌ଲେଟ୍ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଦଣ୍ଡସେନା ପୁରୁଷ ୧୫୦୦ ମିଟର ରେସ୍‌ରେ ୪:୧୩.୨୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ସୁସ୍ମିତା ମହିଳା ୧୫୦୦

**ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ**

ମିଟରରେ ୪:୩୭.୯୧ ସେକେଣ୍ଡ ସହିତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ପୁରୁଷ ୮୦୦ ମିଟରରେ ଦଣ୍ଡସେନା ସ୍ୱର୍ଣ୍ଣ ଓ ମହିଳା ୮୦୦ ମିଟରରେ ସୁସ୍ମିତା ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ସ୍ୱର୍ଣ୍ଣିମ ଅଭିଯାନରେ ଆଉଜଣେ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଦଣ୍ଡସେନା ଓ ସୁସ୍ମିତା ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି।

## ସମ୍ବର୍ଦ୍ଧିତ ହେବେ ୧୦ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ):** ପୁରୀର ପ୍ରଥମ କୁସ୍ତିଗୁରୁ ଭାବେ ପରିଚିତ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଚଳିତ ମାସ ୧୨ ତାରିଖରେ ୧୦ମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ଓ କ୍ରୀଡ଼ାଗୁରୁ ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କ୍ରୀଡ଼ାବିତ୍‌ମାନେ ହେଲେ ଉଷୁ ସାମରିକ କଳା ପାଇଁ ଯୁଗ୍ମ ଭାବେ ପାୟଲ ପଟ୍ଟନାୟକ ଓ ନୂପୁର ପଟ୍ଟନାୟକ, କୁସ୍ତିରେ ରୋହିତ୍ ସାମଲ, ଫୁଟ୍‌ବଲ ପାଇଁ ଈପ୍‌ସିତା ରାଉତ, ବନ୍ଧୁକ ଚାଳନା ପାଇଁ କଣିକା ପ୍ରଧାନ ଓ ମୁକୁନ୍ଦ ବରାଳ ସ୍ମାରକୀ ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ଆଥ୍‌ଲେଟିକ୍ସ ପାଇଁ ସମୀକ୍ଷା ସ୍ମରଣିକା। ସେହିପରି କ୍ରୀଡ଼ାଗୁରୁ ଭାବେ କୁସ୍ତିଗୁରୁ କଣ୍ଡୁରି ମହାସୁଆର, ଉଷୁ କ୍ରୀଡ଼ା ପାଇଁ ପୃଥ୍ୱୀରାଜ ହରିଚନ୍ଦନ, ଫୁଟ୍‌ବଲରେ ଊର୍ମିଳା କୁମାରୀ ଦାସ, ମିନି ଗଲ୍ଫ ପାଇଁ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସାମରିକ କଳା ପାଇଁ ବାସୁଦେବ ସାହୁଙ୍କୁ ସମ୍ମାନିତ କରାଯିବ ବୋଲି ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ପୀୟୂଷ ମହାନ୍ତି ଓ କୈବଲ୍ୟ ବରାଳ ସୂଚନା ଦେଇଛନ୍ତି। ଉତ୍ସବରେ ସାଂସ୍କୃତିକ ଅନୁଷ୍ଠାନ ସୁର ତରଙ୍ଗ ପକ୍ଷରୁ ଦିବଙ୍ଗତ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

## ଜାତୀୟ ସିନିୟର ମିନିଗଲ୍ଫରେ ଓଡ଼ିଶାର ସଫଳତା


ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସହ ଜାତୀୟ ସିନିୟର ମିନିଗଲ୍ଫରେ ସଫଳତା ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ)**

ନାଗପୁରରେ ଅନୁଷ୍ଠିତ ୧୦ମ ଜାତୀୟ ସିନିୟର ମିନିଗଲ୍ଫ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ବର୍ଗରେ ଓଡ଼ିଶା ଦ୍ୱିତୀୟ ଓ ପୁରୁଷ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଛି। ମିକ୍ସ ଡବଲ୍ସ ଇଭେଣ୍ଟରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ଅଭିପ୍ସା ପଣ୍ଡା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବ୍ୟକ୍ତିଗତ ମହିଳା ବର୍ଗରେ ଲତା ସମର୍ଥ ସ୍ୱର୍ଣ୍ଣ ଜିତିଥିବାବେଳେ ଆନିକା ପଟ୍ଟନାୟକ ବ୍ରୋଞ୍ଜ ପାଇଛନ୍ତି। ମହିଳା ଦଳଗତ ଇଭେଣ୍ଟରେ ଅଭିପ୍ସା ପଣ୍ଡା, ସୌମ୍ୟଶ୍ରୀ ରଥ, ଆନିକା ପଟ୍ଟନାୟକ, ଅଦିତି ପଟେଲ, ରେଶମା ମାଝୀ, ଆୟେସା ଘଟୁଆଲୋ ରୌପ୍ୟ ପଦକ ଜିତିଛନ୍ତି। ମହିଳା ଡବଲ୍ସରେ ସୌମ୍ୟଶ୍ରୀ ରଥ ଓ ଅଭିପ୍ସା ପଣ୍ଡାଙ୍କୁ ରୌପ୍ୟ ଏବଂ ପୁରୁଷ ଡବଲ୍ସରେ କୁମାର ଦେବଦତ୍ତ ଓ କୁମାର ଦେବଜିତଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ସ୍ୱିଡ୍ ମିନିଗଲ୍ଫ ଇଭେଣ୍ଟରେ ଅଭିପ୍ସା ପଣ୍ଡା, ଲତା ସମର୍ଥ, ରେଶମା ମାଝି, ଅଦିତି ପଟେଲ, ଆୟଶା ଘଟୁଆଲୋ ଓ ସ୍ମରଣୀକା ମହାନ୍ତିଙ୍କୁ ନେଇ ଗଠିତ ମହିଳା ଦଳ ରୌପ୍ୟ, ମିକ୍ସଡ ଡବଲ୍ସରେ କୁମାର ଦେବଜିତ ଓ ଆନିକା ପଟ୍ଟନାୟକ ବ୍ରୋଞ୍ଜ ଜିତିଛନ୍ତି। ଓଡ଼ିଶା ଦଳ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାପରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏସ୍‌ଡି ସ୍ୱରୂପାନନ୍ଦ ସାହୁ, ଅର୍ଥ ପରାମର୍ଶଦାତା ନେଲସାନ ଲାକଡ଼ା ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜୋକୋଭିଚ୍, ଆନ୍ଦ୍ରିଭା ୩ୟ ରାଉଣ୍ଡରେ

**ଲଣ୍ଡନ,୩।୭ (ପି.ଟି.)**

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ କୋକୋଭିଚ୍ ୱିମ୍ବଲେଡନ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଷଷ୍ଠ ସିଡ୍ ଜୋକୋଭିଚ୍ ୬-୩, ୬-୨, ୬-୦ ସିଧାସଳଖ ସେଟ୍‌ରେ ବ୍ରିଟେନର ଡାନ ଇଭାନ୍ସଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ୧୧ତମ ସିଡ୍ ଆଲେକ୍ସ ଡି ମିନାଉର ୪-୬, ୬-୨, ୬-୪, ୬-୦ ସେଟ୍‌ରେ ଆର୍ଥର କାଜାକ୍ସଙ୍କୁ ଓ ୧୫ତମ ସିଡ୍ ଜ୍ୟାକବ ମେନସିକ ୬-୪, ୩-୬, ୬-୪, ୭-୬(୭/୪) ସେଟ୍‌ରେ ମାର୍କସ ଗିରୋନଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମିଓମିର କେସମାନୋଭିକ୍ ୧-୬, ୬-୩, ୬-୨, ୬-୪ ସେଟ୍‌ରେ ଜେସ୍ପର ଡି ଜଙ୍ଗଙ୍କୁ, ୨୨ତମ ସିଡ୍ ଫ୍ଲାବିଓ କୋବୋଲି ୬-୧, ୭-୬(୮/୬), ୬-୨ ସେଟ୍‌ରେ ବ୍ରିଟେନର ଜ୍ୟାକ ପିନିଂଟନ ଜୋନ୍ସଙ୍କୁ ହରାଇଛନ୍ତି।

ମହିଳା ସିଙ୍ଗଲ୍ସରେ ସ୍ୱଳ୍ପ ବୟସ୍କା ତଥା ୭ମ ସିଡ୍ ରୁଷିଆର ମୀରା ଆନ୍ଦ୍ରିଭା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କୋର୍ଟ ନମ୍ବର-୧ରେ ସେ ବିଶ୍ୱର ୬୩ ନମ୍ବର ଖେଳାଳି ଇଟାଲୀର ଲୁସିଆ ବ୍ରୋଞ୍ଜେଟିଙ୍କୁ ୬-୧, ୭-୬ (୭-୪)ରେ ହରାଇ ଦେଇଛନ୍ତି। ଚାମ୍ପିୟନଶିପ୍‌ର ୩ ମଧ୍ୟରେ ମହିଳା ଡ୍ର'ର ଟପ୍ ୧୦ ସିଡ୍ ମଧ୍ୟରୁ ଯେଉଁ କେତେଜଣ ଖେଳାଳି ତିଷ୍ଠି ରହିଛନ୍ତି, ସେମାନଙ୍କ ମଧ୍ୟରେ ଏହି ୧୮ବର୍ଷୀୟା ଖେଳାଳି ଅନ୍ୟତମ। କୋକୋ ଗଫ୍ ଏବଂ ଗତବର୍ଷର ରନରଅପ୍ ଜସ୍ମିନ ପାଓଲିନି ଇତିମଧ୍ୟରେ ବିଦାୟ ନେଇ ସାରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ୧୦ମ ସିଡ୍ ଏମା ନାଭାରୋ କୋର୍ଟ ନମ୍ବର ୩ରେ ବିଶ୍ୱର ୪୬ତମ ଖେଳାଳି ରୁଷିଆର ଭେରୋନିକା କୁଦରମେଟୋଭାଙ୍କୁ ୬-୧, ୬-୨ରେ ପରାସ୍ତ କରିଛନ୍ତି।


ମୀରା ଆନ୍ଦ୍ରିଭା

**ବାଲାଜୀ ଦ୍ୱିତୀୟ ରାଉଣ୍ଡରେ:** ଭାରତର ଏନ୍ ଶ୍ରୀରାମ ବାଲାଜୀ ପୁରୁଷ ଡବଲ୍ସ ଇଭେଣ୍ଟରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୱାର୍ଲ୍ଡ ନଂ-୭୪ ବାଲାଜୀ ଓ ତାଙ୍କ ମେକ୍ସିକାନ ପାର୍ଟନର ମିଗୁଏଲ ରେୟେସ-ଭରେଲା ୬-୪, ୬-୪ ସେଟ୍‌ରେ ଲିର୍ନର ତିଏନ ଓ ଆଲେକ୍ସାଣ୍ଡର କୋଭାସେଭିଙ୍କୁ ପରାସ୍ତ କରିଛନ୍ତି।

# ଭାରତରେ ଖେଳିପାରିବ ପାକିସ୍ତାନ ହକି ଦଳ

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ଆସନ୍ତା ମାସରେ ଭାରତରେ ହେବାକୁଥିବା ଏସିଆ କପ୍ ଏବଂ ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିପାରିବ। ଦୁଇ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ସତ୍ତ୍ୱେ ଏହ ଦେଶକୁ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ବାରଣ କରାଯାଇପାରିବ ନାହିଁ। କାରଣ ଏହାଦ୍ୱାରା ଅଲିମ୍ପିକ ସନନ୍ଦର ଉଲ୍ଲଂଘନ ହେବ ବୋଲି ଗୁରୁବାର କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ଜଣାଯାଇଛି। ଏସିଆ କପ୍ ବିହାରର ରାଜଗିରିରେ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୭ପର୍ଯ୍ୟନ୍ତ ହେବାକୁଥିବା ବେଳେ ଜୁନିୟର ବିଶ୍ୱକପ୍ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ପର୍ଯ୍ୟନ୍ତ ଖେଳାଯିବ। ଦେଶରେ ଏକ ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କୌଣସି ଦଳକୁ ଆମେ ବାରଣ କରିପାରିବୁ ନାହିଁ। ଆମେ ପାକିସ୍ତାନକୁ ରୋକିଲେ ଅଲିମ୍ପିକ ସନନ୍ଦର ଉଲ୍ଲଂଘନ ହେବ। ମାତ୍ର ଦ୍ୱିପାକ୍ଷିକ ପ୍ରତିଯୋଗିତା କ୍ଷେତ୍ରରେ ଭିନ୍ନ ନୀତି ଆପଣାଇବାକୁ ପଡ଼ିବ। ଏଥିରେ କୋହଳ ଅବଲମ୍ବନ କରିବାର ପ୍ରଶ୍ନ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ସନନ୍ଦ ହେଉଛି ଅଲିମ୍ପିକ ଆନ୍ଦୋଳନର ସମ୍ବିଧାନ ଭଳି। ଅନ୍ତର୍ଜାତୀୟ ଶାନ୍ତି ଓ ସହଯୋଗକୁ ଏହା ପ୍ରୋତ୍ସାହିତ କରିଥାଏ। ଯଦି ଏହି ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଏକ ପ୍ରତିଦ୍ୱନ୍ଦ୍ୱୀ ଦେଶକୁ ଅଂଶଗ୍ରହଣ କରିବାରେ ବାରଣ କରାଯାଏ ତେବେ ଭାରତ ଭବିଷ୍ୟତରେ ଏଭଳି ଟୁର୍ନାମେଣ୍ଟର ଆୟୋଜନରୁ ବଞ୍ଚିତ ହୋଇପାରେ। ସେପ୍ଟେମ୍ବରରେ ଏସିଆକପ୍ କ୍ରିକେଟର ଆୟୋଜନ କରାଯାଇଛି। ଏଥିରେ ପାକିସ୍ତାନ ସହିତ ଖେଳିବା ଲାଗି ଭାରତକୁ ଅନୁମତି ମିଳିବ କି ବୋଲି ପ୍ରଶ୍ନ ହେବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ଆଲୋଚନା କରି ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ଟୁର୍ନାମେଣ୍ଟରେ ଖେଳିବା ଲାଗି ଅନୁରୋଧ ପତ୍ର ଆସିଲେ ସେକଥା ବିଚାର କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ପ୍ରାୟ ଦୁଇ ଦଶନ୍ଧି ଧରି ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ କ୍ରିକେଟ ସମ୍ପର୍କ ନାହିଁ। ଏପ୍ରିଲରେ ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ଆହୁରି ବୃଦ୍ଧି ପାଇଛି। ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣରୁ ଆମେ ନ ଓହରୁ ବୋଲି ଅନ୍ତର୍ଜାତୀୟ କ୍ରୀଡ଼ା ଚାହୁଁଛି। ଉଦାହରଣ ସ୍ୱରୂପ ବର୍ତ୍ତମାନ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିଲେ ମଧ୍ୟ ଏହି ଦୁଇଦେଶ ବହୁରାଷ୍ଟ୍ରୀୟ ଇଭେଣ୍ଟଗୁଡ଼ିକରେ ଭାଗ ନେଉଛନ୍ତି। ଭାରତରେ ହେବାକୁଥିବା ଏସିଆ କପ୍ ଓ ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନକୁ ଅଂଶଗ୍ରହଣ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମତି ଦେବା ନିଷ୍ପତ୍ତିକୁ ହକି ଇଣ୍ଡିଆ (ଏଚ୍‌ଆଇ) ସ୍ୱାଗତ କରିଛି।



Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ